CMYK

- Vol.- 46, Issue No. 43
- Thursday, 14 May 2026
- ଗୁରୁବାର, ୧୪ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୭୨ ଟଙ୍କା

★ ଖରିଫ୍ ବିପଣନ ଋତୁରେ ୧୪ ଫସଲର ଏମଏସ୍‌ପି ବୃଦ୍ଧି ★ ମିଳିଲା କ୍ୟାବିନେଟ୍ ମଞ୍ଜୁରି



ନୂଆଦିଲ୍ଲୀ, ୧୩।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବୁଧବାର ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)କୁ ଅନୁମୋଦନ କରିଛି । ୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ବିଭିନ୍ନ ଫସଲର ଏମଏସପି ବୃଦ୍ଧି କରାଯାଇଛି । ଚାଷୀମାନଙ୍କୁ ସେମାନଙ୍କ ଫସଲର ଲାଭକାରୀ ମୂଲ୍ୟ ପ୍ରଦାନ କରିବା ଲାଗି ସରକାର ୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ଏମଏସପି ବୃଦ୍ଧି କରିଛନ୍ତି । ଗତ ବର୍ଷ ତୁଳନାରେ ସୂର୍ଯ୍ୟମୁଖୀ ମଞ୍ଜି ଉପରେ କ୍ୱିଣ୍ଟାଲ ପିଛା ୬୨୨ ଟଙ୍କାର ସବୁଠୁ ଅଧିକ ଏମଏସପି ବୃଦ୍ଧି କରାଯାଇଛି । ଏହାପରେ କପା କ୍ୱିଣ୍ଟାଲ ପିଛା ୫୫୭ ଟଙ୍କା, ଅଳସୀ କ୍ୱିଣ୍ଟାଲ ପିଛା ୫୧୫ ଟଙ୍କା ଏବଂ ରାଶି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି କରାଯାଇଛି । ସାଧାରଣ ଧାନ ଏବଂ ଗ୍ରେଡ୍ ଏ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୭୨ ଟଙ୍କା ବୃଦ୍ଧି କରାଯାଇଛି । ଉତ୍ପାଦନ ଖର୍ଚ୍ଚରେ ଫସଲ ଅମଳ ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କରାଯାଉଥିବା ସବୁ ବ୍ୟୟ ସାମିଲ ରହିଛି । ୨୦୧୮-୧୯ କେନ୍ଦ୍ର ବଜେଟରେ ସର୍ବଭାରତୀୟ ସ୍ତରରେ ଲାଗୁ ହାରାହାରି ଉତ୍ପାଦନ ଖର୍ଚ୍ଚର ଅତି କମରେ ୧.୫ ଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିବା ଲାଗି ଘୋଷଣା କରାଯାଇଥିଲା । ଏହାକୁ ଆଧାର କରି ୨୦୨୬-୨୭ ବିପଣନ ଋତୁ ପାଇଁ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି । ମୁଗ (୬୧%) ପରେ ବାଜରା (୫୬%), ମକା (୫୬%) ଏବଂ ତୁର/ହରଡ଼ (୫୪%) କ୍ଷେତ୍ରରେ ଚାଷୀଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ଆଶା କରାଯାଇଥିବା ଲାଭ ସର୍ବାଧିକ ହେବ ବୋଲି ଆକଳନ କରାଯାଇଛି । ବାକି ଫସଲ ନିମନ୍ତେ ଚାଷୀଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ୫୦% ଲାଭ ହେବ ବୋଲି ଆକଳନ କରାଯାଇଛି । ଗତ କିଛି ବର୍ଷ ହେବ ସରକାର ଡାଲି ଏବଂ ତୈଳବୀଜ ଭଳି ଶସ୍ୟ ଏବଂ ପୁଷ୍ଟିକର ଶସ୍ୟ/ ଶ୍ରୀଅନ୍ନ ପରି ଶସ୍ୟ ବ୍ୟତୀତ ଅନ୍ୟାନ୍ୟ ଫସଲ ଚାଷକୁ ପ୍ରୋତ୍ସାହିତ କରିଆସୁଛନ୍ତି । ଏହି ଫସଲ ପାଇଁ ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯାଇଛି ।

## ସିବିଏସ୍‌ଇ ଦ୍ୱାଦଶ ଫଳାଫଳ ପ୍ରକାଶିତ

# ପାସ ହାର ୮୫.୨୦ ପ୍ରତିଶତ



- ପୁଣି ବାଜି ମାରିଲେ ଛାତ୍ରୀ
- ତିରୁବନନ୍ତପୁରମ୍ କ୍ଷେତ୍ର ସର୍ବାଗ୍ରେ

ନୂଆଦିଲ୍ଲୀ, ୧୩।୫: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ବୁଧବାର ୧୨ମ ଶ୍ରେଣୀର ପରୀକ୍ଷା ଫଳାଫଳ ଘୋଷଣା କରିଛି । ଚଳିତ ବର୍ଷ ମୋଟ ୮୫.୨୦ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ସଫଳ ହୋଇଛନ୍ତି, ଯାହା ଗତ ବର୍ଷ ତୁଳନାରେ ୩.୧୯ ପ୍ରତିଶତ କମ୍ । ପରୀକ୍ଷା ଫଳାଫଳରେ ଝିଅମାନଙ୍କର ପ୍ରଦର୍ଶନ ପୁଅମାନଙ୍କଠାରୁ ଭଲ ରହିଛି । ବୋର୍ଡ ପକ୍ଷରୁ ଜାରି ହୋଇଥିବା ତଥ୍ୟ ଅନୁସାରେ, ଏହି ବର୍ଷ ୧୭,୮୦,୩୬୫ ଜଣଛାତ୍ରଛାତ୍ରୀ ପଂଜୀକରଣ କରିଥିଲେ, ସେଥି ମଧ୍ୟରୁ ୧୭,୬୮,୮୧୮ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୫,୦୭,୧୦୯ ଜଣ ସଫଳ ଘୋଷିତ ହୋଇଛନ୍ତି । ପାସ୍ ପ୍ରତିଶତରେ ୩.୧୯ ପ୍ରତିଶତ ହ୍ରାସ ଘଟିଛି, ଯାହା ୨୦୨୫ର ୮୮.୩୯ ପ୍ରତିଶତରୁ କମି ୨୦୨୬ରେ ୮୫.୨୦ ପ୍ରତିଶତ ହୋଇଛି ।ସିବିଏସଇ ଅନୁସାରେ, ଝିଅମାନଙ୍କର ପାସ ପ୍ରତିଶତ ୮୮.୮୬ ରହିଥିବାବେଳେ, ପୁଅମାନଙ୍କର ପାସ ପ୍ରତିଶତ ୮୨.୧୩ ରେକର୍ଡ କରାଯାଇଛି । ଏହିପରି ଝିଅମାନେ ପୁଅମାନଙ୍କଠାରୁ ୬.୭୩ ପ୍ରତିଶତ ଭଲ ପ୍ରଦର୍ଶନ କରିଛନ୍ତି ।କ୍ଷେତ୍ରଭିତ୍ତିକ ପ୍ରଦର୍ଶନରେ ତିରୁବନନ୍ତପୁରମ୍ କ୍ଷେତ୍ର ସର୍ବାଗ୍ରେ ରହିଛି,ଯେଉଁଠାରେ ୯୫.୬୨ ପ୍ରତିଶତ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି । ଏହାପରେ ଚେନ୍ନାଇ,ବେଙ୍ଗାଲୁରୁଏବଂ ବିଜୟୱାଡା କ୍ଷେତ୍ରର ସ୍ଥାନ ରହିଛି । ଦିଲ୍ଲୀ ପଶ୍ଚିମ କ୍ଷେତ୍ରର ଫଳାଫଳ ୯୨.୩୪ ପ୍ରତିଶତ ଏବଂ ଦିଲ୍ଲୀ ପୂର୍ବ କ୍ଷେତ୍ରର ଫଳାଫଳ ୯୧.୭୩ ପ୍ରତିଶତ ରହିଛି । ସମଗ୍ର ଦିଲ୍ଲୀ କ୍ଷେତ୍ରର ପାସ୍ ପ୍ରତିଶତ ୯୧.୯୭ ପ୍ରତିଶତ ରହିଥିବାବେଳେ, ପ୍ରୟାଗରାଜରେ ସବୁଠାରୁ କମ୍ ୭୨.୪୩ ପ୍ରତିଶତ ପାସ୍ ହାର ରେକର୍ଡ ହୋଇଛି ।ବିଦେଶସ୍ଥିତ ସିବିଏସଇ ବିଦ୍ୟାଳୟଗୁଡ଼ିକର ଫଳାଫଳ ୯୦.୫୦ ପ୍ରତିଶତ ରହିଛି । ଏହାସହ ଦିବ୍ୟାଙ୍ଗ (ସିଡବ୍ଲ୍ୟୁଏସଏନ୍) ଛାତ୍ରଛାତ୍ରୀଙ୍କର ପାସ ପ୍ରତିଶତ ୯୦.୧୬ ରେକର୍ଡ କରାଯାଇଛି । ବୋର୍ଡ ଜଣାଇଛି ଯେ, ଏହି ବର୍ଷ ୧,୬୩,୮୦୦ ଜଣ ଛାତ୍ରଛାତ୍ରୀଙ୍କୁ କମ୍ପାର୍ଟମେଣ୍ଟ ଶ୍ରେଣୀରେ ରଖାଯାଇଛି, ଯାହା ମୋଟ ପରୀକ୍ଷାର୍ଥୀଙ୍କର ୯.୨୬ପ୍ରତିଶତ । ଏହାଛଡ଼ା, ୯୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ନମ୍ବରପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୯୪,୦୨୮ ରହିଥିବାବେଳେ,୯୫ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ୧୭,୧୧୩ ଜଣ ଛାତ୍ରଛାତ୍ରୀ ରହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ କମିଲା



- ସୁନା କିଣିବା ଓ ଅନାବଶ୍ୟକ ବିଦେଶଗସ୍ତକୁ ନା
- ଗାଡ଼ିର ଅନାବଶ୍ୟକ ବ୍ୟବହାର ବନ୍ଦ ହେଉ
- ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଦିଅନ୍ତୁ ରାଜ୍ୟବାସୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୫: ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ବିଭିନ୍ନ ଖର୍ଚ୍ଚକାଟ, ବିଶେଷକରି ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ସ୍ୱାଗତ କରି ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ଗାଡି ଗୁଡ଼ିକୁ କମ୍ କରି ଅଧା କରିଦେଇଛନ୍ତି । ଏହା ସହିତ, ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ, ବ୍ୟକ୍ତିଗତ ଗାଡିରେ ଯିବାଆସିବା କମ୍ କରିବା ସହିତ, ଅଧିକ ମାତ୍ରାରେ ସାଧାରଣ ପରିବହନ (ପବ୍ଲିକ ଟ୍ରାନ୍ସପୋର୍ଟ) ବ୍ୟବହାର କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । କେବଳ ଆବଶ୍ୟକ ସ୍ଥଳରେ ଗାଡି ବ୍ୟବହାର କରି ଅନାବଶ୍ୟକ ବ୍ୟବହାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ସୁନା କିଣିବା ଓ ଅନାବଶ୍ୟକ ବିଦେଶଗସ୍ତ ନକରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

# ସରକାରୀ ବସ୍ ସେବା ବ୍ୟବହାର କରିବି: ପରିବହନ ମନ୍ତ୍ରୀ

## ଇଭି ସବସିଡି ୨୦୨୮ ପର୍ଯ୍ୟନ୍ତ ବୃଦ୍ଧି



ଭୁବନେଶ୍ୱର, ୧୩।୫(ନିପ୍ର): ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇନ୍ଧନ ସଞ୍ଚୟ ଏବଂ ଦାୟିତ୍ୱଶୀଳ ପରିବହନ ସମ୍ବନ୍ଧୀୟ ଆହ୍ୱାନକୁ ସମର୍ଥନ କରି ଲୋକମାନଙ୍କୁ ଇନ୍ଧନ ବ୍ୟବହାର କମାଇବା ସହ ଇଲେକ୍ଟ୍ରିକ୍ ଯାନ (ଇଭି) ବ୍ୟବହାର ବଢାଇବାକୁ ଅନୁରୋଧ କରିଛନ୍ତି । ମନ୍ତ୍ରୀ ନାଗରିକମାନଙ୍କୁ ପରିବେଶ-ଅନୁକୂଳ ଯାତ୍ରା ଅଭ୍ୟାସ ଆପଣାଇବା ଏବଂ ପାରମ୍ପରିକ ଇନ୍ଧନ ଚାଳିତ ଯାନ ଉପରେ ଅନାବଶ୍ୟକ ନିର୍ଭରଶୀଳତା କମାଇବାକୁ ଆହ୍ୱାନ କରିଥିଲେ । ଜେନା କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଅଧିକରୁ ଅଧିକ ଇଭି ବ୍ୟବହାର କରିବା, ଅନାବଶ୍ୟକ ଯାତ୍ରାରୁ ଦୂରେଇ ରହିବା ଏବଂ ଜଣେ ବ୍ୟକ୍ତି ପାଇଁ ଅଲଗାଯାନ ବ୍ୟବହାର କମାଇବାକୁ ପରାମର୍ଶ ଦେଇଛନ୍ତି । ସ୍ୱଚ୍ଛ ପରିବହନକୁ ଉତ୍ସାହିତ କରିବା ପାଇଁ ଇଭି ଉପରେ ଦିଆଯାଉଥିବା ସବସିଡିକୁ ୨୦୨୮ ପର୍ଯ୍ୟନ୍ତ ବଢାଯାଇଛି । ମନ୍ତ୍ରୀ ନାଗରିକମାନଙ୍କୁ ବ୍ୟକ୍ତିଗତ ଯାନ ପରିବର୍ତ୍ତେ 'ଆମ ବସ୍' ପରି ସାର୍ବଜନୀନ ପରିବହନ ସେବାର ଅଧିକ ବ୍ୟବହାର କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି ।

# ହିନ୍ଦୁ ଧର୍ମ ଏକ ଜୀବନଶୈଳୀ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୫: ହିନ୍ଦୁ ଧର୍ମ ଉପରେ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ । ଟିପ୍ପଣୀରେ କୁହାଯାଇଛି ଯେ ଏହା କେବଳ ଏକ ପୂଜା-ପଦ୍ଧତି ନୁହେଁ, ବରଂ ଜୀବନ ଜିଇଁବାର ଏକ ଶୈଳୀ । ହିନ୍ଦୁ ହୋଇ ରହିବା ପାଇଁ ମନ୍ଦିର ଯିବା କିମ୍ବା କୌଣସି ନିର୍ଦ୍ଦିଷ୍ଟ ରୀତିନୀତି ପାଳନ କରିବା ଅନିବାର୍ଯ୍ୟ ନୁହେଁ; ଘରେ ପ୍ରଦୀପଟିଏ ଜାଳିବା ମଧ୍ୟ ଆସ୍ଥାର ପ୍ରମାଣ ।ଧାର୍ମିକ ସ୍ୱାଧୀନତା ଏବଂ ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ମାମଲାର ଶୁଣାଣି ବେଳେ ଏହି ମନ୍ତବ୍ୟ ଦେଇଛନ୍ତି । କୌଣସି ବ୍ୟକ୍ତିର ହିନ୍ଦୁତ୍ୱକୁ ପ୍ରମାଣିତ କରିବା ପାଇଁ ତାଙ୍କର ବିଶ୍ୱାସ ହିଁ ଯଥେଷ୍ଟ ।ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ ସମ୍ବିଧାନ ପୀଠ ଏହି ଶୁଣାଣି କରୁଛନ୍ତି । ଏହି ପୀଠରେ ଜଷ୍ଟିସ ବି.ଭି. ନାଗରତ୍ନ, ଏମ.ଏମ. ସୁନ୍ଦରେଶ, ଅହସାନୁଦ୍ଦିନ ଅମାନୁଲ୍ଲା, ଅରବିନ୍ଦ କୁମାର, ଅଗଷ୍ଟିନ ଜର୍ଜ ମସିହ, ପ୍ରସନ୍ନ ବି. ବରାଲେ, ଆର. ମହାଦେବନ ଏବଂ ଜୟମାଲ୍ୟ ବାଗଚି ସାମିଲ ଅଛନ୍ତି । ଏହି ପୀଠ ଶବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ଏବଂ ବିଭିନ୍ନ ଧର୍ମରେ ପ୍ରଚଳିତ ପରମ୍ପରା ସହ ଜଡ଼ିତ ବ୍ୟାପକ ପ୍ରସଙ୍ଗର ବିଚାର କରୁଛନ୍ତି ।ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ ଡକ୍ଟର ଜି. ମୋହନ ଗୋପାଳ ୧୯୬୬ର ଏକ ପୁରୁଣା ନିଷ୍ପତ୍ତିର ସୂଚନା ଦେଇଥିଲେ, ଯେଉଁଥିରେ ଅଦାଲତ ହିନ୍ଦୁର ସଂଜ୍ଞା ଦେଇ କହିଥିଲେ ଯେ- 'ଯିଏ ବେଦକୁ ଧର୍ମ ଏବଂ ଦର୍ଶନ କ୍ଷେତ୍ରରେ ସର୍ବୋଚ୍ଚ ବୋଲି ମାନନ୍ତି, ସେ ହିଁ ହିନ୍ଦୁ' ।



## ଫିଲିପାଇନସ ସଂସଦରେ ଗୁଳିକାଣ୍ଡ

ମାନିଲା,୧୩।୫: ମାନବତା ବିରୋଧୀ ଅପରାଧ ପାଇଁ ଅନ୍ତର୍ଜାତୀୟ ଅପରାଧ ଅଦାଲତ(ଆଇସିସି) ଦ୍ୱାରା ଖୋଜାଯାଉଥିବା ଜଣେ ସିନେଟରଙ୍କୁ ଗିରଫ କରିବାକୁ ପୋଲିସ ଏବଂ ନାବିକମାନେ ବୁଧବାର ଫିଲିପାଇନସ ସଂସଦରେ ପ୍ରବେଶ କରିଥିଲେ । ଏହି ସମୟରେ ସଂସଦରେ ଏକ ଡଜନରୁ ଅଧିକ ଗୁଳି ବାଜିଥିଲା ।ପ୍ରାୟ ୧୫ ଗୁଳି ବାଜିଥିଲା । ଏହା ପରେ ସୁରକ୍ଷା ବାହିନୀ କୋଠା ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫିଲିପାଇନ୍ସ ସିନେଟର ରୋନାଲ୍ଡ ଡେଲା ରୋଜା ପୂର୍ବରୁ କହିଥିଲେ ଯେ ସେ ତାଙ୍କ ଗିରଫଦାରି ଆଶା କରୁଛନ୍ତି, ତାଙ୍କୁ ଅଟକ ରଖାଯାଇ ଆଇସିସିକୁ ପଠାଯିବାରୁ ରୋକିବା ପାଇଁ ଲୋକଙ୍କୁ ସଂସଦକୁ ଆସିବାକୁ ଅନୁରୋଧ କରିଥିଲେ ।

## ଉପରମୁହାଁ ସୁନା ଦର



ଭୁବନେଶ୍ୱର,୧୩।୫: ଆମଦାନୀ ଶୁଳ୍କ ବୃଦ୍ଧି ପରେ ଦେଶରେ ଉପରମୁହାଁ ହୋଇଛି ସୁନା ଦର । ୨୪ କ୍ୟାରେଟ୍ ସୁନା ଦର ଏକାଥରକେ ୧୩,୯୧୦ ଟଙ୍କାକୁ ବୃଦ୍ଧି ପାଇଛି । ବୁଧବାର ବୃଦ୍ଧି ପାଇ ୧ଲକ୍ଷ ୬୭ ହଜାର ୮୯୦ ଟଙ୍କା ହୋଇଛି । ସେହିପରି ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧୨,୭୫୦ ଟଙ୍କା ବୃଦ୍ଧି ପାଇ ୧ଲକ୍ଷ ୫୩ ହଜାର ୯୦୦ ଟଙ୍କାରେ ପହଞ୍ଚିଛି । ୧୮ କ୍ୟାରେଟ୍ ସୁନା ଦର ୧୦ ହଜାର ୪୩୦ ଟଙ୍କା ବଢି ୧ ଲକ୍ଷ ୨୫ ହଜାର ୯୨୦ ଟଙ୍କା ହୋଇଛି । ଅନ୍ୟପଟେ ରୁପା ମଧ୍ୟ ଢେର ବଢ଼ିଛି । ରୁପା ୧ କେଜି ପିଛା ୩୦ ହଜାର ଟଙ୍କା ବଢ଼ିଛି । ରୁପା ଦର ବୃଦ୍ଧି ପାଇ ୩ ଲକ୍ଷ ୩୦ ହଜାର ଟଙ୍କାରେ ପହଞ୍ଚିଛି ।

# ବିଜୟଙ୍କ 'ସୁପରବିଜୟ'

➔ ତାମିଲନାଡୁରେ ଟିଭିକେ ସରକାରକୁ ବହୁମତ
➔ ୧୪୪ ମତରୁ ଏଆଇଏଡିଏମ୍‌କେର ଥିଲା ୨୭



ଚେନ୍ନାଇ,୧୩।୫: ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ତାମିଲଗା ଭେଟ୍ରି କଡଗମ୍ (ଟିଭିକେ) ସରକାର ଆସ୍ଥା ଭୋଟ୍ ହାସଲ କରିଛି । ବିଜୟ ସଦନରେ ୧୪୪ ଜଣ ବିଧାନସଭା ସଦସ୍ୟଙ୍କ ସମର୍ଥନ ପାଇଥିଲେ । ସରକାରଙ୍କ ପକ୍ଷରେ ଏଆଇଏଡିଏମକେର ୨୭ ଜଣ ସଦସ୍ୟ ମଧ୍ୟ ଭୋଟ୍ ଦେଇଥିଲେ । ତାମିଲନାଡୁରେ ରାଜନୈତିକ ଚଞ୍ଚଳତା ମଧ୍ୟରେ ବୁଧବାର ସକାଳ ୯:୩୦ରେ ବିଧାନସଭାର କାର୍ଯ୍ୟବିଧି ଆରମ୍ଭ ହୋଇଥିଲା । ତାମିଲନାଡୁର ଟିଭିକେ ସରକାରକୁ କ୍ଷମତାରେ ରହିବା ପାଇଁ କମ୍ ସେ କମ୍ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା । ଆସ୍ଥାଭୋଟ୍ ସମୟରେ ସରକାରଙ୍କୁ ୧୪୪ ଜଣ ସଦସ୍ୟଙ୍କ ସମର୍ଥନମିଳିଥିଲା ଏବଂ ସେମାନେ ବହୁମତ ହାସଲ କରିଥିଲେ । ଟିଭିକେ ସରକାରଙ୍କ ପକ୍ଷରେ ପାର୍ଟିର ୧୦୬ ଜଣ ବିଧାୟକଙ୍କ ସହ କଂଗ୍ରେସର ୫ ଜଣ, ବିଦୁଥଲାଇଚିରୁଥାଇଗଲ୍ କାଚିର ୨ ଜଣ, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ୨ଜଣ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨ ଜଣ ଏବଂ ଇଣ୍ଡିଆନ୍ ୟୁନିୟନ୍‌ମୁସଲିମ୍ ଲିଗ୍ର ୨ ଜଣ ବିଧାୟକ ମଧ୍ୟ ଭୋଟ୍ ଦେଇଥିଲେ । ଏହାସହ ସ୍ୱାଧୀନ ବିଧାୟକ କାମରାଜ ମଧ୍ୟସରକାରଙ୍କୁ ସମର୍ଥନ କରିଥିଲେ । ଏହାଛଡ଼ା ଏଆଇଏଡିଏମକେର ୨୭ ଜଣ ସଦସ୍ୟ ମଧ୍ୟ ସରକାରଙ୍କ ପକ୍ଷରେ ଭୋଟ୍ ଦେଇଥିଲେ । ଏହିପରି ମୁଖ୍ୟମନ୍ତ୍ରୀ ବିଜୟ ଗୃହରେ ବହୁମତ ସାବ୍ୟସ୍ତ କରିଛନ୍ତି ।

# ନିଶା ଦେଇ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଗଣଦୁଷ୍କର୍ମ



- ପୁରୁଷ ବନ୍ଧୁ ସମେତ ୪ ଅଭିଯୁକ୍ତ ଗିରଫ
- ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ସହ ହେଲା ବୟାନ ରେକର୍ଡ

ଭୁବନେଶ୍ୱର,୧୩।୫(ନିପ୍ର): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି । ଏକ ଘରୋଇ କଲେଜର ଇଞ୍ଜିନିୟରିଂ ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ଇନ୍‌ଫୋସିଟି ଥାନା ଅନ୍ତର୍ଗତ କାଇମାଟିଆ ଅଞ୍ଚଳରେ ଏଭଳି ଘଟଣା ଘଟିଛି । ପୀଡ଼ିତାଙ୍କ ପକ୍ଷରୁ ଏତଲା ହେବା ପରେ କମିଶନରେଟ୍ ପୋଲିସ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । କୁହାଯାଇଛି ଯେ, ପୁରୁଷବନ୍ଧୁର ରୁମ୍‌ରେ ହିଁ ପୀଡ଼ିତାଙ୍କ ସହ ଏଭଳି ଅମାନବୀୟ ଆପରାଧିକ କାଣ୍ଡ ଘଟିଛି । ଇନ୍‌ଫୋସିଟି ଥାନା ପୋଲିସ ପୀଡ଼ିତାଙ୍କ ପୁରୁଷବନ୍ଧୁ ସମେତ ୪ ଜଣଙ୍କୁ ବୁଧବାର ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଶୁଭଙ୍କର ପାଢ଼ୀ, ସିପୁନ ବେହେରା, ରଞ୍ଜନ ବେହେରା ଓ ରତିରଞ୍ଜନ ତରାଇ । ଅଭିଯୁକ୍ତ ଶୁଭଙ୍କର ହିଁ ପୀଡ଼ିତାଙ୍କ ପୁରୁଷବନ୍ଧୁ ବୋଲି ପୋଲିସ ସୂଚନା ଦେଇଛି । ଅନ୍ୟପକ୍ଷରେ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ସହ ବୟାନ ମଧ୍ୟ ରେକର୍ଡ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, କାଇମାଟିଆ ଅଞ୍ଚଳରେ ପୁରୁଷ ବନ୍ଧୁ ଶୁଭଙ୍କରଙ୍କ ଭଡ଼ାଘର ରହିଛି । ଶୁଭଙ୍କର ଓ ପୀଡିତା ଗୋଟିଏ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢ଼ନ୍ତି । ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ୨୦ ଦିନ ତଳେ ତାଙ୍କ ସହ ଦୁଷ୍କର୍ମ କାଣ୍ଡ ଘଟିଥିଲା । ସେ ଶୁଭଙ୍କରଙ୍କ ରୁମ୍‌କୁ ଖାଇବାକୁ ଯାଇଥିଲେ । ସେହି ସମୟରେ ସେଠାରେ ଶୁଭଙ୍କରର ଅନ୍ୟ ୩ ସାଙ୍ଗ ମଧ୍ୟ ଥିଲେ । ପୀଡ଼ିତା ମୃଦୁ ପାନୀୟ ପିଇବା ପରେ ତାଙ୍କ ମୁଣ୍ଡ ବୁଲାଇଥିଲା । ସେ ଶୋଇପଡ଼ିବା ପରେ ଅଭିଯୁକ୍ତମାନେ ତାଙ୍କ ସହ ଦୁଷ୍କର୍ମ କରିଥିଲେ । ନିଦ ଭାଙ୍ଗିବା ପରେ ସେ ଏକଥା ଜାଣିବାକୁ ପାଇଥିଲେ । ଥାନାଧିକାରୀ ଗୟାନନ୍ଦ ଶାହା କହିଛନ୍ତି, ପୀଡିତାଙ୍କ ପକ୍ଷରୁ ମଙ୍ଗଳବାର ଏତଲା ହୋଇଥିଲା । ଆମେ ତୁରନ୍ତ ମାମଲା ପଂଜୀକୃତ କରି ଆଇନଗତ ପ୍ରକ୍ରିୟା ଆରମ୍ଭ କରିଥିଲୁ । ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଘଟଣାରେ ଅଧିକ ତଦନ୍ତ ଚାଲୁ ରହିଛି । ସୂଚନାଯୋଗ୍ୟ ଯେ ଦୁଇ ସପ୍ତାହ ତଳେ ଜଣେ ଅଣଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ମାମଲାରେ ଜଣେ ତେଜରାତି ଦୋକାନୀକୁ ଇନ୍‌ଫୋସିଟି ପୋଲିସ ଗିରଫ କରିଥିଲା । ଭଡ଼ା ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ବୃଦ୍ଧ ଜଣକ ଏହି କାଣ୍ଡ ଘଟାଇଥିଲା । ଏହି ଘଟଣାରେ ଅଭିଯୁକ୍ତ ତଥା ଇନଫୋସିଟି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ମାଝୀସାହିର ଦୀପକ ଚନ୍ଦ୍ର ପ୍ରଧାନ (୬୭)ଙ୍କୁ ଜେଲ ପଠାଇ ଦିଆଯାଇଥିଲା ।

CMYK

ନବପ୍ରଭାତ



# ସଫଳ ଜୀବନ ଲାଗି ରାମାୟଣର ସୂତ୍ର

ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଥରେ କରି ବିଫଳ ହେବା ପରେ ସେ କାମରୁ ନିଜକୁ ଦୂରେଇ ନିଅନ୍ତି। ଏଥିପାଇଁ ପୁଣି ଥରେ ଉଦ୍ୟମ କରିନଥାନ୍ତି। ତେବେ ଏପରି ବିଚାରଧାରାରେ ରହୁଥିବା ଲୋକେ ହୁଏତ ଜାଣି ନଥିବେ ଏହା ଦ୍ୱାରା ସେମାନଙ୍କର ପ୍ରତିଭା ହାନି ହେଉଛି ଓ ଅସଫଳତାକୁ ସ୍ୱୀକାର କରି ସାରା ଜୀବନ ଗ୍ଲାନିରେ ରହିବାକୁ ବାଧ ହେଉଛନ୍ତି। ତେବେ ରାମାୟଣରେ ସୁଖୀ ଓ ସଫଳ ଜୀବନ ଲାଗି ଅନେକ ଛୋଟଛୋଟ ଉଦାହରଣ ମିଳେ। ଯଦି ରାମାୟଣର ଏହି ସୂତ୍ରକୁ ଆମେ ସ୍ୱୀକାର କରିବା ତେବେ ଜୀବନରେ ଅନେକ ବାଧା ଦୂର ହେବା ସହ ସଫଳତା ନିଶ୍ଚିତ ହାସଲ କରିପାରିବା। ରାମାୟଣର ସୁନ୍ଦରାକାଣ୍ଡରେ ହନୁମାନ ମାତା ସୀତାଙ୍କ ସନ୍ଧାନରେ ଲଙ୍କାକୁ ପ୍ରବେଶ କରିଥିଲେ। ହନୁମାନ ଆଗରୁ କେବେ



ସୀତାଙ୍କୁ ଦେଖିନଥିଲେ। ଏଣୁ ସବୁ ଗଳିକନ୍ଦି ଲୋକଙ୍କ ଘରଘର ଖୋଜି ସୀତାଙ୍କୁ ନ ପାଇ ନିରାଶ ହୋଇପଡିଥିଲେ। ସୀତାଙ୍କୁ ଖୋଜିବାରେ ହନୁମାନ ରାବଣର ମହଲ ବି ଛାଡି ନଥିଲେ। ତେବେ ହନୁମାନ ସୀତାଙ୍କ ଗୁଣ ସମ୍ପର୍କରେ କିଛି ଜାଣି ଥିଲେ। ହେଲେ ଲଙ୍କାରେ ସେଭଳି ଗୁଣର କୌଣସି ମହିଳା ତାଙ୍କ ନଜରରେ ପଡିନଥିଲେ। ଏଣୁ ହନୁମାନଙ୍କ ମୁଣ୍ଡରେ ଏଣୁତେଣୁ ବିଚାର ପ୍ରବେଶ କରିଥିଲା। ଭାବିଲେ ଯଦି ଖାଲି ହାତରେ ଫେରିଯିବି ତେବେ ସମସ୍ତ ବାନର ବଂଶ ନାଶ ହେବା ସହ ସୀତାଙ୍କ ବିୟୋଗରେ ପ୍ରଭୁ ରାମଚନ୍ଦ୍ର ବି ପ୍ରାଣ ତ୍ୟାଗ କରିଦେବେ। ଏଣୁ କ'ଣ କରିବେ କିଛି ନିଷ୍ପତ୍ତିରେ ପହଞ୍ଚିପାରିନଥିଲେ। ତେବେ ହନୁମାନଙ୍କ ମନରେ ଏହି ବିଚାର ଆସିବା ମାତ୍ରେ ତାଙ୍କ ଦେହରେ ପୁଣି ଶକ୍ତି ସଞ୍ଚରି ଯାଇଥିଲା। ଏଣୁ ସେ ନିଜକୁ ନିଜେ ଲଙ୍କା ଯାତ୍ରାର ସମୀକ୍ଷା କରିବା ଲାଗିଲେ। ସୀତାଙ୍କୁ ଖୋଜିବାର ନୂଆ ଯୋଜନା ପ୍ରସ୍ତୁତ କରିଥିଲେ ହନୁମାନ। ସେହି ଅନୁସାରେ ଏପର୍ଯ୍ୟନ୍ତ ହନୁମାନ ରାକ୍ଷସଙ୍କ ବାସ ସ୍ଥାନରେ ସୀତାଙ୍କ ଅନୁସନ୍ଧାନ କରିଥିବା ଜାଣିବାକୁ ପାଇଥିଲେ। ଏଣୁ ନୂଆ ରଣନୀତି ଅନୁସାରେ ଯେଉଁ ସ୍ଥାନକୁ ରାକ୍ଷସଙ୍କ ଯିବା ବର୍ଜିତ ଏବେ ସେହି ସବୁ ସ୍ଥାନ



ଖୋଜିବାକୁ ନିଷ୍ପତ୍ତି ନେଲେ। ସେହି ଅନୁସାରେ ହନୁମାନ ସୀତାଙ୍କୁ ରାଜବାଟୀ ଉଦ୍ୟାନ ଓ ରାଜମହଲ ଆଖପାଖରେ ଖୋଜିବାକୁ ଲାଗିଲେ ଓ ଏଥିରେ ସଫଳ ହେଲେ। ହନୁମାନ ଶେଷରେ ସୀତାଙ୍କୁ ଅଶୋକ ବାଟିକାରେ ଠାବ କରିଥିଲେ। ହନୁମାନଙ୍କ ଗୋଟିଏ ବିଚାର ତାଙ୍କ ଅସଫଳତାକୁ ସଫଳତାରେ ବଦଳାଇ ଦେଇଥିଲା। ଆମ ସହିତ ବି ଅନେକ ଥର ଏପରି ହୋଇଥାଏ। କୌଣସି କାର୍ଯ୍ୟରେ ପ୍ରଥମେ ପ୍ରଥମେ ବାଧା ଓ ପ୍ରତିବନ୍ଧକ ଆସିଥାଏ। ହେଲେ ଏଥିରେ ହାରି ନଯାଇ ଉଦ୍ୟମ ଜାରି ରଖିଲେ ସଫଳତା ମିଳିବା ନିଶ୍ଚିତ ବୋଲି ରାମାୟଣର ଏହି ଉଦାହରଣ ପ୍ରେରଣା ଦିଏ ।

# କେବେ ପତ୍ରଝଡ଼ା ଦିଏନି ଏହି ବଟ ବୃକ୍ଷ

## ହଜାର ବର୍ଷ ପ୍ରାଚୀନ, ଏହାର ଇତିହାସ ହେଲେ ନାହିଁ ଓହଳ

ଉତ୍ତରପ୍ରଦେଶ ମୁଜାଫରନଗରର ମୋରନାରେ ରହିଛି ଏକ ବଟବୃକ୍ଷ। ଯାହାକୁ କେବଳ ସ୍ଥାନୀୟ ଅଞ୍ଚଳ କାହିଁକି ସମସ୍ତ ଦେଶରେ ଲୋକେ ଅକ୍ଷୟ ବଟ ନାମରେ ଜାଣନ୍ତି। କୁହାଯାଏ ଏହି ବଟ ବୃକ୍ଷର ଇତିହାସ ମହର୍ଷି ବ୍ୟାସଙ୍କ ପୁତ୍ର ସୁକଦେବଙ୍କ ସହ ଜଡିତ। ମହାଭାରତ କାଳର ଏହି ବଟବୃକ୍ଷକୁ ନେଇ ରହିଛି ଅନେକ ରୋଚକ କଥା। ତେବେ ସବୁଠୁ ବଡ କଥା ହେଉଛି ବର୍ଷରେ ପ୍ରତ୍ୟେକ ବଟବୃକ୍ଷ ଥରେ ପତ୍ରଝଡା ଦେଇଥାଏ। ହେଲେ ଏହି ବୃକ୍ଷ କେବେ ପତ୍ରଝଡା ଦିଏନିକି ଏତେ କାଳର ବରଗଛ ହୋଇମଧ୍ୟ ଏହାର ଗୋଟିଏ ଓହଳ ବି ନାହିଁ। ପୌରାଣିକ ଆଖ୍ୟାନ ଅନୁସାରେ ଏହି ବୃକ୍ଷ ମୂଳରେ ମହାରାଜ ପରିକ୍ଷିତଙ୍କୁ ଶାପମୁକ୍ତ କରିବା ଲାଗି ଶୁକମୁନି ଭାଗବତ ଶୁଣାଇଥିଲେ। ପରୀକ୍ଷିତ ମହାରାଜ ତୃଷାର୍ତ୍ତ ହୋଇ ମୁନିଙ୍କୁ ଜଳଦାନ ଲାଗି ନିବେଦନ କରିଥିଲେ। ତେବେ ଧ୍ୟାନସ୍ଥ ମୁନି ତାଙ୍କ କଥାର



କୌଣସି ଜବାବ ନ ଦେବାରୁ ପରୀକ୍ଷିତ ତାଙ୍କ ଗଳାରେ ମଲା ସାପ ପକାଇଦେଥିଲେ। ଏଥିଲାଗି ମୁନିଙ୍କ ପୁତ୍ର ପରୀକ୍ଷିତଙ୍କୁ ତକ୍ଷକ ଦଂଶନରେ ତାଙ୍କର ମୃତ୍ୟୁ ହେବ ବୋଲି କ୍ରୋଧରେ ଅଭିଶାପ ଦେଇଥିଲେ। ଏଣୁ ମୁନି ପୁତ୍ରଙ୍କ ଅଭିଶାପରେ ପରୀକ୍ଷିତଙ୍କ ମୃତ୍ୟୁ ନିଶ୍ଚିତ ଥିଲା। ଏଥିଲାଗି ତାଙ୍କୁ ଶାପମୁକ୍ତ କରିବା ନିମନ୍ତେ ଶୁକମୁନି ତାଙ୍କୁ ଭାଗବତ କଥା ଶୁଣାଇ ମୋକ୍ଷ ପ୍ରଦାନ କରିଥିଲେ। ଅକ୍ଷୟ ବଟ ନାମାନୁସାରେ ଅକ୍ଷୟ ଅର୍ଥାତ ଏହାର କ୍ଷୟ ନାହିଁ। କୁମ୍ଭ ମେଳା ଓ ବିଶେଷ ଅବସରରେ କେବଳ ଅକ୍ଷୟବଟ ସର୍ବସାଧାରଣଙ୍କ ଲାଗି ଉନ୍ମୁକ୍ତ ହୁଏ। ଅନ୍ୟଥା ଏହାକୁ କଡା ସୁରକ୍ଷା ମଧ୍ୟରେ ପ୍ରାଚୀର ବେଷ୍ଟନୀ କରି ରଖାଯାଇଛି।

# ଘିଅଦୀପ ଜଳାଇଲେ ମା'ଲକ୍ଷ୍ମୀ ପ୍ରୀତ ହୁଅନ୍ତି



ଦେବୀ ଦେବତାଙ୍କ ପୂଜାକୁ ସନାତନ ଧର୍ମର ସବୁଠୁ ମହତ୍ତ୍ୱପୂର୍ଣ୍ଣ ଅଂଶ ବୋଲି କୁହାଯାଇଛି। ଏପରି କୁହାଯାଇଥାଏ ଯେ ଆମେ କରିଥିବା ପାପର କ୍ଷମା ମାଗିବା ପାଇଁ ଆଳତୀ କରିଥାଉ। ଆଳତି କରିବା ଦ୍ୱାରା ବ୍ୟକ୍ତିଙ୍କ ମନକୁ ଶାନ୍ତି ମିଳିଥାଏ। ଏହା ବ୍ୟତୀତ ଯଦି ଆପଣ ଭଗବାନଙ୍କୁ ସ୍ୱଚ୍ଛ ମନରେ ଭଗବାନଙ୍କୁ ଆଳତି କରୁଛନ୍ତି ତେବେ ଘରର ବାସ୍ତୁଦୋଷ ଦୂର ହୋଇଯାଇଥାଏ। ବାସ୍ତୁଦୋଷକୁ ଦୂର କରିବା ପାଇଁ ପ୍ରତିଦିନ ଦୀପ ଜଳାଇବା ନିହାତି ଜରୁରୀ। ଯଦି ଆପଣ ଦୀପ ଜଳାଇବା ସମୟରେ କିଛି କଥା ଉପରେ ଧ୍ୟାନ ରଖୁଛନ୍ତି ତେବେ ଆପଣଙ୍କ ଘରେ ସୁଖ ଶାନ୍ତି ସହ ସମୃଦ୍ଧି ଏବଂ କେବେ ବି ଆପଣଙ୍କ ଆର୍ଥିକ ସମସ୍ୟା ହେବ ନାହିଁ। ଏହା ସହିତ ଆପଣଙ୍କୁ ଆପଣଙ୍କ ଘରର ଦେବୀ ଦେବତାଙ୍କ ଆଶୀର୍ବାଦ ମିଳିବ। କିନ୍ତୁ ଯଦି ଆପଣ ଦୀପ ଜଳାଇବା ସମୟରେ ଏସବୁ କଥା ପ୍ରତି ଧ୍ୟାନ ରଖୁନାହାନ୍ତି ତେବେ ଆପଣଙ୍କ ଘରୁ ସୁଖ ଶାନ୍ତି ଖୁବ୍ ଶୀଘ୍ର ଚାଲିଯାଇଥାଏ। ଏହା ବ୍ୟତୀତ ଆପଣଙ୍କୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ତେବେ ଆସନ୍ତୁ ଆଜି ଆମେ ଜାଣିବା ଦୀପ ଜଳାଇବା ସମୟରେ କେଉଁ କେଉଁ ଭୁଲ୍ କରିବା ଅନୁଚିତ। ଯଦି ଆପଣ ଘରେ ଘିଅର ଦୀପ ଜଳାଉଛନ୍ତି ତେବେ ଆପଣଙ୍କୁ ଏଥିପାଇଁ ସ୍ୱଚ୍ଛ ଦୀପକ ବ୍ୟବହାର କରିବା ଉଚିତ। ଯଦି ଆପଣ ଘରେ ତେଲର ଦୀପ ଜଳାଉଛନ୍ତି ତେବେ ଆପଣ ଲାଲ ସୂତାର ସଳିତା କରି ଦୀପ ଜଳାନ୍ତୁ। ବାସ୍ତୁଶାସ୍ତ୍ର ଅନୁସାରେ ଘରେ ସକାଳେ-ସନ୍ଧ୍ୟାରେ ପ୍ରତିଦିନ ଦୀପ ଜଳାଇବା ଦ୍ୱାରା ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ



ଏବଂ ଘରର ନକାରାତ୍ମକ ଶକ୍ତି ନଷ୍ଟ ହୋଇଯାଇଥାଏ । ଏହା ବ୍ୟତୀତ ଘରେ ସୁଖ,ଶାନ୍ତି ଏବଂ ସମୃଦ୍ଧି ବଜାୟ ରହିଥାଏ। ଯଦି ଆପଣ ନିୟମିତ ଭାବରେ ଘରର ଦ୍ୱାରରେ ଗୋଘୃତ ଦୀପ ଜଳାଉଛନ୍ତି ତେବେ ଏହା ଦ୍ୱାରା ମାତା ଲକ୍ଷ୍ମୀ ଖୁସି ହେବେ। କିନ୍ତୁ ଏହି କଥା ଧ୍ୟାନ ରଖନ୍ତୁ ଯେ ଦୀପକୁ ସିଧା ତଳେ ରଖନ୍ତୁ ନାହିଁ । ଏହାକୁ ରଖିବା ପାଇଁ ଚାଉଳ କିମ୍ବା ଅନ୍ୟ ଜିନିଷର ବ୍ୟବହାର କରନ୍ତୁ। ଯଦି ଆପଣ ଘରେ ପିଇବା ପାଣି ବାସନ ପାଖରେ ଘିଅର ଦୀପ ଜଳାଇ ରଖୁଛନ୍ତି ତେବେ ଏପରି କରିବା ଦ୍ୱାରା ଅଜସ୍ର ଧନଲାଭ ହେବ ଏବଂ କେବେ ବି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ହେବ ନାହିଁ। କେବେ ବି ଜଳୁଥିବା ଦୀପକୁ ଫୁଙ୍କି ଲିଭାନ୍ତୁ ନାହିଁ। ଏପରି କରିବା ଅଶୁଭ ବୋଲି କୁହାଯାଇଛି। ଏପରି କରିବା ଦ୍ୱାରା ମାଆ ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାଆନ୍ତି।

# ରାବଣର ଆକ୍ରମଣ

କୁବେର ଏବଂ ରାବଣ ଦୁଇଜଣ ଋଷି ବିଶ୍ରବାଙ୍କ ସନ୍ତାନ ଥିଲେ । ଋଷି ବିଶ୍ରବା ସୁନାର ରାଜ୍ୟ ଲଙ୍କାକୁ କୁବେରଙ୍କୁ ଦେଲେ କିନ୍ତୁ କୌଣସି କାରଣବଶତଃ କୁବେର ଲଙ୍କା ପରିତ୍ୟାଗ କରି ହିମାଚଳକୁ ଚାଲିଗଲେ । କୁବେର ଚାଲିଯିବା ପରେ ଦଶାନନ ବହୁତ୍ ଖୁସିହେଲେ ଏବଂ ଲଙ୍କାର ରାଜା ହେଲେ । ରାଜ୍ୟ ପ୍ରାପ୍ତି କରିବା ପରେ ରାବଣ ଅହଂକାରୀ ହେବାସହ ସାଧୁସନ୍ଥଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ । ରାବଣର ଅତ୍ୟାଚାର ସଂପର୍କରେ ଜାଣିପାରି ଭାଇ କୁବେର ନିଜ ଭାଇକୁ ବୁଝାଇବା ପାଇଁ ଜଣେ ଦୂତକୁ ରାବଣ ନିକଟକୁ ପଠାଇଲେ। ମାତ୍ର ଦୂରାଚାରୀ ରାବଣ ଦୂତ କଥା ଶୁଣିବା ପରିବର୍ତ୍ତେ ତାକୁ ମାରିଦେଲା । କୁବେରଙ୍କ ପରାମର୍ଶ ଯୋଗୁଁ ରାବଣ ଏତେ କ୍ରୋଧିତ ହୋଇଥିଲା ଯେ, ଭାଇ କୁବେର ଉପରେ ମଧ୍ୟ ଆକ୍ରମଣ କରି କୁବେର ନଗରୀ ଏବଂ ତାଙ୍କ ପୁଷ୍ପକ ବିମାନକୁ ମଧ୍ୟ ନିଜ ଅଧୀନକୁ ଆଣିଲା । ତେବେ କୁବେରଙ୍କ ସେନାପତି କୌଣସି ପ୍ରକାରେ କୁବେରଙ୍କୁ ନନ୍ଦନବନରେ ପହଞ୍ଚାଇ ଦେଲେ। ସେଠାରେ ବୈଦ୍ୟରାଜ ତାଙ୍କର ଚିକିତ୍ସା କରିଥିଲେ । ଦଶାନନ କୁବେରୀ ନଗରୀ ଏବଂ ପୁଷ୍ପକ ବିମାନ ଉପରେ ନିଜର ଅଧିକାର ଜାହିର କଲା ଏବଂ କୁବେର ପୁରୀକୁ ଅଧିକାର କଲା ।



# ଅସହାୟଙ୍କୁ ସହାୟତା



ଜଣେ ରାଜା ବହୁତ ବଡ଼ ପ୍ରଜାପାଳକ ଥିଲେ । ପ୍ରଜାଙ୍କ ହିତରେ ଯତ୍ନଶୀଳ ଥିଲେ । ଦିନେ ସକାଳ ସମୟରେ ରାଜା ବନରେ ଭ୍ରମଣ କରିବା ପାଇଁ ଯାଉଥିବା ବେଳେ ଦେବଙ୍କ ଦର୍ଶନ ହେଲା । ରାଜା ଦେବଙ୍କୁ ପ୍ରଣାମ କରି ତାଙ୍କ ଅଭିନନ୍ଦନ ଜଣାଇଲେ ଏବଂ ଦେବଙ୍କ ହାତରେ ଏକ ପୁସ୍ତକ ଦେଖି ତାଙ୍କୁ ପଚାରିଲେ ମହାରାଜ, ଆପଣଙ୍କ ହାତରେ ଇଏ କ'ଣ । ଦେବତା କହିଲେ ରାଜା! ଏହା ମୋର ଖାତା ଅଟେ, ଯେଉଁଥିରେ ସବୁ ଭଜନକାରୀଙ୍କ ନାମ ଲେଖାଅଛି । ରାଜା ଉତ୍ସୁକତା ସହ ପଚାରିଲେ ଦୟାକରି ଦେଖନ୍ତୁ, ଏହି ଖାତାରେ ମୋର ନାମ ଅଛି କି ନାହିଁ ? ଦେବତା ମହାରରାଜ ଏହି ଖାତାର ଗୋଟିଏ ଗୋଟିଏ ପୃଷ୍ଠା ଓଲଟାଇ ଦେଖନ୍ତି ତ ତାଙ୍କ ନାମ କେଉଁଠାରେ ମିଳିଲା ନାହିଁ । ରାଜା ଦେବତାଙ୍କ ଚିନ୍ତନ ଦେଖି ପଚାରିଲେ ଦେବତା ମହାରାଜ! ଆପଣ ଚିନ୍ତିତ ହୁଅନ୍ତୁ ନାହିଁ, ରାଜା କହିଲେ ବାସ୍ତବରେ ମୋର ଦୁର୍ଭାଗ୍ୟ ଅଟେ କି ମୁଁ ଭଜନ-କୀର୍ତ୍ତନ ପାଇଁ ସମୟ ବାହାର କରିପାରୁ ନାହିଁ ଏବଂ ସେଥିପାଇଁ ଏହି ତାଲିକାରେ ମୋର ନାମ ତାଲିକାଭୁକ୍ତ ହୋଇନାହିଁ । ଏହିଦିନଠାରୁ ରାଜାଙ୍କ ମନରେ ଆତ୍ମଗ୍ଲାନି ଉତ୍ପନ୍ନ ହେଲା । ଦେବ ମହାରାଜ କହିଲେ ରାଜା ଖୋସାମତ ବଦଳରେ ଭଗବାନଙ୍କୁ ଭକ୍ତି କର । ସଚ୍ଚା ଭକ୍ତା ସିଏ ହୋଇଥାଏ ଯିଏ ପରୋପକାର କରେ । ଅନାଥ, ବିଧବା, କିଷାନ, ନିର୍ଦ୍ଧନ, ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରିବା ହିଁ ହିଁ ପରମ ଭକ୍ତି ଅଟେ । ପୃଥିବୀରେ ଏହା ସବୁଠାରୁ ବଡ଼ ପୁଣ୍ୟ ଅଟେ ।



# ସଫଳତାର ନିଶା

କୌଣସି କାର୍ଯ୍ୟରେ ସଫଳତା ପାଇବା ପାଇଁ ଆମେ କଠୋର ପରିଶ୍ରମ କରିଥାଉ । କିନ୍ତୁ କାର୍ଯ୍ୟ ସଫଳ ହେଲେ ସଫଳତାର ନିଶା ଆମକୁ ଅନେକ କ୍ଷତିଗ୍ରସ୍ତ କରିଥାଏ । ହେଲେ ସଫଳତାର ଖୁସିରେ ଅଧିକ ଉତ୍ସାହିତ ହୋଇନପଡ଼ି ଆମକୁ କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଯାହା ଆମ ଜୀବନକୁ ସରସସୁନ୍ଦର କରିପାରିବ । ରାମଚରିତ ମାନସର ଏକ ପ୍ରସଙ୍ଗ ଏ ସମ୍ପର୍କରେ ଆମକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥାଏ। ସୀତା ହରଣ ପରେ ଶ୍ରୀରାମ ଏବଂ ଲକ୍ଷ୍ମଣ ମାତା ସୀତାଙ୍କୁ ଖୋଜି ଖୋଜି ହନୁମାନଙ୍କୁ ଭେଟିଲେ । ହନୁମାନ ସେମାନଙ୍କୁ ସ୍ୱାଗତ କରିବା ସହ ସୁଗ୍ରୀବଙ୍କ ସହ ପରିଚୟ କରାଇଦେଲେ । ସୁଗ୍ରୀବଙ୍କୁ ତାଙ୍କ ଭାଇ ବଳୀ ରାଜ୍ୟରୁ ବାହାର କରିଦେଇଥିଲେ । ତାଙ୍କ ପତ୍ନୀ ରୋମାଙ୍କୁ ମଧ୍ୟ ବଳୀ ନିଜ ପାଖରେ ବନ୍ଦୀ କରି ରଖିଥିଲେ । ଶ୍ରୀରାମ ତାଙ୍କୁ ସହାୟତା କରିବାର ଲାଗି ବଚନ ଦେଲେ । ଏହାପରେ ଶ୍ରୀରାମ ବଳୀଙ୍କୁ ମାରି କିଷ୍କିନ୍ଧାର ରାଜଗାଦିରେ ସୁଗ୍ରୀବଙ୍କୁ ବସାଇଲେ । ସୁଗ୍ରୀବ ଅନେକ ବର୍ଷ ପରେ ରାଜ୍ୟ ଏବଂ ପତ୍ନୀଙ୍କୁ ଫେରିପାଇଲେ । ଏହି ସଫଳତାର ନିଶାରେ ସୁଗ୍ରୀବ ରାଜ୍ୟ ଏବଂ ସ୍ତ୍ରୀ ସୁଖ ଭୋଗିବାକୁ ଲାଗିଲେ । ସୁଗ୍ରୀବ ଯେତେବେଳେ ରାଜ୍ୟ ଫେରି ପାଇଥିଲେ, ସେତେବେଳେ ବର୍ଷା ଋତୁ ଥିଲା। ଭଗବାନ ଶ୍ରୀରାମ ଏବଂ ଲକ୍ଷ୍ମଣ ଏକ ପର୍ବତ ଗୁମ୍ଫାରେ ରହୁଥିଲେ । ବର୍ଷା ଋତୁ ଶେଷ ହୋଇଗଲା। ଆକାଶ ସଫା ହୋଇଯାଇଥାଏ । ଶ୍ରୀରାମ ଅପେକ୍ଷା କରିଥାନ୍ତି, କେତେବେଳେ ସୁଗ୍ରୀବ ଆସିବେ ଏବଂ ମାତା ସୀତାଙ୍କୁ ଖୋଜିବା ଆରମ୍ଭ କରାଯିବ । କିନ୍ତୁ ସୁଗ୍ରୀବ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ଏବଂ ସ୍ତ୍ରୀ ସୁଖ ଭୋଗରେ ବୁଡ଼ିଯାଇଥାନ୍ତି । ଶ୍ରୀରାମଙ୍କୁ ଦେଇଥିବା ବଚନ ସେ ସମ୍ପୂର୍ଣ୍ଣ ରୂପେ ଭୁଲିଯାଇଥାନ୍ତି। ଅନେକ ଦିନ ବିତିଗଲା । ଭଗବାନ ଶ୍ରୀରାମ ଭ୍ରାତା ଲକ୍ଷ୍ମଣଙ୍କୁ ସୁଗ୍ରୀବଙ୍କ ନିକଟକୁ ପଠାଇଲେ । ଲକ୍ଷ୍ମଣ ଯାଇ ଦେଖିଲେ ସୁଗ୍ରୀବ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ଭୋଗରେ ମାତିଛନ୍ତି । ଲକ୍ଷ୍ମଣ ତାଙ୍କୁ ଭର୍ତ୍ସନା କଲେ । କହିଲେ, ତୁମେ ବଚନ ଭଙ୍ଗ କରିଛ । ଭ୍ରାତା ରାମଙ୍କ ଯୋଗୁଁ ପାଇଥିବା ସିଂହାସନର ମୋହରେ ତୁମେ ତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଇଛ । ତୁମକୁ ଏହାର ଦଣ୍ଡ ମିଳିବ । କ୍ରୋଧିତ ଲକ୍ଷ୍ମଣଙ୍କୁ ଦେଖି ସୁଗ୍ରୀବ କ୍ଷମା ପ୍ରାର୍ଥନା କଲେ । ସେ ଅନୁଭବ କଲେ ଯେ ତାଙ୍କ ଦ୍ୱାରା ବଡ଼ ଅପରାଧ ହୋଇଯାଇଛି । ସଫଳତାର ଖୁସିରେ ଶ୍ରୀରାମଚନ୍ଦ୍ରଙ୍କ ସହାୟତା କଥା ସେ ମନରୁ ପାସୋରି ପକାଇଛନ୍ତି । ସୁଗ୍ରୀବ ଫେରିଆସି ଶ୍ରୀରାମଙ୍କୁ କ୍ଷମା ମାଗିଲେ । ଏହାପରେ ମାତା ସୀତାଙ୍କ ସନ୍ଧାନ ଆରମ୍ଭ ହେଲା । ଏହି ପ୍ରସଙ୍ଗ ଆମକୁ ଶିକ୍ଷା ଦିଏ ଯେ ସାମାନ୍ୟ ସଫଳତାରେ ଆମେ ଅଟକି ଯିବା ଉଚିତ ନୁହେଁ ।





# ବାସ୍ତୁଶାସ୍ତ୍ରରେ କଣ ରହିଛି କ୍ରିଷ୍ଟାଲ୍ କଇଁଛର ମହତ୍ତ୍ୱ...

ଆଜିକାଲିର ଆଧୁନିକ ସମାଜରେ ଲୋକେ ନିଜ ଦୈନନ୍ଦିନ ଜୀବନରେ ପ୍ରତ୍ୟେକଟି କାର୍ଯ୍ୟ କରିବା ପୂର୍ବରୁ ବାସ୍ତୁ ଶାସ୍ତ୍ରକୁ ବେଶ୍ ପ୍ରାଧାନ୍ୟ ଦେଉଛନ୍ତି। ଆପଣମାନେ ଦେଖିଥିବେ କିଛି ଲୋକ ଘରେ କ୍ରିଷ୍ଟାଲ କଇଁଛକୁ ଘରେ ରଖିଥାନ୍ତି । ଏହା ଭଗବାନ୍ ବିଷ୍ଣୁଙ୍କର ଅବତାର। ଏବଂ ଏହାକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ବାସ୍ତୁ ଅନୁଯାୟୀ କାଚରେ ପ୍ରସ୍ତୁତ କଇଁଛକୁ ଘରେ ରଖିଲେ ଅନେକ ପ୍ରକାରର ବାସ୍ତୁଦୋଷ ଦୂର ହୋଇଥାଏ। ଯଦି ଆପଣ କ୍ରିଷ୍ଟାଲ କଇଁଛକୁ ଘରର ଉତ୍ତର ଦିଗରେ ରଖୁଛନ୍ତି, ତେବେ ଏହାଦ୍ୱାରା ଧନଲାଭ ସହ ଶତ୍ରୁନାଶ କରିଥାଏ। ଅଫିସ୍ ଟେବୁଲ୍ ଉପରେ କାଚର କଇଁଛ ରଖିବା ଦ୍ୱାରା ଆର୍ଥିକ ଉନ୍ନତି ସହିତ ଅଧୁରା କାମ ଶେଷ ହୋଇଥାଏ। ଧନ ଲାଭ ପାଇଁ କ୍ରିଷ୍ଟାଲ କଇଁଛକୁ ଆଲମିରାରେ ରଖିପାରିବେ । ପୂଜା ଘରେ କ୍ରିଷ୍ଟାଲ୍ କଇଁଛକୁ ଏକ ହଳଦିଆ ବସ୍ତ୍ର ଉପରେ ରଖିଲେ ଶୁଭ ହୋଇଥାଏ ବୋଲି ବିବେଚନା କରାଯାଏ। କିନ୍ତୁ ବେଡରୁମ୍‌ରେ କ୍ରିଷ୍ଟାଲ୍ କଇଁଛ ନରଖି, ଯେତେସମ୍ଭବ ଡ୍ରଇଂ ରୁମ୍‌ରେ ରଖିଲେ ଅତ୍ୟନ୍ତ ଶୁଭ ହୋଇଥାଏ।

# ଶିବଲିଙ୍ଗର ଉତ୍ପତ୍ତି କିପରି ହୋଇଥିଲା ?

ପୁରାଣ ଅନୁସାରେ, ଥରେ ବ୍ରହ୍ମା ଏବଂ ଭଗବାନ ବିଷ୍ଣୁ କିଏ ଶ୍ରେଷ୍ଠ ତାହା ଉପରେ ଯୁକ୍ତିତର୍କ କରିଥିଲେ। ଉଭୟେ ନିଜର ଶ୍ରେଷ୍ଠତା ଦାବି କରିଥିଲେ। ହଠାତ୍ ଏକ ଲିଙ୍ଗ ଦେଖାଗଲା। ଉଭୟ ଦେବତା ଏହାର ଉତ୍ସ ଖୋଜିବାକୁ ଚେଷ୍ଟା କଲେ, କିନ୍ତୁ ହଜାର ହଜାର ବର୍ଷ ପରେ ମଧ୍ୟ ସେମାନେ ଏହାର ଉତ୍ସ ପାଇ ପାରିଲେ ନାହିଁ। ବ୍ରହ୍ମା ତା'ପରେ ଆଲୋକ ସ୍ତମ୍ଭ ବିଷୟରେ ପଚାରିଲେ ଏବଂ ଉତ୍ତର ଆସିଲା, ପ୍ରକାଶ କଲେ ଯେ ଏହା ଶିବ। ତାଙ୍କଠାରୁ ଜୀବନର ସମସ୍ତ ଉତ୍ସ ଉତ୍ପନ୍ନ ହୋଇଥିଲା। ଏପରିକି ବ୍ରହ୍ମା ଏବଂ ବିଷ୍ଣୁ ମଧ୍ୟ ତାଙ୍କଠାରୁ ଜନ୍ମ ହୋଇଥିଲେ। କୁହାଯାଏ ଯେ ଏହା ପରେ ହିଁ ଭଗବାନ ଶିବ ତାଙ୍କର ନିରାକାର ରୂପରେ ଏକ ଶିବଲିଙ୍ଗ ଭାବରେ ପ୍ରତିଷ୍ଠିତ ହୋଇଥିଲେ। ଭଗବାନ ବ୍ରହ୍ମା ଏବଂ ବିଷ୍ଣୁ ସେହି ଶିବଲିଙ୍ଗଙ୍କୁ ପୂଜା କରିବା ଆରମ୍ଭ କରିଥିଲେ। ସେବେଠାରୁ, ଶିବଲିଙ୍ଗ ପୂଜା କରିବାର ପରମ୍ପରା ଆରମ୍ଭ ହୋଇଥିଲା।



## ଘରର କବାଟ ତାଡି ଲୁଟିନେଲେ ସୁନା, ରୁପା ଅଳଙ୍କାର ସହ ୨୦ ହଜାର ଟଙ୍କା

ହିଞ୍ଜିଳିକାଟୁ, (ନି.ପ୍ର ): ହିଞ୍ଜିଳି ଥାନା ଇଲାକାରେ ଦିନକୁ ଦିନ ବୃଦ୍ଧି ପାଉଛି ଲୁଟେରାଙ୍କ ଆତଙ୍କ। ସ୍ଥାନୀୟ ପୁଲିସ ପ୍ରଶାସନର ସ୍ଥାଣୁତା ଯୋଗୁଁ ଲୋକଙ୍କ ମନରୁ ପୁଲିସ ପ୍ରଶାସନ ପ୍ରତି ଆସ୍ଥା ତୁଟିବାରେ ଲାଗିଛି। ସ୍ଥାନୀୟ ପୁଲିସ ପ୍ରଶାସନର ଢିଲା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁଁ ଲୁଟେରାମାନେ ପୋଲିସ ଆଖିରେ ଧୂଳିଛାଟି ଗୋଟାଏ ପରେ ଗୋଟାଏ ଲୁଟ୍ କରି ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହେଉଛନ୍ତି। ଏଣେ ପୁଲିସ କେବଳ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ନାମରେ ଅନ୍ଧାରରେ ବାଡି ବୁଲାଉଥିବା ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ହିଞ୍ଜିଳି ଥାନା ଇଲାକାରେ ଗତ ପ୍ରାୟ ୨/୩ ମାସ ଧରି ଲଗାତାର ଚୋରୀ ଘଟଣା ଘଟୁଥିବା ଦେଖିବାକୁ ମିଳିଛି। କେତେବେଳେ ବାଇକ୍ ତ କେତେବେଳେ ସାଇକେଲ। କେତେବେଳେ ସୁନା ରୂପା ଅଳଙ୍କାର ତ କେତେବେଳେ ଘରର କବାଟ ତାଲା ଭାଙ୍ଗି ମୂଲ୍ୟବାନ ଆସବାବପତ୍ର ଓ ଟଙ୍କା। ଏପରିକି ଲୁଟେରା ଗୋଷ୍ଠୀ ବିଭିନ୍ନ ଗୃହ, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସଂଯୋଗ ହୋଇଥିବା ଏସିରୁ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର କାଟି ଲୁଟି ନେଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପୁଲିସ ପ୍ରଶାସନର ନିଷ୍କ୍ରିୟତାର ସୁଯୋଗ ନେଇ ଲୁଟେରା ଗ୍ୟାଙ୍ଗ ବିଭିନ୍ନ ମନ୍ଦିରରୁ ସୁନା, ରୂପା ଅଳଙ୍କାର ସମେତ ପିତଳ ସାମଗ୍ରୀ ଓ ହୁଣ୍ଡି ଭାଙ୍ଗି ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରି ଚମ୍ପଟ ମାରିବାରେ ସକ୍ଷମ ହେଉଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ଶାସନଆମ୍ବଗାଁର ଜୈନିକ ଓଇଆରଏଫ କର୍ମଚାରୀଙ୍କ ଘରର ବାରିପଟ କବାଟ ତାଡି ଲୁଟେରା ଗୋଷ୍ଠୀ ଘରେ ପଶି ଆଲମିରା ଭାଙ୍ଗି ପ୍ରାୟ ୫ ଭରି ଓଜନର ସୁନା ଅଳଙ୍କାର, ୨୦୦ ଗ୍ରାମ ଓଜନର ରୁପା ଅଳଙ୍କାର ସହ ୨୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଶନିବାର ଭୋରରେ ଘରର ମହିଳା ଜଣଙ୍କ ଉଠି ଦେଖିବା ସମୟରେ ଘରର ବାରିପଟ କବାଟ ଭଙ୍ଗାଯିବା ସହ ଆଲମାରୀ ଭଙ୍ଗା ଯାଇଥିବା ଏବଂ ଆଲମାରୀରେ ଥିବା ଲୁଗା ଓ ଅନ୍ୟାନ୍ୟ ସାମଗ୍ରୀ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ଘଟଣା ନେଇ ଘର ମାଲିକ ସନାତନ ବେହେରା ଫୋନ୍ ଯୋଗେ ହିଞ୍ଜିଳି ପୁଲିସକୁ ଖବର ଦେଇଥିଲେ।ଖବର ପାଇଁ ହିଞ୍ଜିଳି ପୁଲିସର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସନାତନଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ଥାନାରେ କେସ ନଂ -୩୧୦/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ହିଞ୍ଜିଳି ଥାନା ଇଲାକାରେ ପ୍ରତ୍ୟହ ଗୋଟିଏ ପରେ ଗୋଟିଏ ଲୁଟ୍ ଘଟଣା ଘଟାଇ ଲୁଟେରାଗୋଷ୍ଠୀ ଫେରାର ହେବାରେ ସକ୍ଷମ ହେଉଥିବା ବେଳେ ଲୁଟେରାଗୋଷ୍ଠୀଙ୍କୁ କାବୁ କରିବାରେ ଏବଂ ଲୁଟ୍ ସାମଗ୍ରୀ ଜବତ କରିବାରେ ସ୍ଥାନୀୟ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ରକାଶ ଥାଉକି, ଗତ ୩ ମାସ ପୂର୍ବେ ହିଞ୍ଜିଳି ଥାନା ନରେନ୍ଦ୍ରପୁର, କିର୍ତ୍ତୀପୁର, ରାଜେନ୍ଦ୍ରପୁର, ବିଷୋୟୀ ନୂଆଁପଲ୍ଲୀ ଗ୍ରାମର ୫ଟି ପୃଥକ ମନ୍ଦିରରୁ ଲୁଟେରା ଗୋଷ୍ଠୀ ପିତଳ ସାମଗ୍ରୀ ସହ ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ହିଞ୍ଜିଳିକାଟୁ, (ନି.ପ୍ର ): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ମୋଟର ସାଇକେଲ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ବ୍ରହ୍ମପୁର ଅଞ୍ଚଳର ପିତବାସ ସାହୁ (୪୨) ଓ ଶେରଗଡ ଥାନା ବାକିଲିକଣା ଗ୍ରାମର ରିଙ୍କୁ ସେଠି (୨୧) । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ବୁଧବାର ସକାଳେ ହିଞ୍ଜିଳିକାଟୁ ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ରିଙ୍କୁ ସ୍କୁଟି(ଓଡି୦୭ବିସି ୫୨୦୬)ରେ ପେଟ୍ରୋଲ ଭରି କରି ଫେରୁଥିଲେ। ସେହି ସମୟରେ ପିତବାସ ବାଇକ୍ (ଜିଜେ ୫ଏଫଏମ ୩୨୪୯ ) ଯୋଗେ ହିଞ୍ଜିଳିକାଟୁ ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ଘଟିଥିଲା। ଦୁର୍ଘଟଣାରେ ଦୁହେଁ ଗୁରୁତର ଆହତ ହୋଇଥିଲେ।

## ସିଡବ୍ଲୁସି କମିସନରଙ୍କ କାଶୀନଗର ଗସ୍ତ



କାଶୀନଗର(ନିପ୍ର): କାଶୀନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷ ଉପଯୋଗୀ ଜମି ମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଯୋଗେଇ ଦିଆଯାଉଥିବା ଜଳର ଅନୁଧ୍ୟାନ କରିବା ପାଇଁ ସିଡବ୍ଲୁ ସି କମିସନର ବିଶ୍ୱ ବିନାୟକ ବଳବାନ୍ତ ରାୟ ପ୍ରତ୍ୟେକ୍ଷ ଭାବେ ଅନୁଧାନ କରିବା ପାଇଁ ଆସିଥିଲେ। କାଶୀନଗର ଗସ୍ତ ସମୟରେ ବ୍ଲକର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ଓ ତାଙ୍କ ସହଯୋଗୀ ଯନ୍ତ୍ରୀ ଉପସ୍ଥିତ ରହି କାଶୀନଗର ବ୍ଲକର ହରିପୁର, ଖଣ୍ଡାବା ଓ ସୀତାପୁର ଅଞ୍ଚଳ ଗସ୍ତ କରି ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଜଳ ବିଭାଜିକାମାନ ତନଖି କରି ଦେଖିଥିଲେ। କମିଶନରଙ୍କ ଗସ୍ତ ସମୟରେ ଖଣ୍ଡାବା ସମିତି ସଦସ୍ୟ ଜଗନ୍ନାଥ ଦୋରା ପ୍ରତ୍ୟେକ୍ଷ ଭାବେ ମିଶି ନେରେଡି ପ୍ରକଳ୍ପ ହେଲେ ବଂଶ ଧାରା ନଦୀର ନିମ୍ନ ଅଞ୍ଚଳରେ ରହିଥିବା ଗ୍ରାମଗୁଡିକ କେତେ ପରିମାଣରେ ପ୍ରଭାବିତ ହେବ ସେ ବିଷୟରେ ଅବଗତ କରି କିଛି ସକାରାତ୍ମକ ପଦକ୍ଷେପ ନେବାପାଇଁ ନିବେଦନ କରିଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ, ଦୋଷୀଙ୍କୁ ୨୦ ବର୍ଷ ଆଜୀବନ କାରାଦଣ୍ଡାଦେଶ

କଟକ,(ନିପ୍ର) : ସ୍ୱତନ୍ତ୍ର ପୋକ୍ସୋ ଆଡହକ କୋର୍ଟ କଟକରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ଅଶୋକ କୁମାର ବେହେରା (୬୧)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡାଦେଶ ଓ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଷ୍ଟେଟ ଲିଗାଲ ଏଡ଼କୁ କୋର୍ଟ କହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ ୨୦୨୫ ଡିସେମ୍ବର ମାସରେ କଟକ ବାଦାମବାଡ଼ି ଥାନା ଅଞ୍ଚଳରେ ଏକ ଖେଳ ପଡିଆରେ ଖେଳୁଥିବା ବେଳେ ଅଶୋକ ସମ୍ପୃକ୍ତ ନାବାଳିକାକୁ ନିଜ ଘରକୁ ନେଇ ଦୁଷ୍କର୍ମ କରିଥିଲା।

## ରାୟଗଡ଼ ବ୍ଲକରେ ସାମାଜିକ ସମୀକ୍ଷା ଜନ ଶୁଣାଣି

ରାୟଗଡ଼,(ନି:ପ୍ର): ରାୟଗଡ଼ ବ୍ଲକ ସଦଭାବନା ସଭାଗୃହ ପରିସରରେ ବ୍ଲକସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରି ସରକାରୀ ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରକ୍ଷାକରିବା ଏହାର ଉଦ୍ଦେଶ୍ୟ ବୋଲି କହିଥିଲେ। ଗତ ଏପ୍ରିଲ ଠାରୁ ସେପ୍ଟେମ୍ବର ମାସ ୨୦୨୫ ମଧ୍ୟରେ ମନରେଗା, ପି ଏମ ପୋଷଣ ଏବଂ ସାଧାରଣ ବଣ୍ଟନ ଭଳି ସରକାରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ ଅନୁଷ୍ଠିତ ସାମାଜିକ ସମୀକ୍ଷାର ଜନ ଶୁଣାଣି କରାଯାଇଥିଲା। ବିଡ଼ିଓ ସୁଜିତ କୁମାର ମିଶ୍ର, ଏବିଡ଼ିଓ କାଳୁ ଚରଣ ନାୟକ, ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ସ୍ମୃତିରେଖା ନାୟକ, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ସତ୍ୟ ହୂଇକା, ଯୋଗାଣ ଅଧିକାରୀ ମାନସ ସୁନା ଓ ଶିକ୍ଷା ବିଭାଗରୁ ଏବିଇଓ ବଳରାମ ହୁଇକା ମଞ୍ଚାସିନ ଥିଲେ। ଗତ ୨୩ ଅକ୍ଟୋବର ୨୦୨୫ ଠାରୁ ୧୯ ମାର୍ଚ୍ଚ ୨୦୨୬ ମଧ୍ୟରେ ୧୪ ଜଣ ଭିଆରପି ଚାରୋଟି ଦଳରେ ରାୟଗଡ଼ ବ୍ଲକର ୨୮ଗୋଟି ଗ୍ରାମ ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ, ସାଧାରଣ ବଣ୍ଟନ କେନ୍ଦ୍ର ଓ ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ଯୋଜନାର କାର୍ଯ୍ୟକାରିତା ବିଷୟରେ କରିଥିବା ସମୀକ୍ଷାର ବିବରଣୀ ଗୃହରେ ଉପସ୍ଥାପନ କରିଥିଲେ। ଗ୍ରାମ ପଞ୍ଚାୟତ ସ୍ତରରେ ମନରେଗା ଯୋଜନା ନିର୍ଦ୍ଧାରିତ ସାତ ପ୍ରକାର ରେଜିଷ୍ଟର, ମାଷ୍ଟର ରୋଲ ଓ ରେକର୍ଡ ପରିଚାଳନା ସମ୍ପର୍କିତ ସମସ୍ତ ତଥ୍ୟ ଏଥିରେ ଆଲୋଚନାର ପରିସରଭୁକ୍ତ ଥିଲା।

# ଚୋରା ମଦ ଜବତ: ୧୦ କୋର୍ଟ ଚାଲାଣ




କେନ୍ଦ୍ରାପଡ଼ା, (ନିପ୍ର) : କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲା ର ମାର୍ଶାଘାଇ, କେନ୍ଦ୍ରାପଡ଼ା ସଦର ଓ ପଟ୍ଟାମୁଣ୍ଡାଇ ରୂରାଲ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବଡମୋହନପୁର ଗ୍ରାମର ମନୋରଞ୍ଜନ ମଳିକ (ବୟସ-୫୫) ଙ୍କ ଠାରୁ ୪୫ ଲିଟର ବିଦେଶୀ ମଦ, ସଂକୁରପୁର ଗ୍ରାମର ବିଜୟ କୁମାର ସେଠି (ବୟସ-୬୦) ଙ୍କ ଠାରୁ ୨୧ ଲିଟର ଦେଶୀ ମଦ, ତେରୋହୀ ଗ୍ରାମର କେଶବ ଚନ୍ଦ୍ର ମଳିକ (ବୟସ-୪୩) ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, କଂସାର ଗ୍ରାମର ଝୁମର ନାୟକ (ବୟସ -୪୭) ଙ୍କ ଠାରୁ ୨୫ ଲିଟର ବିଦେଶ ମଦ, ଛାଛୁଣିଆ ଗ୍ରାମର ଅମର ସେଠି (ବୟସ-୪୯) ଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ସାହସପୁର ଗ୍ରାମର ରଜନୀକାନ୍ତ ମଳିକ (ବୟସ-୨୭) ଙ୍କ ଠାରୁ ୩୭ ଲିଟର ବିଦେଶୀ ମଦ, ନୂଆଗାଁ ଗ୍ରାମର ଦେବାଶିଷ ବେହେରା (ବୟସ-୨୯) ଙ୍କ ଠାରୁ ୧୩ ଲିଟର ବିଦେଶୀ ମଦ, ଭଗବାନପୁର ଗ୍ରାମର ଦେବଦତ୍ତ ନାୟକ (ବୟସ-୪୫) ଙ୍କ ଠାରୁ ୧୯ ଲିଟର ଦେଶୀ ମଦ ଓ ଗର୍ଜଙ୍ଗା ଗ୍ରାମର ଦମୟନ୍ତୀ ମଳିକ (ବୟସ-୩୩) ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, କୈଳାଶ ଚନ୍ଦ୍ର ସେଠି ଙ୍କ ଠାରୁ ୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୨୪୪ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୧୦ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ମିସ ରତ୍ନପ୍ରଭା ସ୍ୱାଇଁ, ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

## ଏସଡିପିଓଙ୍କ ରାତିଅଧିଆ ନିଲମ୍ବନ

ଆସିକା, ନିପ୍ର): ବହୁ ବିବାଦୀୟ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନାମରେ ଗତକାଲି ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପକ୍ଷରୁ ପତ୍ର ସଂଖ୍ୟା ୧୬୨୩୬ ତାରିଖ ୧୨/୦୫/୨୦୨୬ ପ୍ରକାରେ ନିଲମ୍ବନ ଆଦେଶ ଜାରି ହୋଇଛି। ଆସିକା ଉପଖଣ୍ଡ ଅଧୀନରେ ଥିବା ଆଠଟି ପୋଲିସ ଥାନା ଇଲାକାରେ ଥିବା କେତେକ ଥାନାରେ ଅସାମାଜିକ କାର୍ଯ୍ୟକଳାପ ହତ୍ୟା,ଡକାୟତି, ବଳାତ୍କାର, ଚୋରା ବନ୍ଧୁକ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବା ସାଙ୍ଗକୁ ନିକଟରେ ହିଞ୍ଜିଳିକାଟୁ ଥାନା ଅଧୀନ କେ.ଖରିଡା ଗ୍ରାମରେ ପ୍ରେମିକଙ୍କ ଘର ଆଗରେ ପ୍ରେମିକଙ୍କ ଭାଇ ଠିଆ କୋଡ଼ିରେ ଗର୍ଭବତୀ ଭାଉଜକୁ ନିଜ ଛୁଆ ଆଗରେ ହତ୍ୟା କରିଥିବା ଘଟଣା ଓଡ଼ିଶାରେ ଚାଞ୍ଚଲ୍ୟ ଘଟେଇ ଦେଇଥିବା ସହିତ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଅନୁଧାନ କରି ଏହି ନିଲମ୍ବନ କରାଯାଇଛି।

## ମେ ୨୦ରେ ଭାରତର ସମସ୍ତ ଔଷଧ ଦୋକାନ ବନ୍ଦ ରହିବ-ୟୁସିଡିଏ

ଭୁବନେଶ୍ୱର, (ନିପ୍ର): ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଆସନ୍ତା ମେ ୨୦ ତାରିଖରେ ଓଡ଼ିଶାର କୋଣ ଅନୁକୋଣରେ ଥିବା ୩୦୦୦୦ରୁ ଅଧିକ ଔଷଧ ଦୋକାନ ବନ୍ଦ ରହିବ। ୟୁସିଡ଼ିଏର ସଭାପତି ପି ସତ୍ୟନାରାୟଣ ଏବଂ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।ସେମାନେ କହିଛନ୍ତି ଡ୍ରଗ୍ସ ଆଣ୍ଡ କସ୍ମେଟିକ୍ ନିୟମ ଅନୁଯାୟୀ ଅନଲାଇନରେ ଔଷଧ ବିକ୍ରୟର କୌଣସି ପ୍ରାବଧାନ ନହିଁ। କୋଭିଡ଼ ସମୟରେ ପରିସ୍ଥିତିକୁ ନଜରରେ ରଖି ଭାରତ ସରକାର ଜରୁରୀ ବିଜ୍ଞପ୍ତି ମାଧ୍ୟମରେ ଔଷଧ ଅନଲାଇନରେ ଦେବା ପାଇଁ ଅନୁମତି ପ୍ରଦାନ କରିଥିଲେ। ହେଲେ ଆଜି ସ୍ଥିତି ସୁଧୁରିଯିବା ପରେ ମଧ ତାହାକୁ ପ୍ରତ୍ୟାହାର କରିନାହାଁନ୍ତି ଯାହାକି ଆମର ୩୦୦୦୦ ସଭ୍ୟଙ୍କ ବ୍ୟାପରରେ ବ୍ୟାଘାତ ହେବା ସହିତ ୨.୫ ଲକ୍ଷ ପରିବାରଙ୍କ ଚିନ୍ତାର କାରଣ ପାଲଟିଛି। ଅନେକ ଆପତିଜନକ ଔଷଧ ଯାହା ବିନା ଡାକ୍ତରୀ ଚିଠାରେ ବିକ୍ରି ହେବା କଥା ନୁହେଁ, ତାହା ଆଜି ସହଜ ଭାବରେ ଉପଲବ୍ଧ ହେଉଛି।

## ଚନ୍ଦନ ଯାତ୍ରା ମହୋତ୍ସବ ଉଦ୍ୟାପିତ



କୃଷ୍ଣପ୍ରସାଦ, (ନି ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାଞ୍ଚ ମୌଜା ପରିଚାଳନା କମିଟି ତରଫରୁ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଶତାୟୁ ଚନ୍ଦନ ଯାତ୍ରା ମହୋତ୍ସବ ମହାସମାରୋହରେ ଉଦଯାପିତ ହୋଇଯାଇଛି । ଏହି ମହୋତ୍ସବ ୬ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା । ଏଥି ନିମନ୍ତେ ଇପିଙ୍ଗ ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପରିସରକୁ ରଙ୍ଗ ବେରଙ୍ଗ ଆଲୋକ ମାଳରେ ସଜ୍ଜିତ କରାଯାଇଥିଲା । ଏହି ଅବସରରେ ବିଗ୍ରହ ମାନଙ୍କ ଚନ୍ଦନ ପୁଷ୍କରିଣୀରେ ଚାପ ଖେଳ ସହିତ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ସମରକଳା ପାଇକ ଆଖଡ଼ା, ସଂକୀର୍ତ୍ତନ ସହିତ ରାତ୍ର ସମୟରେ ମନୋରଞ୍ଜନ ନିମନ୍ତେ ପ୍ରତିଷ୍ଠିତ ଅପେରା ପାର୍ଟି ଖୋଲା ମଞ୍ଚରେ ନାଟକ ପରିବେଷଣ କରିଥିଲେ । ଏହାକୁ ଉପଭୋଗ କରିବା ନିମନ୍ତେ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ ସମେତ କମିଟିର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରମ ଆଇନ ସମ୍ପର୍କିତ ଆଲୋଚନାଚକ୍ର




ଜଟଣୀ(ନିପ୍ର) : ଖୋର୍ଦ୍ଧାରୋଡ଼ ମଣ୍ଡଳ ଅଧୀନରେ ବିଭିନ୍ନ ରେଳ କାର୍ଯ୍ୟରେ ନିୟୋଜିତ ଥିବା ଠିକାଦାରମାନଙ୍କ ମଧ୍ୟରେ ଆଇନଗତ ବ୍ୟବସ୍ଥା, ଶ୍ରମ ନିୟମାବଳୀ ଏବଂ ଶ୍ରମିକ କଲ୍ୟାଣକାରୀ ପଦକ୍ଷେପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ଆଲୋଚନାଚକ୍ର ତଥା କର୍ମଶାଳା ଆୟୋଜିତ ହୋଇଯାଇଛି। ଶ୍ରମ ପ୍ରବର୍ତ୍ତନ ବିଭାଗର ସହଯୋଗରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଶ୍ରମ ପ୍ରବର୍ତ୍ତନ ଅଧିକାରୀ (କେନ୍ଦ୍ରୀୟ)-୨ ଅଜୟ କୁମାର ଏହି ସଚେତନତା ଶିବିର ପରିଚାଳନା କରିଥିଲେ। ସେ ଶ୍ରମିକମାନଙ୍କର କଲ୍ୟାଣ, ସୁରକ୍ଷା ନିୟମ, ମଜୁରୀ ପ୍ରଦାନ, କାର୍ଯ୍ୟ କରିବାର ପରିବେଶ ଏବଂ ଠିକାଦାରମାନଙ୍କର ଆଇନଗତ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ଅବସରରେ ଏକ ମତ ବିନିମୟ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା, ଯେଉଁଠାରେ ଠିକାଦାରମାନେ ଶ୍ରମ ଆଇନ ପାଳନ, ଅନୁମତି ପତ୍ର (ଲାଇସେନ୍ସ) ଏବଂ ଅନ୍ୟାନ୍ୟ ସରକାରୀ ନିୟମ ସମ୍ବନ୍ଧରେ ଥିବା ନିଜର ସନ୍ଦେହ ଦୂର କରିଥିଲେ। ଶ୍ରମିକମାନଙ୍କ ଉନ୍ନତି ପାଇଁ ରେଳ ପ୍ରଶାସନ, ଠିକାଦାର ଏବଂ ଶ୍ରମ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଖୋର୍ଦ୍ଧାରୋଡ଼ ମଣ୍ଡଳର ଅନେକ ଠିକାଦାର ଯୋଗ ଦେଇଥିଲେ।

## ବିଦ୍ୟାଳୟ ସାମାଜିକ ସମୀକ୍ଷା



ଭାପୁର,(ନିପ୍ର): ଭାପୁର ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅଧୀନ ୨୦ ଗୋଟି ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ସାମାଜିକ ସମୀକ୍ଷା ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ ପ୍ରତି ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବାବେଳେ ପ୍ରଥମ କରି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ,ବିଦ୍ୟାଳୟର ବିଭିନ୍ନ ବାହ୍ୟ ସମସ୍ୟା ଅର୍ଥାତ ଲାଟିନ,ବାଥରୁମ,ପାନୀୟ ଜଳ, ଗାର୍ଡ ୱାଲ ଆଦିର ସମସ୍ୟା ଗୁଡିକ ଉପସ୍ଥାପନ କରାଯାଇଥିଲା ଏବଂ ଏହାର ସମାଧାନ ନିମନ୍ତେ ସୁଚିନ୍ତିତ ପଦକ୍ଷେପ ନିଆଯିବା ପାଇଁ ଶିକ୍ଷା ବିଭାଗର ଅଧିକାରୀମାନେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ,ଭାପୁର ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର କର, ପ୍ରଭାକର ସାମନ୍ତରାୟ,ବ୍ଲକ ସାମାଜିକ ସମୀକ୍ଷକ ସନ୍ତୋଷ କୁମାର ବାରିକ ଏବଂ ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟସଭ୍ୟା, ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ।

## କୃଷ୍ଣପ୍ରସାଦ ଥାନା ପକ୍ଷରୁ ଜୁଭେଣ୍ଟିକା ସଚେତନତା କର୍ମଶାଳା

କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ କିଶୋରୀ ବାଳିକାଙ୍କ ସୁରକ୍ଷା, ଚାପମୁକ୍ତ ଜୀବନରୁ ମୁକ୍ତ ରଖିବା ପାଇଁ ଜୁଭେଣ୍ଟିକା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଥାନା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଶୋରୀ ବାଳିକା, ମହିଳା, ଅଙ୍ଗନବାଡି କର୍ମୀ, ପ୍ରମୁଖ ଯୋଗ ଦେଇଥିଲେ ।

## ନୟାଗଡ଼ରେ ସାଇକ୍ଲୋଥନ ଓ ମାରାଥନ ରାଲି




ନୟାଗଡ (ନିପ୍ର): ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଅବସରରେ ନୟାଗଡ଼ ଜିଲ୍ଲାରେ ସାଇକ୍ଲୋଥନ ଓ ମାରାଥନ ରାଲିର ଆୟୋଜନ କରାଯାଇଛି । ଏହି ସାଇକ୍ଲୋଥନ ଓ ମାରାଥନ ରାଲିକୁ ସକାଳ ୭.୦୦ଟାରେ ରୋଜିନାଦାସ,ଅତିରିକ୍ତ ଜିଲ୍ଲାପାଳ,ଏବଂ ଇଂ ଦେବାଶିଷ ପଟ୍ଟନାୟକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ନୟାଗଡ ପତାକା ଦେଖାଇ ଉଦଘାଟନ କରିଥିଲେ।ମାରାଥନଟି ନୟାଗଡ଼ ଷ୍ଟାଡିୟମରୁ ଆରମ୍ଭ ହୋଇ ପିଟିଏସ୍ ରୋଡ୍ ମାର୍ଗରେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ପୁନର୍ବାର ଷ୍ଟାଡିୟମକୁ ଫେରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଯୁବକ-ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଏହି ମାରାଥନରେ ଅଂଶଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା ସାହୁଙ୍କ ନେତୃତ୍ୱରେ ଏହି ଆୟୋଜନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ କର୍ମଶାଳା

ଭଦ୍ରକ (ନିପ୍ର): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଭଦ୍ରକ ଜିଲ୍ଲାରେ "ବିପର୍ଯ୍ୟୟ ହ୍ରାସ କାର୍ଯ୍ୟକ୍ରମରେ ଲିଙ୍ଗଗତ ମୁଖ୍ୟଧାରାକରଣ " କାର୍ଯ୍ୟକ୍ରମ ଆଜି ସକାଳ ୧୦.୦୦ ଘଟିକା ସମୟରେ ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହେଇଯାଇଛି।ବିପର୍ଯ୍ୟୟ ସମୟରେ ଲିଙ୍ଗ ଅସମାନତା ଏକ ପକ୍ଷରେ ବିପଦର କାରଣ ହୋଇଥାଏ । ଅନ୍ୟପକ୍ଷରେ ଏହାର ପରିଣାମ ଭାବେ ପ୍ରଭାବ ପକାଇଥାଏ। ଏହି ପରିପ୍ରେକ୍ଷୀରେ ବିପର୍ଯ୍ୟୟ ବିପଦ ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତିମୂଳକ ଓ ଲିଙ୍ଗ ରୂପାନ୍ତରମୂଳକ ପଦ୍ଧତିକୁ ଆପଣେଇବାକୁ ଏକ ପ୍ରଭାବଶାଳୀ ରଣନୀତି ଭାବେ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ମହିଳା, କିଶୋରୀ, ଅନ୍ୟ ଲିଙ୍ଗ ଅଳ୍ପସଂଖ୍ୟକ, ଭିନ୍ନକ୍ଷମ ବ୍ୟକ୍ତି ଓ ବୃଦ୍ଧବୃଦ୍ଧାଙ୍କ ସମେତ ସମସ୍ତ ସମ୍ବେଦନଶୀଳ ବର୍ଗଙ୍କ ପାଇଁ ଆବଶ୍ୟକତା ଆଧାରିତ ସହାୟତା ଓ ସୁରକ୍ଷା ସୁନିଶ୍ଚିତ କରିବା। ପ୍ରକଳ୍ପ ଅଧୀନରେ ମହିଳାଙ୍କର ସ୍ୱରକୁ ଶକ୍ତିଶାଳୀ କରିବା ସହ ବିପର୍ଯ୍ୟୟ ପରିଚାଳନା, ଉଦ୍ଧାର କାର୍ଯ୍ୟ, ସାମୁଦାୟିକ ସ୍ୱାସ୍ଥ୍ୟ ସେବା ଓ ମନୋସାମାଜିକ ସହାୟତାରେ ସେମାନଙ୍କ ଭୂମିକାକୁ ଅଧିକ ଦୃଶ୍ୟମାନ କରିବାକୁ ଗୁରୁତ୍ୱ ଦିଆଯାଇଛି।

## ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା

# ଏଆଇଡିଏସଓ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

କଟକ(ନିପ୍ର) : ନିଟ୍ ପ୍ରଶ୍ନ ପତ୍ର ଲିକ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ଏକ ସ୍ୱଚ୍ଛ ଅନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟା ଶେଷ କରିବା, ପଦବୀ ଓ କ୍ଷମତା ନିର୍ବିଶେଷରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ କଠୋର ଦଣ୍ଡ ବିଧାନ କରିବା, ତଦନ୍ତର ଫଳାଫଳକୁ ସମ୍ପୂର୍ଣ୍ଣ ଭାବେ ସର୍ବସାଧାରଣରେ ପ୍ରକାଶ କରିବା, ସମସ୍ତ ଜାତୀୟସ୍ତରୀୟ ପରୀକ୍ଷାରେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ତଥା ନିଟ୍ ୟୁଜି ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ପରୀକ୍ଷା ପରିଚାଳନା କରୁଥିବା ଏନ୍‌ଟିଏକୁ ସମ୍ପୂର୍ଣ୍ଣ ବାତିଲ କରିବା, ସମସ୍ତ ପରୀକ୍ଷା ସରକାର ନିଜେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ସହ ପରିଚାଳନା ଆଦି ଦାବିରେ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଏକଜୁଟ୍ ହୋଇ ସ୍ୱର ଉତ୍ତୋଳନ କରିବା ଏବଂ ଏକ ନିରପେକ୍ଷ, ଗଣତାନ୍ତ୍ରିକ ତଥା ନିର୍ଭରଯୋଗ୍ୟ ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା ଦାବି କରି ଦେଶବ୍ୟାପୀ ଏକ ମିଳିତ ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଏବଂ ସମସ୍ତ ଗଣତାନ୍ତ୍ରିକ ମନୋଭାବାପନ୍ନ




ଲୋକଙ୍କୁ ଏଆଇଡିଏସ୍ଓ ଆହ୍ୱାନ ଦିଆଯାଇଛି। ପ୍ରତିବାଦ ସଭା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଛାତ୍ର ବିକ୍ଷୋଭରେ ଏଆଇଡିଏସଓ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ଜିଲ୍ଲା ସଭାପତି ଇଶା ଧର, ଜିଲ୍ଲା ଉପସଭାପତି ଶିବାନୀ ସାହୁ,କୋଷାଧ୍ୟକ୍ଷ ଶୁଭସ୍ମିତା ସାହୁ,ଜିଲ୍ଲା ସମ୍ପାଦକ ମୁଣ୍ଡଳୀ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ଦାସ,ଭାଗ୍ୟଶ୍ରୀ ପ୍ରଧାନ,ରାଜେଶ ନାୟକ,ସରୋଜ ବେହେରା,ସୁଶ୍ରୀ ସର୍ଜନା ଉପସ୍ଥିତ ଥିଲେ।

ତିଥି :(ଦ୍ୱାଦଶୀ): (ରେବତୀ ମୀନ)
ଅମୃତ ବେଳା: ରାତ୍ରୀ ଘ ୧।୨୪ ଗତେ ଘ ୩।୩୮ ମଧ୍ୟେ

## ଆଜିର ଅନୁଚିନ୍ତନ

ବାଣୀମାନଙ୍କ ମଧ୍ୟରେ ମୁଁ ପ୍ରଣବ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଶିକ୍ଷା ଉଦ୍ୟୋଗରେ କଳଙ୍କ

ପ୍ରଶ୍ନପତ୍ରରେ ଅନିୟମିତତା ଅଭିଯୋଗ ଆଧାରରେ ନିଟ୍ ୟୁଜି ୨୦୨୬ ପରୀକ୍ଷା ବାତିଲ ଫଳରେ ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କଠାରେ ଯେଉଁ ଅନ୍ତର୍ବେଦନା ସୃଷ୍ଟି ହେଲା, ତାହାର ମଲମ କାହାରି ନିକଟରେ ନାହିଁ। ଅବଶ୍ୟ ଏନଟିଏ ପୁନଃପରୀକ୍ଷା ତାରିଖ ଘୋଷଣା କରିବ ଓ ଅତିରିକ୍ତ ଫି କିଛି ନେବ ନାହିଁ ବୋଲି ଯାହା କହିଛି ତାହା ଦ୍ୱାରା ବାସ୍ତବ ଆଶ୍ୱସ୍ତି ଆସିଛି ବୋଲି ଆଦୌ କହିହେବ ନାହିଁ। ଯେବେ ଏନଟିଏର ପୁନର୍ଗଠନ ତଥା ପରୀକ୍ଷା ନେଇ ସ୍ୱଚ୍ଛତା ରକ୍ଷା ବାବଦରେ ଦୃଢ଼ବିଶ୍ୱାସ ପ୍ରକଟିତ ହେବ ତାହା ଦ୍ୱାରା ପରୀକ୍ଷାର୍ଥୀ ନିଶ୍ଚୟ ମନେ କରିପାରିବେ କିଛି ହେଲା। ଅବଶ୍ୟ ପରୀକ୍ଷା ବାତିଲ ପରେ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ ହୋଇଛି,ଯାହାର ଶୁଣାଣି ଉପରେ ପରୀକ୍ଷାର୍ଥୀଙ୍କ ଦୃଷ୍ଟି ନିବଦ୍ଧ ରହିଛି।

ପ୍ରଶ୍ନପତ୍ର କେଳେଙ୍କାରୀ ଏନଟିଏ ପାଇଁ କିଛି ନୂଆ ନୁହେଁ। ପୁରୁଣାଧାରାରେ ଚାଲିବା ଉପରେ ଆଉ ପରୀକ୍ଷାର୍ଥୀ ଭରସି ପାରୁନାହାନ୍ତି। କୁହାଯାଉଛି ଯେ ପ୍ରସାରିତ ହୋଇଥିବା ‘ଗେସ୍ ପେପର’ରେ ପ୍ରକୃତ ପ୍ରଶ୍ନପତ୍ରରେ ଥିବା ୧୦୦ରୁ ଅଧିକ ପ୍ରଶ୍ନ ଆସିଥିବା ଘଟଣା ରାଜସ୍ଥାନରୁ ଜଣାପଡ଼ିଥିଲା । ଏହା ସୂଚାଏ ଯେ ଶିକ୍ଷା ଉଦ୍ୟୋଗରେ ମାଫିଆମାନେ ବରାବର ସକ୍ରିୟ ରହିଛନ୍ତି,ଯେଉଁମାନଙ୍କ ଯୋଗୁଁ ଏହି ଉଦ୍ୟୋଗରେ କଳଙ୍କର ଛିଟା ଲାଗି ଚାଲିଛି। ପ୍ରଶ୍ନ ଉଠେ ଏପରି ପରୀକ୍ଷା ଲାଗି ଯେଉଁ ସୁରକ୍ଷା ପ୍ରୋଟୋକଲ କଥା ଯଥା: ଯେପରିକି ବାୟୋମାଟ୍ରିକ ଯାଞ୍ଚ, ଜିପିଏସ ଟ୍ରାକିଂ ଓ ଏଆଇସହାୟତା ଆଧାରିତ ମନିଟରିଂ ପ୍ରଣାଳୀ ଅବଲମ୍ବନ । ଏସବୁ ସତ୍ତ୍ୱେ କିପରି ଅନିୟମିତା ଘଟିଲା ? କିପରି ଏହା ଭିତରେ ଗଳାବାଟ ରହିଲା ?

ସ୍ମରଣ କରାଯାଇପାରେ ଯେ ଦେଶର ପରୀକ୍ଷା ବ୍ୟବସ୍ଥାରେ ଅନୁକୂଳ ପରିବେଶ ସୃଷ୍ଟି କରିବା , ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱକୁ ଦୃଢ଼ କରିବା ଲାଗି ଦିଗବିଜୟସିଂହଙ୍କ ଆଧାରିତ ପ୍ୟାନେଲ କିଛି ପଦକ୍ଷେପ ଆଣିବା ଉପରେ ପ୍ରସ୍ତାବ ବାଢ଼ିଥିଲା। ପ୍ରସ୍ତାବଗୁଡ଼ିକରୁ କେତେ କାର୍ଯ୍ୟକାରୀ ହୋଇଛି ? ଗୋଟିଏ ପ୍ରମୁଖ ପ୍ରସ୍ତାବରେ କୁହାଯାଇଥିଲା ଯେ ପରୀକ୍ଷା ବିଷୟକ ସାମଗ୍ରୀ ପରିଚାଳନା ବା ଲଜିଷ୍ଟିକରେ ଘରୋଇ ଭେଣ୍ଡରଙ୍କ ସଂପୃକ୍ତି ଉପରେ ନିର୍ଭରତା କମାଇବା। ତାହା ସଦ୍ୟ ପ୍ରଶ୍ନପତ୍ର ଛପାଇବା କ୍ଷେତ୍ରରେ କେତେ ଦୂର କାର୍ଯ୍ୟକାରୀ କରାଯାଇଛି ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏନଟିଏର ପରୀକ୍ଷା ପରିଚାଳନା ଓ ଭିତ୍ତିଭୂମିର ଗଳାବାଟ ସଂପର୍କରେ ଶିକ୍ଷା ମାଫିଆମାନେ ଅବଗତ ବୋଲି ବାରବାର ହସ୍ତକ୍ଷେପ କରି ଏହି ଉଦ୍ୟୋଗକୁ ନିଜ କରାୟତ୍ତ କରିବା ଅପଚେଷ୍ଟାରେ ରହିଛନ୍ତି । ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଆଶା-ବିଶ୍ୱାସ ଓ ଆସ୍ଥା ପରୀକ୍ଷା ସହ ଜଡ଼ିତ ରହିଥାଏ , ତାହାକୁ ପ୍ରତିହତ କରିବାରେ ଯେଉଁମାନେ ଦାୟୀ ସେମାନେ ସର୍ବଦା ବିପଦଜନକ ତତ୍ତ୍ୱ। ଯାହା ବିଶ୍ୱାସକୁ ଭାଙ୍ଗି ଚୂରମାର କରିବା ଲାଗି ଉଦ୍ଦିଷ୍ଟ। କେନ୍ଦ୍ର ସରକାର ଏନେଇ ସକ୍ରିୟତାର ସହ ପଦକ୍ଷେପ ନେବା ଏବେ ଜରୁରୀ।

# ବିଜୟଙ୍କ ପାଇଁ ଚ୍ୟାଲେଞ୍ଜ

**ସୌଭାଗ୍ୟ ରଂଜନ ମହାନ୍ତି**

ଅଭିନେତା ସି.ଜୋସେଫ ବିଜୟ ଓରଫ ବିଜୟ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ଅର୍ଦ୍ଧ ଶତାବ୍ଦୀର ଦୁଇ ଦ୍ରାବିଡବାଦୀ ରାଜନୀତିର ସମାପ୍ତିର ସଂକେତ ବହନ କରେ। ୧୯୬୭ ମସିହାରେ ମାଡ୍ରାସ ରାଜ୍ୟରେ କଂଗ୍ରେସର ଏକଚାଟିଆ ଶାସନର ଅବସାନ ଘଟାଇ ସି.ଏନ.ଆନ୍ନାସୁରାଇ ମୁଖ୍ୟମନ୍ତ୍ରୀ ଭାବେ ଶାସନ ଭାର ଗ୍ରହଣ କରିବା ପରଠାରୁ ଦ୍ରାବିଡବାଦୀ ଆନ୍ଦୋଳନ ସହ ସମ୍ପୃକ୍ତ ରାଜନୀତିଜ୍ଞମାନେ ରାଜ୍ୟକୁ ଶାସନ କରି ଆସୁଛି। ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶକରେ ମାଡ୍ରାସ ନାମ ତାମିଲନାଡୁକୁ ପରିବର୍ତ୍ତନ କରାଯାଇଥିଲା। ଏବେ ତାମିଲନାଡୁରରେ ତାମିଲଗା ଭେଟ୍ରି କାଜାଗମ (ଭିଟିକେ) ସରକାର ଦ୍ରାବିଡବାଦୀ ଶାସନର ଢାଂଚାକୁ ଭାଙ୍ଗି ଦେଇଛି। କହିବା ବାହୁଲ୍ୟ ଦୁଇବର୍ଷ ତଳେ ଅଭିନେତା ବିଜୟଙ୍କ ନେତୃତ୍ୱରେ ଗଠିତ ଭେଟିକେ ସରକାର ଏବେ ଶାସନ ଭାର ଗ୍ରହଣ କରିଛି। ଗତ ଶତାବ୍ଦୀରେ ତାମିଲ ରାଜନୀତିରେ ଅତ୍ୟନ୍ତ ପ୍ରଭାବଶାଳୀ ପୁରୁଷ ଭାବେ ପରିଚିତ ପେରିୟାର ଇଭି ରାମସ୍ୱାମୀ ଏବଂ କେ.କାମରାଜଙ୍କ ଆଦର୍ଶରେ ଅନୁପ୍ରାଣୀତ ବୋଲି ଦାବି କରୁଥିବା ବିଜୟ ଏବେ ତାମିଲନାଡୁର ମୁଖ୍ୟମନ୍ତ୍ରୀ। ଏହି ଦୁଇ ପ୍ରଭାବଶାଳୀ ନେତାଙ୍କ ଆଦର୍ଶରେ ଅନୁପ୍ରାଣୀତ ମୁଖ୍ୟମନ୍ତ୍ରୀ ବିଜୟ ଉଭୟ ଦ୍ରିବାଡବାଦୀଙ୍କ ଆନ୍ଦୋଳନର ସାମାଜିକ ନ୍ୟାୟା ଏଜେଣ୍ଡା ଏବଂ କଂଗ୍ରେସର ଦକ୍ଷିଣପନ୍ଥୀ ରାଜନୀତିର ପଥକୁ ଗ୍ରହଣ କରି ନେଇଥିବା କୁହାଯାଇପାରେ।

କହିବା ବାହୁଲ୍ୟ ଯେ, ତାମିଲନାଡୁରେ ବିଜୟ ଏକ ମିଳିତ ସରକାରର ନେତୃତ୍ୱ ନେଇଛନ୍ତି, ମନ୍ତ୍ରିମଣ୍ଡଳରେ କଂଗ୍ରେସ, ସିପିଆଇ, ସିପିଏମ, ଭିସିକେ ଏବଂ ଆଇଏମଲୟୁର ପ୍ରତିନିଧିତ୍ୱ ରହିବ। ଏହା ନିଃସନ୍ଦେହ ଯେ, ସରକାର ଅଧିକ ପ୍ରତିନିଧିତ୍ୱ ଓ ଉତ୍ତରଦାୟିତ୍ୱ ପାଇଁ ଏକ ମିଳିତ ସରକାର ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଆହୁରି ପ୍ରତିଷ୍ଠିତ ରାଜନୈତିକ ଦଳର ନେତାମାନଙ୍କର ପରାମର୍ଶ ସରକାରକୁ ଦକ୍ଷ ଓ ସକ୍ରିୟ କରିବା ସହ ସରକାରରେ ସ୍ଥିରତାକୁ ସୁନିଶ୍ଚିତ କରିପାରିବ ବୋଲି ଆଶା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ଶପଥ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ଭାବେ ବିଜୟ ତିନୋଟି ଗୁରୁତ୍ୱପୂର୍ଣ୍ଣ ଜନହିତକାରୀ ଯୋଜନା ଘୋଷଣା କରିଛନ୍ତି। ମାସିକ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ, ମହିଳାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ଏବଂ ମାଦକ ଦ୍ରବ୍ୟ କାରବାର ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ୟୁନିଟ ଗଠନ ନେଇ ତିନୋଟି ଫାଇଲରେ ସ୍ୱାକ୍ଷର କରିଛନ୍ତି। ତାମିଲନାଡୁ ରାଜନୀତିରେ ଦୁଇ ପ୍ରଭାବଶାଳୀ ଦ୍ରାବିଡବାଦୀ ଦଳକୁ ପରାଜିତ କରି ବିଜୟ ମୁକୁଟ ପିନ୍ଧିଥିବା ବିଜୟଙ୍କ ପାଇଁ ପଥ ଯେ କଂଟକିତ ଏଥିରେ ସନ୍ଦେହ ନାହିଁ। ଟିଭିକେର ନିର୍ବାଚନ ପ୍ରତିଶ୍ରୁତି ପୂରଣ ପାଇଁ ନିଶ୍ୱାସ ନେବା ପାଇଁ ତାଙ୍କୁ ସମୟ ମିଳିବ ନାହିଁ ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ତାମିଲନାଡୁ ଏବେ ୧୦ଲକ୍ଷ କୋଟି ଟଙ୍କା ଋଣ ଭାରରେ ବୁଡି ରହିଥିବା ବେଳେ ନିର୍ବାଚନ ପ୍ରତିଶ୍ରୁତି ପୂରଣ ପାଇଁ ନିଶ୍ୱାସ ନେବା ପାଇଁ ତାଙ୍କୁ ସମୟ ମିଳିବ ନାହିଁ ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ତାମିଲନାଡୁ ଏବେ ୧୦ଲକ୍ଷ କୋଟି ଟଙ୍କା ଋଣ ଭାରରେ ବୁଡି ରହିଥିବାବେଳେ ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ଆୟର ଏକ-ତୃତୀୟାଂଶ ବ୍ୟୟ କରିବାକୁ ହେବ। ଏତେ ପରିମାଣର ଅର୍ଥ ନିର୍ବାଚନ ପ୍ରତିଶ୍ରୁତି ପୁରଣରେ ବିନିଯୋଗ ହେଲେ, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

ଉଲ୍ଲେଖଯୋଗ୍ୟ ଯେ, ତାମିଲନାଡୁର ମୋଟ ବାର୍ଷିକ ରାଜସ୍ୱ ଆୟ ପ୍ରାୟ ୩.୩ଲକ୍ଷ କୋଟି ହୋଇଥିବାବେଳେ ନିର୍ବାଚନ ପ୍ରତିଶ୍ରୁତି ପୂରଣ ପାଇଁ ପ୍ରାୟ ୧ଲକ୍ଷ କୋଟି ବ୍ୟୟ ହେବୋ ଆକଳନ କରାଯାଏ। ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ନବଜାତ ଶିଶୁ କନ୍ୟା ବର୍ତ୍ତମାନର ଜନ୍ମ ହାର ଅନୁଯାୟୀ ବାର୍ଷିକ ୮.୪ଲକ୍ଷ ଶିଶୁଙ୍କୁ ସୁନାର ରିଙ୍ଗ ଉପହାର, ପାଠପଢା ପ୍ରୋତ୍ସାହନ ତଥା ଅଧାରୁ ପାଠ ନଛାଡିବା ବାବଦରେ ପ୍ରତ୍ୟେକ ଶିଶୁର ମା’ଙ୍କୁ ବାର୍ଷିକ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ତିନୋଟି ଶିଶୁଥିବା ମା’ ବାଷିକ ୪୫ହଜାର ଟଙ୍କା ପାଇବେ। ରାଜ୍ୟର ପ୍ରାୟ ୧କୋଟି ୪୦ଲକ୍ଷ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଲେଖାଏଁ ରାଜ୍ୟର ପ୍ରାୟ ୭ଲକ୍ଷ ୫୦ହଜାର ଶିକ୍ଷିତ ବେକାରଙ୍କୁ ମାସିକ ୪୦୦୦ଟଙ୍କା ଲେଖାଏଁ, ୮୦ଲକ୍ଷ କୃଷି ଶ୍ରମିକଙ୍କୁ ବାର୍ଷିକ ୧୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ ପାଇଁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି କଲେଜ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟବୀମା, ଶିକ୍ଷା ଋଣ ଓ ଷ୍ଟାଇପେଣ୍ଡ ଦେବା ପ୍ରତିଶ୍ରୁତି ରହିଛି। ରାଜ୍ୟରେ ସରକାରଙ୍କ ଦ୍ୱାରା ପରିଚାଳିତ କଲେଜଗୁଡିକରେ ଏବେ ୪୦ପ୍ରତିଶତ ଅଧାପକ ପଦବୀ ଖାଲିପଡିଛି। ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନହେଲେ ଗୁଣାତ୍ମକ ଶିକ୍ଷା ଆଶା କରାଯାଇନପାରେ। ତେଣୁ ଖାଲି ପଡିଥିବା ଅଧାପକ ପଦବୀଗୁଡିକ ପୁରଣ ହେବା ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ତେବେ ବିଜୟଙ୍କ ସରକାରଙ୍କ ପାଇଁ ସବୁଠାରୁ ବଡ ଚ୍ୟାଲେଞ୍ଜ ହେଉଛି, ବାର୍ଷିକ ମାଗଣା ୬ଟି ଗ୍ୟାସ ସିଲିଣ୍ଡର ଯୋଗାଣ। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଆମଦାନି ଗୁରୁତର ଭାବେ ପ୍ରଭାବିତ ହୋଇଥିବାବେଳେ ୬ଟି ମାଗଣା ସିଲିଣ୍ଡର ଯୋଗାଣ ନିଶ୍ଚିତ ଭାବେ ସ୍ୱପ୍ନର ସାମଗ୍ରୀ। ତେବେ ପ୍ରତିଶ୍ରୁତି ପୂରଣ ପାଇଁ ଅର୍ଥ କେଉଁଠୁ ଆସିବ ? ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଲେ ରାଜକୋଷ ଖାଲି ହୋଇଯିବ। ଅନ୍ୟଥା ପ୍ରତିଶ୍ରୁତି ଫମ୍ପା ଆବାଜ ହୋଇ ରହିବ।

ମୋ-୯୪୩୭୯୯୪୩୭୯

# ବାତିଲ ‘ନିଟ୍’, ସଂଶୟରେ ମେଧାବୀଙ୍କ ଭବିଷ୍ୟତ

**ପ୍ରଫେସର ଡାକ୍ତର ସମ୍ରାଟ କର**

> “ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆଗରେ ଦୁଇଟି ପ୍ରଶ୍ନ। ପ୍ରଥମଟି ହେଲା ଏ ବର୍ଷ ନିଟ-ୟୁଜି ପରୀକ୍ଷା ଦେଇଥିବା ପ୍ରାୟ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପ୍ରତି କିଭଳି ନ୍ୟାୟ କରାଯିବ ? ଯୋଗ୍ୟ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଏଥିପାଇଁ କି ପ୍ରକାର ମାନସିକ ଚାପରେ ଥିବେ ତାହା ସହଜରେ ଅନୁମେୟ। ଏକେ ତ ନିଟ-ୟୁଜି ପରୀକ୍ଷା ପାଇଁ ପିଲାମାନେ ବର୍ଷ ବର୍ଷ ଧରି କୋଚିଂ କ୍ଲାସରେ ନାଁ ଲେଖାଇ ଖର୍ଚ୍ଚାନ୍ତ ହୋଇ ପ୍ରସ୍ତୁତି କରୁଛନ୍ତି। ତାହା ପୁଣି ପରୀକ୍ଷାର୍ଥୀଙ୍କୁ ଯେଭଳି କଠିନ ପ୍ରତିଯୋଗିତା ଓ ମାନସିକ ଚାପର ସମ୍ମୁଖୀନ କରାଉଛି ସେଥିରେ ସହି ନ ପାରି ଅନେକ ଛାତ୍ର ଆତ୍ମହତ୍ୟା କରୁଛନ୍ତି ଅଥବା କୋଚିଂ ଛାଡ଼ି ପଳାଉଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ନିଟ ପରୀକ୍ଷା ପରେ ସିୟୁଟି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ସେମାନଙ୍କର ଗୋଟିଏ ପରୀକ୍ଷା ୧୬ ଓ ୨୬ ତାରିଖରେ ରହିଛି, ଏଭଳି ସ୍ଥିତିରେ ପୁନର୍ବାର ନିଟ ପରୀକ୍ଷା ପାଇଁ ପ୍ରସ୍ତୁତି କଷ୍ଟଦାୟକ ହେବ।

ଭାରତର ସବୁଠାରୁ ବଡ଼ ମେଡ଼ିକାଲ ପ୍ରବେଶିକା ପରୀକ୍ଷା କୁହାଯାଉଥିବା ନିଟ୍ ୟୁଜି- ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର ଅଭିଯୋଗ ହେବାପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ମେ’ ୩ରେ ହୋଇଥିବା ନିଟ୍ ୟୁଜି-୨୦୨୬ ପରୀକ୍ଷାକୁ ବାତିଲ କରିଛନ୍ତି ଓ ପୁନର୍ବାର ପରୀକ୍ଷା କରାଯିବ ବୋଲି ସୂଚନା ଦେଇଛନ୍ତି। ଭାରତ ତଥା ବିଦେଶରେ ପାଞ୍ଚହଜାର ଚାରିଶହ ବତିଶ କେନ୍ଦ୍ରରେ ପରୀକ୍ଷା ଦେଇଥିବା ବାଇଶ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଏହା ନିଶ୍ଚିତ ଭାବରେ ଯନ୍ତ୍ରଣାଦାୟକ। ଏହି ପ୍ରଶ୍ନ ପତ୍ର ଲିକ୍ ପରେ ଓଡ଼ିଶାର ପାଖାପାଖି ୫୫ ହଜାର ପରୀକ୍ଷାର୍ଥୀଙ୍କ ଭିତରେ ଦୁଃଶ୍ଚିନ୍ତା ଘାରିଛି।

ଆମ ସମାଜରେ ଦ୍ୱିତୀୟ ଭଗବାନ ଭାବେ ଡାକ୍ତରୀ ବୃତ୍ତିକୁ ମର୍ଯ୍ୟାଦା ଦିଆଯାଏ ଏବଂ ଏହି ମର୍ଯ୍ୟାଦାଜନକ ଓ ତୀବ୍ର ପ୍ରତିଯୋଗିତାମୂଳକ ବୃତ୍ତି ପାଇଁ ଆବଶ୍ୟକ ପଡ଼ିଥାଏ ନିଟ୍ ପରୀକ୍ଷା। କିନ୍ତୁ ଚଳିତଥର ଏହି ନିଟ୍ ବ୍ୟବସ୍ଥା ଏପରି ଆଲୋଡ଼ନ, ଆଲୋଚନା ସୃଷ୍ଟି କରିଛି ଯେ ଯାହା ପୂର୍ବରୁ କେବେ ହୋଇନଥିଲା। ଏଭଳି ସ୍ଥଳେ ଛାତ୍ରଛାତ୍ରୀ ମାନଙ୍କ ପ୍ରସ୍ତୁତି ଓ ପ୍ରତିଦ୍ୱନ୍ଦ୍ୱିତାର ସ୍ତର କିଭଳି ଉଚ୍ଚ ହୋଇଥାଏ, ତାହା କେବଳ ଅନୁମାନସାପେକ୍ଷ। ଏହି କାରଣରୁ ରାଜସ୍ଥାନର କୋଟାରେ ଥିବା ମେଡ଼ିକାଲ ଓ ଇଂଜିନିୟରିଂ କୋଚିଂ ସେଣ୍ଟର ଗୁଡ଼ିକ ସକାଶେ ଚୁମ୍ବକୀୟ ଆକର୍ଷଣ କ୍ଷେତ୍ର ପାଲଟି କିଭଳି ଏକ କିମ୍ବଦନ୍ତୀ ସ୍ୱରୂପ ଲାଭ କଲାଣି, ତାହା ଦେଶ ବିଦେଶରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି। ଗତ ବର୍ଷ ଏନଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହାକୁ ନେଇ ଦିନକୁ ଦିନ ନାନା ବିବାଦ ସୃଷ୍ଟି ହେଉଥିବାବେଳେ ଚଳିତ ବର୍ଷ ପ୍ରଶ୍ନପତ୍ର ପ୍ରଘଟ ଖବର ପିଲାଙ୍କ ମାନସିକ ଉପରେ କେଉଁପରି ପ୍ରଭାବ ଯେ ପକାଇଛି ତାହା କହିବା ମୁସ୍କିଲ।

ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ ଗତବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରିଥିଲେ। ଯେଉଁଥିରେ ଅନ୍ୟ ପରୀକ୍ଷା ସହ କମ୍ପ୍ୟୁଟର ପର୍ଯ୍ୟବସିତ ପରୀକ୍ଷା ଗୁଡ଼ିକ ନିମନ୍ତେ ଜାତୀୟ ନିଯୁକ୍ତି ସଂସ୍ଥା ଆବଶ୍ୟକ ଏସଓପି ଜାରି କରିବାକୁ ବାଧ୍ୟତାମୂଳକ କରାଯାଇଥିଲା। ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ। ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପିଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ। ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ।

ବର୍ତ୍ତମାନ ଏହି ପରୀକ୍ଷା ବାତିଲ ଓ ବିଭ୍ରାଟ ଆମ ପରୀକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ଉପରେ ନିଶ୍ଚିତ ଭାବରେ ଗୁରୁତର ଆଘାତ। ଲକ୍ଷାଧିକ ଆଶାୟୀଙ୍କ ପ୍ରତି ଏହା କେବଳ ବିଶ୍ୱାସଘାତକତା ନୁହେଁ ବରଂ ପରିଶ୍ରମୀ ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ଏହା ବିପଦରେ ପକାଇଛି। ତିନି ବର୍ଷ ଭିତରେ ଦୁଇଥର ବିଭ୍ରାଟ ହେବା ନିଶ୍ଚିନ୍ତ ଭାବରେ ଉଚ୍ଚତଦନ୍ତ ସାପେକ୍ଷ। କାରଣ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଦାୟିତ୍ୱ ତୁଲାଇଥାଏ। ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ, ପେପର ଯାଞ୍ଚ କଥା ମଧ ବୁଝିଥାଏ ଏହି ସ୍ୱୟଂଶାସିତ ସଂସ୍ଥା। ତେବେ ଯେଉଁଭଳି ଭାବେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ସାମ୍ନାକୁ ଆସିଛି, ତାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ନେବା ସହ ସରକାରଙ୍କୁ ଟାଣିଛି କାଠଗଡ଼ାକୁ। ବର୍ତ୍ତମାନ ପ୍ରଶ୍ନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ କିଭଳି ମିଳିବ ନ୍ୟାୟ ? ପୂର୍ବରୁ ମେଡ଼ିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ପି.ଏମ୍.ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା। କିନ୍ତୁ ୨୦୧୬ରୁ ଦେଶବ୍ୟାପୀ ଡାକ୍ତରୀ ଶିକ୍ଷା ପାଇଁ କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯାଇ ନିଟ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି।

ଏକ ତଥ୍ୟ ଅନୁଯାୟୀ ୨୦୧୯-୨୫ ମଧ୍ୟରେ ଆମ ଦେଶରେ ପ୍ରାୟତଃ ୩୮,୦୦୦ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ। ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେସାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ ମତ ପ୍ରକାଶ ପାଇଛି। ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ ନିଟ ପରୀକ୍ଷା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଞ୍ଚିତ କରୁଛି। ଗତ ବର୍ଷ ନିଟ୍ ସମ୍ପର୍କିତ ବିବାଦ ପରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ। ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପି ଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ। ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ। ସୁତରାଂ ଏଥିରୁ ଉପଲବ୍ଧ ବିମର୍ଶକର ଉପସଂହାରଟି ହେଲା ଛାତ୍ରଛାତ୍ରୀଙ୍କୁ ଗଢ଼ିବାର ଦାୟିତ୍ୱ ନେଇଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ଅଧଃପତିତ ଏବଂ ଏଭଳି ପରିବେଶରେ ଅନେକ ଛାତ୍ରଛାତ୍ରୀଙ୍କ ନିରନ୍ତ୍ର ପରିଶ୍ରମ ଅଗତ୍ୟା ନିରର୍ଥକ ହୋଇଯାଏ। ଅପରପକ୍ଷରେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥା ଡାକ୍ତରଙ୍କ ସେବା ପରାୟଣତାକୁ କ୍ଷୁଣ୍ଣ କରୁଛି। ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆଗରେ ଦୁଇଟି ପ୍ରଶ୍ନ। ପ୍ରଥମଟି ହେଲା ଏ ବର୍ଷ ନିଟ-ୟୁଜି ପରୀକ୍ଷା ଦେଇଥିବା ପ୍ରାୟ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପ୍ରତି କିଭଳି ନ୍ୟାୟ କରାଯିବ ? ଯୋଗ୍ୟ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଏଥିପାଇଁ କି ପ୍ରକାର ମାନସିକ ଚାପରେ ଥିବେ ତାହା ସହଜରେ ଅନୁମେୟ।

ଏକ ତ ନିଟ-ୟୁଜି ପରୀକ୍ଷା ପାଇଁ ପିଲାମାନେ ବର୍ଷ ବର୍ଷ ଧରି କୋଚିଂ କ୍ଲାସରେ ନାଁ ଲେଖାଇ ଖର୍ଚ୍ଚାନ୍ତ ହୋଇ ପ୍ରସ୍ତୁତି କରୁଛନ୍ତି। ତାହା ପୁଣି ପରୀକ୍ଷାର୍ଥୀଙ୍କୁ ଯେଭଳି କଠିନ ପ୍ରତିଯୋଗିତା ଓ ମାନସିକ ଚାପର ସମ୍ମୁଖୀନ କରାଉଛି ସେଥିରେ ସହି ନପାରି ଅନେକ ଛାତ୍ର ଆତ୍ମହତ୍ୟା କରୁଛନ୍ତି ଅଥବା କୋଚିଂ ଛାଡ଼ି କଳାଉଛନ୍ତି। ତା ପରେ ଯଦି ପରୀକ୍ଷା ଫଳ ପ୍ରକାଶନ ଓ ପରବର୍ତ୍ତୀ କାଉନସେଲିଂ ପ୍ରକ୍ରିୟା ଏଭଳି ଘୋର ଅନିଶ୍ଚିତତା ମଧ୍ୟରେ ଝୁଲି ରହିବ ତେବେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମନସ୍ଥିତି ସହଜେ ଅନୁମେୟ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ନିଟ ପରୀକ୍ଷା ପରେ ସିୟୁଟି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ସେମାନଙ୍କର ଗୋଟିଏ ପରୀକ୍ଷା ୧୬ ଓ ୨୬ ତାରିଖରେ ରହିଛି, ଏଭଳି ସ୍ଥିତିରେ ପୁନର୍ବାର ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କଷ୍ଟଦାୟକ ହେବ। ପିଲାମାନେ ଅନେକ ମାନସିକ ଚାପ ସହ ବର୍ଷ ବର୍ଷ ପରିଶ୍ରମ ଯାହା କରିଥାନ୍ତି ଏହାପଛରେ ପରିବାର ଠାରୁ ଶିକ୍ଷକ, ଶୁଭେଚ୍ଛୁଙ୍କ ଠାରୁ କୋଚିଂ କେନ୍ଦ୍ର ଅନେକଙ୍କର ଅନେକ ପ୍ରକାର ଉଦ୍ୟମ ଓ ପ୍ରଚେଷ୍ଟା ରହିଥାଏ। ଦ୍ୱିତୀୟ ପ୍ରଶ୍ନଟି ହେଲା ବର୍ତ୍ତମାନର ନିଟ୍ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ କେଉଁଠି ତ୍ରୁଟି ବିଚ୍ୟୁତି ରହୁଛି ତାହା ଅନୁଧ୍ୟାନ କରି ସୁଧାରିବା ପାଇଁ ଯେଉଁ ସାତଜଣିଆ ବିଶେଷଜ୍ଞ କମିଟିକୁ ଦାୟିତ୍ୱ ଦିଆଯାଇଛି ସେମାନେ ମଧ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ତରବର ନହୋଇ ଆବଶ୍ୟକ ସମୟ ନେଇ ଅନୁଧ୍ୟାନ ଓ ସୁପାରିସ କରିବା ଆବଶ୍ୟକ। ଏନଟିଏ ସ୍ଥାପନ ହେବା ଦିନଠାରୁ କେତେ ଗୁଡ଼ିଏ ଅଘଟଣ ଘଟୁଥିବାରୁ ସେହି ଅନୁଷ୍ଠାନର କାର୍ଯ୍ୟ ଦକ୍ଷତା ଓ ସାଧୁତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ। ଏ ସବୁ ଅନିୟମିତା, ଅନିଶ୍ଚିତତା, ରାଜନୀତି କୋଳାହଳ ଓ ନ୍ୟାୟିକ ପ୍ରକ୍ରିୟାରେ ପୃଷ୍ଠଭୂମିରେ ଏକ ଦକ୍ଷ, ସ୍ୱଚ୍ଛ ଓ ଛାତ୍ରମଙ୍ଗଳ ଅନୁକୂଳ କେନ୍ଦ୍ରୀୟ ପରୀକ୍ଷଣ ଏଜେନ୍ସିକୁ ଭାଙ୍ଗି ଦେବା ପାଇଁ କୌଣସି ପଦକ୍ଷେପ ନେବା ଉଚିତ ହେବନାହିଁ।

ପ୍ରବେଶିକା ପରୀକ୍ଷା ବିକେନ୍ଦ୍ରୀକରଣ ତଥା ଘରୋଇକରଣ ଯେ ସାମ୍ପ୍ରତିକ ସମସ୍ୟାର ସମାଧାନ ନୁହେଁ, ଏକଥା ସମସ୍ତଙ୍କୁ ମନେ ରଖିବାକୁ ହେବ।

ଦୂରଭାଷ : ୯୧୩୨୪୩୩୩୩୩

# ଜନସାଧାରଣଙ୍କୁ ଚେତାବନୀ: ସମାଧାନର ସୂତ୍ର ଅନୁପଲବ୍ଧ !

**ଅସିତ ମହାନ୍ତି**

> “ନିର୍ବାଚନ ପରେ, ଜନସାଧାରଣ କେବଳ ନିର୍ଦ୍ଦେଶ ଏବଂ ଚେତାବନୀ ପାଆନ୍ତି। ପ୍ରକୃତ ପ୍ରଶ୍ନ ହେଉଛି ଏହି ସଙ୍କଟର ସମାଧାନ ପାଇଁ ସରକାର ନିଜେ କ’ଣ ଠୋସ୍ ପଦକ୍ଷେପ ନେବେ। ଏହିଠାରେ ଜନସାଧାରଣ ନିରାଶ ଅନୁଭବ କରନ୍ତି। କାରଣ ଜନସାଧାରଣଙ୍କଠାରୁ ବଳିଦାନ ଆଶା କରିବା ସହଜ, କିନ୍ତୁ କ୍ଷମତା ଏବଂ ଶାସନ ଦାୟିତ୍ୱ ପୂରଣ କରିବା କଷ୍ଟକର।
>
> ଜନସାଧାରଣଙ୍କଠାରୁ ବଳିଦାନ ଆଶା କରିବା ସହଜ, କିନ୍ତୁ କ୍ଷମତା ସହିତ ଜଡିତ ସୁବିଧାଗୁଡ଼ିକୁ ରୋକିବା କଷ୍ଟକର। ଏହା ରାଜନୀତିର ବିଡ଼ମ୍ବନା - ଯେଉଁଠାରେ ଜନସାଧାରଣ ବୋଝ ବହନ କରନ୍ତି, ଯେତେବେଳେ ସରକାର କେବଳ ଚେତାବନୀ ଜାରି କରନ୍ତି।

ପ୍ରଧାନମନ୍ତ୍ରୀଙ୍କ ସାମ୍ପ୍ରତିକ ବକ୍ତବ୍ୟ, ଯେଉଁଥିରେ ସେ ସାଧାରଣ ଲୋକଙ୍କୁ ରୋଷେଇ ତେଲ, ପେଟ୍ରୋଲ ଏବଂ ଡିଜେଲ କମ୍ ବ୍ୟବହାର କରିବାକୁ, ସୁନା କିଣିବା ବନ୍ଦ କରିବାକୁ ଏବଂ ବିଦେଶ ଯାତ୍ରାରୁ ଦୂରେଇ ରହିବାକୁ ଚେତାବନୀ ଦେଇଥିଲେ, ଏକ ଗଭୀର ରାଜନୈତିକ ଏବଂ ସାମାଜିକ ବିଡ଼ମ୍ବନାକୁ ପ୍ରକାଶ କରେ। ଚାରୋଟି ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ ଏହି ଚେତାବନୀ ଜାରି କରାଯାଇଛି। ପ୍ରଶ୍ନ ଉଠୁଛି: ଯଦି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇସାରିଥିଲା, ତେବେ ନିର୍ବାଚନ ପୂର୍ବରୁ କାହିଁକି ଏହି ଚେତାବନୀ ଜାରି କରାଯାଇ ନଥିଲା ? ସରକାର ଜନସାଧାରଣଙ୍କୁ ପୂର୍ବରୁ କାହିଁକି ସତର୍କ କରାଇ ନଥିଲେ ? ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବୋଝ କେବଳ ମଧ୍ୟବିତ୍ତ ବର୍ଗ ଏବଂ ସାଧାରଣ ଲୋକଙ୍କ ଉପରେ କାହିଁକି ଲଦି ଦିଆଯାଉଛି ? ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ପ୍ରଧାନମନ୍ତ୍ରୀ ଆଗାମୀ ୧୫ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ବିଦେଶ (ଇଉଏଇ , ନେଦରଲ୍ୟାଣ୍ଡ , ନରୱେ , ଇଟାଲୀ ଏବଂ ସ୍ୱିଡ଼େନ)ଗସ୍ତ କରୁଛନ୍ତି । ଏହା ସ୍ପଷ୍ଟ ଯେ ଏହି ଗସ୍ତରେ ପେଟ୍ରୋଲ ଖର୍ଚ୍ଚ ସହିତ ଅନ୍ୟାନ୍ୟ ଖର୍ଚ୍ଚ ରହିଛି ଯାହାକୁ ଦେଶର ଜନତାଙ୍କୁ ବହନ କରିବାକୁ ପଡିବ , ଏଠାରେ ପ୍ରଶ୍ନ ଉଠିପାରେ ଯେ ପ୍ରଧାନମନ୍ତ୍ରୀ ଦେଶର ବିକାଶ ପାଇଁ ଗସ୍ତ କରୁଛନ୍ତି । ସେହି ଯୁକ୍ତିରେ ଦେଶର ଜନତା ବିଦେଶ ଗସ୍ତ ନିଶ୍ଚିତ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରିବା ପାଇଁ ଯିବେ । ନିର୍ବାଚନ ଏବଂ ନୀରବତାର ରହସ୍ୟ - ନିର୍ବାଚନ ସମୟରେ, ସରକାର ମୁଦ୍ରାସ୍ଫୀତି ଏବଂ ଅନ୍ତର୍ଜାତୀୟ ସଙ୍କଟ ପ୍ରସଙ୍ଗକୁ ଦବାଇ ଦେଇଥିଲେ। ଏହି ନୀରବତା କେବଳ ଜନସାଧାରଣଙ୍କୁ ବାସ୍ତବତାର ସାମ୍ନା ନ କରିବା ଏବଂ ଭୋଟକୁ ପ୍ରଭାବିତ କରିବା ପାଇଁ ଥିଲା। କିନ୍ତୁ ନିର୍ବାଚନ ସମାପ୍ତ ହେବା ମାତ୍ରେ ସତ୍ୟ ପ୍ରକାଶିତ ହେଲା। ଏହା ଦର୍ଶାଉଛି ଯେ କ୍ଷମତାରେ ଥିବା ଲୋକଙ୍କ ପାଇଁ ଜନସାଧାରଣଙ୍କୁ ଭ୍ରମିତ କରିବା କେତେ ସହଜ।

ମଧ୍ୟବିତ୍ତ ବର୍ଗ ଉପରେ ଭାର - ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ସିଧାସଳଖ ମଧ୍ୟବିତ୍ତ ବର୍ଗକୁ ସମ୍ବୋଧିତ କରାଯାଇଥିଲା, ସେହି ବର୍ଗ ପୂର୍ବରୁ ମୁଦ୍ରାସ୍ଫୀତି, ବେକାରୀ ଏବଂ ଅସୁରକ୍ଷା ସହିତ ଜଡ଼ିତ। ରନ୍ଧନ ତେଲ, ପେଟ୍ରୋଲ, ଡିଜେଲ ଏବଂ ସୁନା ଭଳି ସାମଗ୍ରୀ ସାଧାରଣ ଲୋକଙ୍କ ଜୀବନର ଅବିଚ୍ଛେଦ୍ୟ ଅଂଶ। ଏଗୁଡ଼ିକୁ ହ୍ରାସ କରିବା ଅର୍ଥ ତାଙ୍କର ମୌଳିକ ଆବଶ୍ୟକତା ସହିତ ମଧ ସାଲିସ କରିବା। କିନ୍ତୁ ପ୍ରଶ୍ନ ହେଉଛି: ରାଜନେତା ଏବଂ ଶିଳ୍ପପତିମାନଙ୍କଠାରୁ ମଧ ଏହା ଆଶା କରାଯାଉଥିଲା କି ? ସେମାନଙ୍କର ବିଦେଶ ଯାତ୍ରା, ବିଳାସପୂର୍ଣ୍ଣ ଜୀବନଶୈଳୀ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ କୌଣସି କଟକଣା ଲଗାଇବା ବିଷୟରେ କୌଣସି ଆଲୋଚନା ହୋଇଥିଲା କି ? ନା। ଏହି ଅସମାନତା ହେଉଛି ସବୁଠାରୁ ବଡ଼ ସମସ୍ୟା। ମୁଦ୍ରାସ୍ଫୀତିର ବିପଦ - ଏହି ଚେତାବନୀ ପରେ, ଏହା ପ୍ରାୟ ନିଶ୍ଚିତ ଯେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ। ଅନ୍ତର୍ଜାତୀୟ ସଙ୍କଟ ଯୋଗୁଁ ତୈଳ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇବ, ଏବଂ ଏହା ସିଧାସଳଖ ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପକାଇବ। ଜନସାଧାରଣଙ୍କ କ୍ରୋଧକୁ ଏଡାଇବା ପାଇଁ ସରକାର ନିର୍ବାଚନ ପର୍ଯ୍ୟନ୍ତ ଏହି ସତ୍ୟକୁ ଲୁଚାଇ ରଖିଥିଲେ। କିନ୍ତୁ ବର୍ତ୍ତମାନ ନିର୍ବାଚନ ଶେଷ ହେବା ପରେ, ଜନସାଧାରଣଙ୍କୁ ମୁଦ୍ରାସ୍ଫୀତି ପାଇଁ ପ୍ରସ୍ତୁତ



ହେବାକୁ କୁହାଯାଇଛି। ଏହା ରାଜନୀତିର ସବୁଠାରୁ କଠୋର ଚେହେରା - କ୍ଷମତା ହାସଲ କରିବା ପାଇଁ ସତ୍ୟକୁ ଲୁଚାଇବା ଏବଂ ତା’ପରେ ସେମାନେ କ୍ଷମତା ପାଇବା ମାତ୍ରେ ଜନସାଧାରଣଙ୍କ ଉପରେ ବୋଝ ଲଦିବା। ଲୋକ ବନାମ କ୍ଷମତା - ଏହି ସମ୍ପୂର୍ଣ୍ଣ ଘଟଣା ଆମକୁ ବିଚାର କରିବାକୁ ବାଧ କରେ ଯେ ସରକାର ଲୋକଙ୍କର କି କେବଳ କ୍ଷମତା ଏବଂ କର୍ପୋରେସନଗୁଡ଼ିକର ?

ନିର୍ବାଚନ ପରେ, ଜନସାଧାରଣ କେବଳ ନିର୍ଦ୍ଦେଶ ଏବଂ ଚେତାବନୀ ପାଆନ୍ତି। ପ୍ରକୃତ ପ୍ରଶ୍ନ ହେଉଛି ଏହି ସଙ୍କଟର ସମାଧାନ ପାଇଁ ସରକାର ନିଜେ କ’ଣ ଠୋସ୍ ପଦକ୍ଷେପ ନେବେ। ଏହିଠାରେ ଜନସାଧାରଣ ନିରାଶ ଅନୁଭବ କରନ୍ତି। କାରଣ ଜନସାଧାରଣଙ୍କଠାରୁ ବଳିଦାନ ଆଶା କରିବା ସହଜ, କିନ୍ତୁ କ୍ଷମତା ଏବଂ ଶାସନ ଦାୟିତ୍ୱ ପୂରଣ କରିବା କଷ୍ଟକର। ପ୍ରକୃତରେ, ପ୍ରଧାନମନ୍ତ୍ରୀ ଯେତେବେଳେ ଏହି ବିବୃତି ଦେଇଥିଲେ, ଏଥିରେ କେବଳ ଜନସାଧାରଣଙ୍କ ପାଇଁ ନିର୍ଦ୍ଦେଶନାମା ଥିଲା। ତଥାପି, ସରକାର ମୁଦ୍ରାସ୍ଫୀତି କିପରି ନିୟନ୍ତ୍ରଣ କରାଯିବ, ଅନ୍ତର୍ଜାତୀୟ ସଙ୍କଟର ପ୍ରଭାବକୁ ହ୍ରାସ କରିବା ପାଇଁ କ’ଣ ପଦକ୍ଷେପ ନିଆଯିବ, କିମ୍ବା ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ କେଉଁ ନୀତି କାର୍ଯ୍ୟକାରୀ କରାଯିବ ସେ ବିଷୟରେ କୌଣସି ସ୍ପଷ୍ଟ ଯୋଜନା ପ୍ରକାଶ କରିନାହାନ୍ତି। ଏହି ନୀରବତା ସୂଚାଇ ଦେଉଛି ଯେ ସରକାର ଜନସାଧାରଣଙ୍କୁ ପ୍ରସ୍ତୁତ କରୁଛନ୍ତି, କିନ୍ତୁ ନିଜକୁ ଦାୟୀ କରିବାରୁ ବଞ୍ଚିତ କରୁଛନ୍ତି।

ତଥାପି, ଠୋସ୍ ପଦକ୍ଷେପ ଘୋଷଣା କରିବା କଷ୍ଟକର କାରଣ ଏହି ପଦକ୍ଷେପଗୁଡ଼ିକ ଶିଳ୍ପପତି, ବଡ଼ ବ୍ୟବସାୟ ଏବଂ କ୍ଷମତା ଲୋଭୀ ବର୍ଗଙ୍କୁ ପ୍ରଭାବିତ କରିବ। ଉଦାହରଣ ସ୍ୱରୂପ, ଯଦି ସରକାର ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ଟିକସ ବୃଦ୍ଧି କରନ୍ତି, ରାଜନେତାଙ୍କ ବିଦେଶ ଯାତ୍ରାକୁ ନିଷେଧ କରନ୍ତି, କିମ୍ବା ବଡ଼ ଶିଳ୍ପପତିଙ୍କ ଉପରେ କଠୋର ନିୟମ ଲାଗୁ କରନ୍ତି, ତେବେ ଶାସକ ବର୍ଗ କ୍ରୋଧିତ ହେବେ। ଏହି କାରଣରୁ ସରକାର କେବଳ ଜନସାଧାରଣଙ୍କୁ ବଳିଦାନ ଦେବାକୁ କୁହନ୍ତି, କିନ୍ତୁ ନିଜେ କୌଣସି ଠୋସ୍ ଦାୟିତ୍ୱ ଗ୍ରହଣ କରନ୍ତି ନାହିଁ। ଏହି ପରିସ୍ଥିତି ଜନସାଧାରଣଙ୍କ ପ୍ରତି ଅତ୍ୟନ୍ତ ଅନ୍ୟାୟ, କାରଣ ସଙ୍କଟର ଭାର ଯେଉଁମାନେ ପୂର୍ବରୁ ସଂଘର୍ଷ କରୁଛନ୍ତି ସେମାନେ ବହନ କରନ୍ତି। ସରକାରଙ୍କୁ କେବଳ ଚେତାବନୀ ଦେବା ଉଚିତ୍ ନୁହେଁ ବରଂ ରିଲିଫ୍ ଏବଂ ସମାଧାନ ପାଇଁ ଏକ ସ୍ପଷ୍ଟ ଯୋଜନା ମଧ ଉପସ୍ଥାପନ କରିବା ଉଚିତ୍। ଯେପରିକି ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ସବସିଡି, ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ହ୍ରାସ ଏବଂ ସାଧାରଣ ଲୋକଙ୍କ ପାଇଁ ଆର୍ଥିକ ସୁରକ୍ଷାର ଗ୍ୟାରେଣ୍ଟି। କିନ୍ତୁ ଯେପର୍ଯ୍ୟନ୍ତ ସରକାର ଏହି ପଦକ୍ଷେପଗୁଡ଼ିକ ଉପରେ ନୀରବ ରହିବେ, ସେପର୍ଯ୍ୟନ୍ତ ଏହା ସ୍ପଷ୍ଟ ଯେ ଚେତାବନୀଗୁଡ଼ିକ କେବଳ ଏକ ରାଜନୈତିକ ବିବୃତି, ଜନସାଧାରଣଙ୍କ ପାଇଁ ପ୍ରକୃତ ସମାଧାନ ନୁହେଁ।

ସରକାର ଠୋସ୍ ବିବୃତ୍ତିଗୁଡ଼ିକୁ ସ୍ଥଗିତ ରଖିବାର ପ୍ରକୃତ କାରଣ ହେଉଛି ଏହା ତାଙ୍କ ସହଯୋଗୀମାନଙ୍କୁ କ୍ରୋଧିତ କରିବାର ଭୟ କରୁଛି। ଜନସାଧାରଣଙ୍କଠାରୁ ବଳିଦାନ ଆଶା କରିବା ସହଜ, କିନ୍ତୁ କ୍ଷମତା ସହିତ ଜଡିତ ସୁବିଧାଗୁଡ଼ିକୁ ରୋକିବା କଷ୍ଟକର। ଏହା ରାଜନୀତିର ବିଡ଼ମ୍ବନା - ଯେଉଁଠାରେ ଜନସାଧାରଣ ବୋଝ ବହନ କରନ୍ତି, ଯେତେବେଳେ ସରକାର କେବଳ ଚେତାବନୀ ଜାରି କରନ୍ତି।

ଏହା ପ୍ରକାଶ କରେ ଯେ କ୍ଷମତା ଲୋକଙ୍କର ଲାଭ କରେ ନାହିଁ, ବରଂ ସେମାନଙ୍କୁ କ୍ଷମତା ପାଇଁ ବ୍ୟବହାର କରେ। ସାଧାରଣ ଲୋକଙ୍କୁ ତାଙ୍କ ଆବଶ୍ୟକତା ସହିତ ସାଲିସ୍ କରିବାକୁ ପଡ଼ିଥାଏ, ଯେତେବେଳେ ରାଜନେତା ଏବଂ ଶିଳ୍ପପତିମାନେ ସେମାନଙ୍କର ବିଳାସରେ ଲିପ୍ତ ରୁହନ୍ତି। ଏହି ଅସମାନତା ଆମ ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଜନସାଧାରଣଙ୍କୁ ବୁଝିବା ଉଚିତ ଯେ ସେମାନଙ୍କର ଶକ୍ତି କେବଳ ଭୋଟ ଦେବା ପର୍ଯ୍ୟନ୍ତ ସୀମିତ ନୁହେଁ। ପ୍ରକୃତ ଶକ୍ତି ପ୍ରଶ୍ନ ପଚାରିବା, ଉତ୍ତର ଦାବି କରିବା ଏବଂ କ୍ଷମତାକୁ ଦାୟୀ କରିବା ମଧରେ ରହିଛି। ଯଦି ଜନସାଧାରଣ ନୀରବ ରୁହନ୍ତି, ତେବେ ମୁଦ୍ରାସ୍ଫୀତି, ଅସମାନତା ଏବଂ ଅନ୍ୟାୟ ବୃଦ୍ଧି ପାଇବ।

ମୋ- ୯୪୩୭୨୮୮୦୨୮

## ପ୍ରମୁଖ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

କେନ୍ଦ୍ରାପଡା,୧୩।୫ (ନିପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପ୍ରୋଜେକ୍ଟ ମନିଟରିଂ ଗ୍ରୁପ ଏବଂ ପ୍ରଗତି ଅଧୀନରେ ଚାଲୁଥିବା ବିଭିନ୍ନ ଭିତ୍ତିଭୂମି ଓ ପ୍ରମୁଖ ଉନ୍ନୟନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି, ସମସ୍ୟା ଏବଂ ସମାଧାନ ନେଇ ସବିଶେଷ ଆଲୋଚନା କରାଯାଇଥିଲା। ବୈଠକରେ ବିଦ୍ୟୁତ ପ୍ରକଳ୍ପ, ରାସ୍ତା ଓ ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଏବଂ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଶେଷକରି ଜମି ଅଧିଗ୍ରହଣ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଏବଂ କାର୍ଯ୍ୟାନ୍ୱୟନ ସମୟରେ ଆସୁଥିବା ଅନ୍ତର ବିଭାଗୀୟ ସମସ୍ୟାଗୁଡ଼ିକ ଉପରେ ଗଭୀର ଆଲୋଚନା କରାଯାଇ ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣାତ୍ମକ ଭାବେ ସାରିବା ପାଇଁ ସମସ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ସୁଦୃଢ଼ ସମନ୍ୱୟ ରଖିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଅଧିକାରୀମାନଙ୍କୁ ନିୟମିତ ତଦାରଖ କରିବା ସହ ବକେୟା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଥିଲା।

## ଡାବୁଗାଁ ଥାନା ନୂଆ ଆଇଆଇସିଙ୍କୁ ସ୍ୱାଗତ

ଡାବୁଗାଁ,୧୩।୫ (ନିପ୍ର):ଡାବୁଗାଁ ଥାନାରେ ନୂତନ ଆଇଆଇସି ଭାବେ ଲକ୍ଷ୍ମୀ ପରଜା ଯୋଗଦାନ କରିଛନ୍ତି । ଡାବୁଗାଁ ସାମ୍ବାଦିକ ସଙ୍ଘ ତରଫରୁ ନୂତନ ଆଇଆଇସିଙ୍କୁ ସ୍ୱାଗତ କରାଗଲା ଏବଂ ଡାବୁଗାଁ ଅଂଚଳର ଆଇନ ଶୃଙ୍ଖଳା ବିଷୟରେ ଆଲୋଚନା କରାଗଲା। ଏହି ଅବସରରେ ଉପସ୍ଥିତି ଥିଲେ ଡାବୁଗାଁ ସାମ୍ବାଦିକ ସଙ୍ଘର ସମ୍ପାଦକ ତଥା ଆଇନ ପରାମର୍ଶ ଦାତା ମିହିର ଶଙ୍କର ପାତ୍ର, ସଭାପତି ପ୍ରଜ୍ଞା ରଞ୍ଜନ ପରିଡା,



ଉପସଭାପତି ଗଗନ ଗନ୍ତାୟତ, ଆଇନ୍ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ସୂର୍ଯ୍ୟବଂଶୀ ଜୟନ୍ତ ପାତ୍ର ଓ ସାମ୍ବାଦିକ ସଂଘର ବରିଷ୍ଠ ସାମ୍ବାଦିକ ରବି ନାରାୟଣ ମହାନ୍ତି,ସଭ୍ୟ ଗୋପାଳ ପଣ୍ଡା, ସନ୍ତସ ପାଢି ସହ ଅନ୍ୟମାନେ। ନୂତନ ଆଇଆଇସି ସୂଚନା ଦେଇଥିଲେ ଅଞ୍ଚଳରେ ଶାନ୍ତି-ଶୃଙ୍ଖଳା ବଜାୟ ରଖିବା, ଅପରାଧ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବା ତାଙ୍କର ପ୍ରାଥମିକତା ରହିବ । ସେ ସାଧାରଣ ଲୋକଙ୍କୁ ପୋଲିସକୁ ସହଯୋଗ କରିବାକୁ ଓ କୌଣସି ଅନୈତିକ କାର୍ଯ୍ୟ ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ଅନୁରୋଧ ସାମ୍ବାଦିକ ମାନଙ୍କୁ କରିଛନ୍ତି।

### ପ୍ରତ୍ୟୁଷାର ୫ମ ପ୍ରତିଷ୍ଠା ବର୍ଷ ଉତ୍ସବ

## ଗଣମାଧ୍ୟମ ସତ ଖବର ଉପରେ ଗୁରୁତ୍ୱ ଦେଉ

ଭୁବନେଶ୍ୱର,୧୩।୫ (ନିପ୍ର) : ସାପ୍ତାହିକ ଖବର କାଗଜ ପ୍ରତ୍ୟୁଷା ସତ୍ୟ ଖବର ପରିବେଷଣ ଉପରେ ଗୁରତ୍ୱ ଦେଉ ଥିବାରୁ ଲୋକପ୍ରିୟତା ସାଉଁଟି ପାରିଛି।




ମଙ୍ଗଳବାର ଜୟଦେବ ଭବନ ଠାରେ ଏହାର ପଞ୍ଚମ ବର୍ଷ ପ୍ରତିଷ୍ଠା ସମାରୋହରେ ଉପସ୍ଥିତ ଅତିଥି ମତ ବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନ ସଦସ୍ୟ ଦିଲ୍ଲୀପ ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସିପିଆଇଏମର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବିଜେଡି ନେତା ଚିନ୍ମୟ ସାହୁ, କଂଗ୍ରେସ ପ୍ରବକ୍ତା ରଜନୀ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ଏମବିସି ଟିଭିର ସମ୍ପାଦକ ଅଶୋକ ପଣ୍ଡା ଓ ନିଗମାନନ୍ଦ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ପ୍ରମୁଖ ସାମ୍ବାଦିକତା ଆଇନ ଓ ନୀତି ଉପରେ ଅଭିଭାଷଣ ରଖି ଗଣମାଧ୍ୟମ ସତ୍ୟ ଓ ତଥ୍ୟ ଉପରେ ଧ୍ୟାନ ରଖିବାକୁ ପରାମର୍ଶ ଦେଇଥିଲେ। ଉତ୍ସବ ଆରମ୍ଭରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ନିଜସ୍ୱ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବୁଦ୍ଧିଜୀବୀ, ଉଦ୍ୟୋଗପତି ଓ ବରିଷ୍ଠ ସାମ୍ବାଦିକ ଉପସ୍ଥାପକଙ୍କୁ ଉପଢୌକନ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## କୁଚିଣ୍ଡାରେ ଅନ୍ତର୍ଜାତୀୟ ନର୍ସିଂ ଦିବସ

କୁଚିଣ୍ଡା,୧୩।୫ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ବାଲମତୀ ଦେହୁରୀ ନର୍ସିଂ କଲେଜ ପ୍ରେକ୍ଷାଳୟରେ ମଙ୍ଗଳବାର ଅନ୍ତର୍ଜାତୀୟ ନର୍ସିଂ ଦ୍ୱିସ ପାଳିତ ହୋଇ ଯାଇଛି। ନର୍ସିଂ କଲେଜର ବରିଷ୍ଠ ଅଧ୍ୟାପିକା ସାଲିନା ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଡା.ଶରତ ଚନ୍ଦ୍ର ଗୌନ୍ତିଆ ମୁଖ୍ୟଅତିଥି, ରାଜ୍ୟ ସ୍ତରୀୟ ମଦର ଟେରେସା ପୁରସ୍କାର ପ୍ରାପ୍ତ ତଥା କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ନର୍ସିଂ ଅଫିସର ନୀନା ପଟେଲ ମୁଖ୍ୟବକ୍ତା, ପୂର୍ବତନ ବିଧାୟକ ତଥା ନର୍ସିଂ କଲେଜ ନିର୍ଦ୍ଦେଶକ ବୃନ୍ଦାବନ ମାଝି, ନର୍ସିଂ କଲେଜ ଅଧ୍ୟାପିକା ତନୁଶ୍ରୀ ସେଠ ଓ ଅଧ୍ୟାପିକା ପଲ୍ଲବୀ ମାଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ୪ ଜିଲ୍ଲାର ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୩।୫ :କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ଚଳିତ ବର୍ଷର ମାଟ୍ରିକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରାପଡ଼ା ସହର ହୋଟେଲ ଗୋଲଡେନ ପ୍ୟାଲେସରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଜିଲ୍ଲା ଟପ୍ପରମାନଙ୍କୁ ଉପଢୌକନ ଓ ଅର୍ଥ ରାଶି ସହ ସମିତିର ସଭାପତି ବିଶିଷ୍ଟ ସମବାୟବିତ ପ୍ରମୋଦ କୁମାର ସାହୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିଭାମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଖରିନାସୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦେବଦର୍ଶୀ ମଣ୍ଡଳ, କଟକ ଜିଲ୍ଲା ମାହାଙ୍ଗା ବ୍ଲକ ହଳଦିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଜନ୍ମେଜୟ ମହାନ୍ତି, ଯାଜପୁର ଜିଲ୍ଲା ନୀଳକଣ୍ଠପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ସାହୁ, ଜଗତସିଂହପୁର ଜିଲ୍ଲା ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ପଲାଇ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ବୃଦ୍ଧି ପାଇଥାଏ ବିଶିଷ୍ଟ ସମବାୟବିତ୍ତ ଶ୍ରୀ ସାହୁ କହିଥିଲେ । ଏହି କାର୍ଯ୍ୟକ୍ରମ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ଉତ୍ସାହିତ ହେବା ସହ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସହଜ ଏବଂ ସରଳ ହୋଇଥାଏ। ସମିତି ପକ୍ଷରୁ ଧାରାବାହିକ ଭାବେ ପ୍ରତିବର୍ଷ ମାଟ୍ରିକ ଟପ୍ପର ଏବଂ ଯୁକ୍ତ ଦୁଇ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରିଥାଏ । ସେହିପରି ବନ୍ୟା, ବାତ୍ୟା, ପ୍ରାକୃତିକ ଦୁର୍ବିପାକ ସମୟରେ ବିପନ୍ନ ମାନଙ୍କୁ ସମିତି ପକ୍ଷରୁ ସହାୟତାର ହାତ ବଢାଯାଇ ଥାଏ ।

# ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲା କାର୍ଯ୍ୟ ଖସଡ଼ା ଅନୁମୋଦନ

ଭବାନୀପାଟଣା,୧୩।୫ (ନିପ୍ର): କଳାହାଣ୍ଡି ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲା କାର୍ଯ୍ୟ ଖସଡା ଅନୁମୋଦନ, ବାଲ୍ୟ ବିବାହ ରୋକଥାମ, କିଶୋରୀମାନଙ୍କ ସୁରକ୍ଷା, ଶିକ୍ଷାରେ ଅବିରତ ସହଭାଗିତା, ଅବହେଳିତ ଶିଶୁଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସମୁଦାୟ ସଚେତନତା ଓ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ଓ ରଣନୀତି ଉପରେ ଗଭୀର ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଉଦ୍‌ବୋଧନରେ କହିଥିଲେ ଯେ, "ବାଲ୍ୟ ବିବାହ ମୁକ୍ତ କଳାହାଣ୍ଡି ଗଠନ ପାଇଁ ପ୍ରଶାସନ, ସମୁଦାୟ, ଅଭିଭାବକ, ଶିକ୍ଷକ, ଧାର୍ମିକ ନେତା ଓ ଯୁବ ସମାଜଙ୍କ ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା, ସୁରକ୍ଷା ଓ ସୁନ୍ଦର ଭବିଷ୍ୟତର




ଅଧିକାର ମିଳିବା ଦରକାର। ସେହିପରି, ବାଲ୍ୟ ବିବାହ ସମ୍ପର୍କିତ ସୂଚନା ମିଳିଲେ ତୁରନ୍ତ ପ୍ରତିକ୍ରିୟା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ଲକ୍ ଓ ଗ୍ରାମ ସ୍ତରରେ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣକୁ ଏକ ସାମାଜିକ ଆନ୍ଦୋଳନର ରୂପ ଦେବା ପାଇଁ ସମସ୍ତ ବିଭାଗ ଓ ସମୁଦାୟ ମିଶି କାମ କରିବାକୁ ବୈଠକରେ ଆହ୍ୱାନ କରିଥିଲେ। କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ ମଜିବୁନ ନିଶା ସ୍ୱାଗତ ଅଭିଭାଷଣ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ପ୍ରୋଟେକ୍ସନ ଅଫିସର ସନ୍ଧ୍ୟାରଣୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ ସଂଯୋଜକ ଅଧିକାରୀ ଯୋଗେଶ୍ୱର ବୁଦ୍ଧିଆ ଗତ ତିନି ମାସରେ ଶିଶୁ ସୁରକ୍ଷ୍ୟା କୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପାୱାରପଏଣ୍ଟ ଉପସ୍ଥାପନା କରିଥିବା ବେଳେ ଏଡ୍-ଏଟ୍-ଆକ୍ସନ୍ ସଂଯୋଜକ ଦିବ୍ୟରଞ୍ଜନ ଯୋଷି ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲା କାର୍ଯ୍ୟ ଖସଡା ଉପସ୍ଥାପନା କରିଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନିହାରେନ୍ଦ୍ର ପଣ୍ଡା , ଶିଶୁ ମଙ୍ଗଳ ସମିତି ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଶିଶୁ ମଙ୍ଗଳ ସମିତି ମେମ୍ବର ବିଶ୍ୱନାଥ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିନେଶ କହ୍ନର, ସହକାରୀ ଶ୍ରମ ଅଧିକାରୀ ଜିତମ ମାଝୀ, ଜିଲ୍ଲା ପଂଚାୟତ ଅଧିକାରୀ ବିଶ୍ୱନାଥ ରାଉତ , ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲ୍ଲା ସମାଜ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ଜିଲ୍ଲା ସଂଯୋଜକ ଆଭା ବଦ୍ରିନାଥ ସାହୁ , କର୍ତ୍ତବ୍ୟ ଏବଂ ସେବାଜଗତ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ପୋଲିସ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସ୍ୱାସ୍ଥ୍ୟ ବିଭାଗ, ୟୁନିସେଫ୍ ଏବଂ ବିଭିନ୍ନ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ସ୍ତରରେ ଚାଲୁଥିବା ସଚେତନତା କାର୍ଯ୍ୟକ୍ରମ, ବିବାହ ପୂର୍ବ ସୂଚନା ରେଜିଷ୍ଟରର ରକ୍ଷଣାବେକ୍ଷଣ, ସନ୍ଦିଗ୍ଧ ବାଲ୍ୟ ବିବାହ ଚିହ୍ନଟ ଓ ତ୍ୱରିତ ରେସ୍କ୍ୟୁ କାର୍ଯ୍ୟର ସମୀକ୍ଷା କରାଯାଇଥିଲା।

## ଗ୍ରାମବାସୀଙ୍କ ଅର୍ଥ,ଜମି ଓ ଶ୍ରମ ଦାନ ଫଳରେ ନିର୍ମାଣ ହେଲା ରାସ୍ତା

ଭାପୁର,୧୩।୫ (ନିପ୍ର): ଗ୍ରାମବାସୀ ନିଜ ଗ୍ରାମର ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦୁର୍ନୀତି ଖୋର ରାଜନେତା ତଥା ବ୍ଲକ ପ୍ରଶାସନକୁ ଜଣେଇଲେ ମଧ୍ୟ ସେମାନେ ଗ୍ରାମବାସୀଙ୍କ ସମସ୍ୟାକୁ ଅଣଦେଖା କରିଆସୁଥିଲେ। ଫଳରେ, ସାନସହରା ଓ ନିମାଣୀ ଉଭୟ ଗ୍ରାମବାସୀ ମିଳିତ ହୋଇ ସେ ରାସ୍ତାକୁ ନିଜର ଅର୍ଥ,ଜମି ଓ ଶ୍ରମଦାନ କରି ରାସ୍ତା ନିର୍ମାଣ କରିଥିବା ଭଳି ରୋଚକ ଦୃଶ୍ୟ ଭାପୁର ବ୍ଲକରେ ଦେଖିବାକୁ ମିଳିଛି ।ଘଟଣାରୁ ପ୍ରକାଶ,ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ନିମାଣୀ ଗ୍ରାମ ୬ ଗୋଟି ୱାର୍ଡ କୁ ନେଇ ଗଠିତ। ଗ୍ରାମରେ ୩୬୫ଟି ପରିବାରରେ ୧୫୦୦ ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି ।ଏହି ଗ୍ରାମର ଅଧିକାଂଶ ଦିନ ମଜୁରିଆ ରହିଥିବାବେଳେ ଆଉ କିଛି ବ୍ୟବସାୟ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରନ୍ତି। ସେମାନେ ଭାପୁର ବ୍ଲକ ସଦର ମହକୁମା କୁ ନିୟମିତ ଯାତାୟାତ ପାଇଁ ୪/୫ କିମି ବୁଲିବୁଲି



ଆସିଥାନ୍ତି କିନ୍ତୁ,ସାନସହରା ଗ୍ରାମ ଦେଇ ଏକ ସର୍ଟ ରୁଟ ରାସ୍ତା ନିର୍ମାଣ ପାଇଁ ଗ୍ରାମର ଯୁବକମାନେ ଏକଜୁଟ ହୋଇ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନକୁ ଜଣେଇଲେ ମଧ୍ୟ ସେମାନେ କର୍ଣ୍ଣପାତ କରି ନ ଥିଲେ ଫଳରେ,ଏହି ସମସ୍ୟା ଦୂର କରିବା ପାଇଁ ଗ୍ରାମ ଯୁବକମାନେ ଏକାଠି ହୋଇ ରାସ୍ତା ନିର୍ମାଣ ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଆଗେଇ ଆସିଥିଲେ। ସେମାନେ ଗ୍ରାମବାସୀଙ୍କ ଠାରୁ ମୁକ୍ତହସ୍ତରେ ଅର୍ଥ ଓ ଜମି ଦାନ ସଂଗ୍ରହ କରି ନିଜର ଶ୍ରମଦାନ ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ବିଶେଷକରୀ,ସାନଶହରା ଓ ବଡ଼ଶହରା ଗ୍ରାମବାସୀ ମାନେ ରାସ୍ତା ନିର୍ମାଣ ପାଇଁ ନିଜର ଅମୂଲ୍ୟ ଜମି ଦାନ କରିଛନ୍ତି। ଏହି ଘଟଣା ଭାପୁର ବ୍ଲକ ଅଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ରାସ୍ତା ପାର୍ଶ୍ୱବର୍ତ୍ତୀ ଜବରଦଖଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କଟକ,୧୩।୫ (ନିପ୍ର) : ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ବୈଠକରେ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ କଟକ ଜିଲ୍ଲାର ସଡକ ସୁରକ୍ଷା ପ୍ରବର୍ତ୍ତନ ସଂପର୍କିତ କାର୍ଯ୍ୟକଳାପର ସମୀକ୍ଷା କରାଯାଇଥିଲା । ରାସ୍ତା ପାର୍ଶ୍ୱବର୍ତ୍ତୀ ପାର୍କିଂ ଏବଂ ବର୍ଦ୍ଧିତ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ମଙ୍ଗୁଳି ଠାରେ ଜମି ଚିହ୍ନଟ କରାଯାଇ ଏକ ଟ୍ରକ



ଟର୍ମିନାଲ କରିବା ପାଇଁ ସଂପୃକ୍ତ ବିଭାଗକୁ ଅନୁରୋଧ କରାଯାଇଥିଲା । କଟକ ସହରରେ ରାସ୍ତାଗୁଡିକରେ ଥିବା ହମ୍ପସରେ ରେଡିୟମ ଲାଇଟ ଲଗାଇବା ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ -୧ ଏବଂ ୨ କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ୨୦୨୫ ନିର୍ଦ୍ଦେଶାବଳୀ ଅନୁଯାୟୀ ଜାତୀୟ ରାଜପଥରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ବେଆଇନ ପାର୍କିଂ, ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜବରଦଖଲ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ସଂପର୍କରେ ସମସ୍ତ ନିର୍ଦ୍ଦେଶକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରାଯାଇଥିଲା । କୌଣସି ଜାତୀୟ ରାଜପଥର ଡାହାଣ ପାର୍ଶ୍ୱରେ ନୂତନ ଢାବା,ଭୋଜନାଳୟ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ନିର୍ମାଣ କିମ୍ବା ପରିଚାଳନା ସଂପୂର୍ଣ୍ଣ ନିଷିଦ୍ଧ କରିବା । ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ପୂର୍ତ୍ତ ବିଭାଗର ବିନା ଅନୁମତିରେ କୌଣସି ବିଭାଗ, କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ସଂସ୍ଥା ରାଜପଥ ସୁରକ୍ଷା ପରିଧି ମଧ୍ୟରେ କୌଣସି ଅନୁଷ୍ଠାନକୁ ଲାଇସେନ୍ସ,ଏନଓସି କିମ୍ବା କୌଣସି ବାଣିଜ୍ୟିକ ଅନୁମୋଦନ ପ୍ରଦାନ କରି ପାରିବେ ନାହିଁ । ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜିଲ୍ଲାରେ ଥିବା ଜାତୀୟ ରାଜପଥ ନିମନ୍ତେ ଜିଲ୍ଲା ପ୍ରଶାସନ ,ପୋଲିସ ପ୍ରଶାସନ, ଭାରତୀୟ ଜାତୀୟ ରାଜପଥ ପାଧିକରଣ , ପୂର୍ତ୍ତ ବିଭାଗ କୁ ନେଇ ଜିଲ୍ଲା ରାଜପଥ ସୁରକ୍ଷା ବାହିନୀ ଗଠନ କରିବେ । ନିୟମିତ ଭାବରେ ଜାତୀୟ ରାଜପଥରେ ପେଟ୍ରୋଲିଂ ପାଇଁ ରାଜ୍ୟ ପୋଲିସ ଏବଂ ପରିବହନ ବିଭାଗର କର୍ମଚାରୀଙ୍କୁ ନେଇ ରାଜପଥ ନିରୀକ୍ଷକ ଦଳ ମଧ୍ୟ ଗଠନ କରାଯିବ । ଜରୁରୀକାଳିନ ଏବଂ ଚିକିତ୍ସା ବ୍ୟବସ୍ଥାକୁ ନିଶ୍ଚିନ୍ତ କରିବା ନିମନ୍ତେ କ୍ରେନ ଓ ଆମ୍ବୁଲାନ୍ସର ମୁତୟନ କରିବା, ରାଜପଥରେ ପ୍ରତି ୭୫ କିଲୋମିଟର ବ୍ୟବଧାନରେ ବିଶ୍ରାମଗାର,ଖାଦ୍ୟ, ପାନୀୟ,ପାର୍କିଂ ଏବଂ ପ୍ରାଥମିକ ଚିକିତ୍ସା ର ସୁବିଧା ରହିବା ନିମନ୍ତେ ଆଲୋଚନା କରାଯାଇଥିଲା । ଦୁର୍ଘଟଣା ପ୍ରବଣ ଅଞ୍ଚଳ ମାନଙ୍କୁ ଚିହ୍ନଟ କରି ସେ ସ୍ଥାନ ମାନଙ୍କରେ ଆଲୋକୀକରଣ, କ୍ୟାମେରା ଆଦି ବାଧ୍ୟତାମୂଳକ କରିବା ପାଇଁ ବୈଠକରେ ମଧ୍ୟ ଆଲୋଚନା କରାଯାଇଥିଲା ।

ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।

## ଛତ୍ରପଡ଼ା ଗ୍ରାମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ନିରାକାରପୁର,୧୩।୫ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଛତ୍ରପଡ଼ା ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୁଚାରୁରୂପେ ସମ୍ପନ୍ନ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବୀ ମା' କ୍ଷେତ୍ରେଶ୍ୱରୀଙ୍କ ପବିତ୍ର ପୀଠରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୧୨ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆୟୋଜିତ ଯଜ୍ଞରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ବୋତଲମା ସମିତି ସଭ୍ୟ ଭରତ ଚରଣ ଛୋଟରାୟ ଏବଂ ସମାଜସେବୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଯଜ୍ଞରେ ଆହୁତି ପ୍ରଦାନ କରିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

କୃଷ୍ଣପ୍ରସାଦ/ପୁରୀ,୧୩।୫ (ନିପ୍ର):ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୩୬ ଗୋଟି ଅଭିଯୋଗ ମିଳିଥିଲା।ସେଥିରୁ ୨୮ ଗୋଟି ବ୍ୟକ୍ତିଗତ ଓ ୮ ଗୋଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା।ତତକ୍ଷଣାତ ୨ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା।ଏହି ଶୁଣାଣିରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, କୃଷ୍ଣ ପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡା, ତହସିଲଦାର ସହଦେବ ସାହୁ,ପୋଲିସ ଏସଡିପିଓ ମାନସ ରଞ୍ଜନ ବାରିକ ଓ ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

### ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଲ୍ୟାମ୍ପସ୍‌ରେ ଏମ୍‌ଡିଙ୍କ ଦୁର୍ନୀତି ପ୍ରସଙ୍ଗ

# ଭିଜିଲାନ୍ସର ତଦନ୍ତ ଆରମ୍ଭ, ଫାଇଲ ଜବତ

ରାୟଗଡା,୧୩।୫ (ନିପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଲ୍ୟାମ୍ପସ୍‌ରେ ହୋଇଥିବା ଆର୍ଥିକ ଅନିୟମିତତା ଓ ଦୁର୍ନୀତିର ତଦନ୍ତ କରିବା ପାଇଁ ଅପେକ୍ଷା କରିଥିବା ଭିଜିଲାନ୍ସ ଆଜି ଏଆରସିଏସ କାର୍ଯ୍ୟାଳୟରୁ ସମସ୍ତ ତଥ୍ୟ ଏକଜୁଟ କରି ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରିଥିବା ଏକ ସୂଚନା ମିଳିଛି। ଜିଲ୍ଲା ସହକାରୀ ସମବାୟ ନିବନ୍ଧକ ଜନ୍ମେଜୟ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାରଙ୍କ ସମବାୟ ସଚିବ ଓ ସମବାୟ ନିବନ୍ଧକ। ନିର୍ଦ୍ଦେଶ ମିଳିବା ପରେ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟରେ ପ୍ରସ୍ତୁତି ଜୋରସୋରରେ ଚାଲିଛି ।ଲ୍ୟାମ୍ପସ ସମସ୍ତ କର୍ମଚାରୀ ମାନଙ୍କୁ ରାୟଗଡା ନିଜ କାର୍ଯ୍ୟାଳୟକୁ ଡ଼କାଇ ରୁଦ୍ଧଦ୍ୱାର ଭିତରେ ରଖି ତନ୍ନ ତନ୍ନ କରି ଗୋଟି ଗୋଟି କରି ତଦନ୍ତ କରୁଥିବା ଜଣା ପଡିଛି। ଦୁର୍ନୀତି ହୋଇଥିବା ୧୫୫ ପୃଷ୍ଠାର କାଗଜପତ୍ର ଜେରେକ୍ସ କରି ସମସ୍ତ ତଥ୍ୟକୁ ପ୍ରମାଣିତ କାଟିବା ପାଇଁ ଏକତ୍ରି କରିଥିବା ଜଣା ପଡିଛି ।ସେହିଭଳି କାଳେ କେମିତି ଦୁର୍ନୀତି ଖୋର ପୂର୍ବତନ ଏମଡି କେଉଁ ବାଟଦେଇ ଖସିଯିବାର ଯୋଜନା ଚଳାଉଥିବାରୁ ପୁଣି ସମସ୍ତ କାଗଜ ପତ୍ର ଫାଇଲ ଗୁଡା କେସିସି ବ୍ୟାଙ୍କ ବିଏମ ଓ ଡ଼ିଆରସିଏସ ଖୋଳ ତାଡ଼ କରୁଥିବାରୁ ଅଧିକ ତଥ୍ୟ ପଦାକୁ ଆସିବ ବୋଲି ଜଣା ପଡିବ। ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ସଚିବଙ୍କ ନିର୍ଦ୍ଦେଶ କଲ୍ୟାଣସିଂହପୁର ଲ୍ୟାମ୍ପ୍ସରେ ଚାଷୀଙ୍କ ଟଙ୍କା ହଡ଼ପ ହୋଇଛି। ସହକାରୀ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ନମ୍ବର ୫୨୫ ଅନୁଯାୟୀ ୭୫ ଲକ୍ଷ ଟଙ୍କାର ଅନିୟମିତତା ହୋଇଥିବା ଜଣାପଡ଼ିଛି। ସ୍ୱତନ୍ତ୍ର ଅଡିଟ୍ ପରେ ଏହାର ପରିମାଣ ବଢ଼ିବା ଆଶଙ୍କା କରାଯାଉଛି। ଏପଟେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ସମସ୍ତ ଫାଇଲ ଲେଜର କେଶ ବୁକ ନେଇ ତଦନ୍ତ ଆରମ୍ଭ କରିଥିବା ଜଣା ପଡିଛି। ହେଲେ କେଉଁ କେଉଁ ଦିଗପ୍ରତି ସହକାରୀ ନିବୋନ୍ଧକ ତଦନ୍ତ କରି ନାହାନ୍ତି ଭିଜିଲାନ୍ସ ସେହି ବିଭାଗ ତଦନ୍ତ ତାହା ମଧ୍ୟ କରବା ହେଲେ ଅଧିକ ଦୁର୍ନୀତି ପଦାକୁ ଆସିବ ବୋଲି ଅଂଚଳ ବାସି ଚାହିଁଛନ୍ତି। ଖୋଦ୍ ଲ୍ୟାମ୍‌ସ ପରିଚାଳନା ନିର୍ଦ୍ଦେଶକଙ୍କ ଅଫିସ ଉପରେ ତଦନ୍ତ ଭିଜିଲାନ୍ସ କଲେ ଅଧିକରୁ ଅଧିକ ତଥ୍ୟ ପଦାକୁ ଆସିବ ବୋଲି ଜଣା ପଡିବ ଆଲୋଚନା ହେଉଛି । ଏହି ଟଙ୍କା ହଡ଼ପ କରିଥିବା ସ୍ପଷ୍ଟ ହୋଇଛି ।ଏମିତିଙ୍କ ସମ୍ପୃକ୍ତଙ୍କ ପାଖରେ ସୁରକ୍ଷା ଦେଉଥିବା କିଛି ବ୍ୟକ୍ତିଙ୍କୁ ତଦନ୍ତ ପରିସରକୁ ଆଣି ତଦନ୍ତ ହେଲେ ସମ୍ପତି ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି। ୩୩ ଜଣ ଚାଷୀଙ୍କ ନାଁରେ ୨୮ ଲକ୍ଷ ୨୯ ହଜାର ୮୯ ଟଙ୍କା ତୋଷାରପାତ କରିଥିବା ତଦନ୍ତରୁ ଜଣାପଡ଼ିଛି।

ଜମାକାରୀଙ୍କ ଅଜାଣତରେ ସେମାନଙ୍କ ଜମାଖାତାରୁ ଟଙ୍କା ଉଠାଇ ହଡ଼ପ କରିଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି ସହକାରୀ ନିବନ୍ଧକ। କ୍ୟାସ୍‌ବୁକ୍ ଓ ଲେଜରରେ ମଧ୍ୟ ତଥ୍ୟ ମେଳ ଖାଉ ନ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ୨୦୨୫ ଜୁନ୍ ୩୦ ତାରିଖରେ ସନ୍ଦେହଜନକ କାରବାର କ୍ୟାସ୍‌ବୁକ୍‌ରେ ହୋଇଛି। ଉକ୍ତ ବ୍ୟକ୍ତି ମିନିବ୍ୟାଙ୍କ ଆକାଉଣ୍ଟରୁ ୨୮ ଲକ୍ଷ ୨୯ ହଜାର, ଭାଇଙ୍କ ନାଁରେ ୧୪ ଲକ୍ଷ ୨୧ ହଜାର, ବାପାଙ୍କ ନାଁରେ ୩ ଲକ୍ଷ ୭୫ ହଜାର, ସ୍ତ୍ରୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ୬ ଲକ୍ଷ ୬୫ ହଜାର ଏବଂ ନିଜ ନାମରେ ଅଲଗା ୨୨ ଲକ୍ଷ ଟଙ୍କା ବେଆଇନ ଭାବେ ହଡ଼ପ କରିଥିବା ତଦନ୍ତବେଳେ ସାମ୍ନାକୁ ଆସିଛି। ଅନିୟମିତତା ପରିମାଣ ଆହୁରି ଅଧିକ ରହିଥିବା ସମବାୟ ବିଭାଗ ସନ୍ଦେହ କରୁଛି। ତେଣୁ ୫ ବର୍ଷର ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ସହକାରୀ ସମବାୟ ନିବନ୍ଧକ ଜନ୍ମେଜୟ ମହାପାତ୍ର ସୁପାରିସ୍ କରିଛନ୍ତି। ନିଜର ତଦନ୍ତ ରିପୋର୍ଟ ସରକାରଙ୍କୁ ଦାଖଲ କରିଛନ୍ତି। ଲ୍ୟାମ୍ପ୍ ପରିଚାଳନା କମିଟି ସ୍ୱତନ୍ତ୍ର ଅଡିଟ୍ ଶୀଘ୍ର କରିବା ପାଇଁ ରହିଥିଲେ ମଧ୍ୟ ଆଜକୁ ୯ ଦିନ ହେବ କରି ନଥିବା ଦୁର୍ଭାଗ୍ୟ ଜନକ ବିଭାଗ ନିଜ ପଦକ୍ଷେପ ଗ୍ରହଣ କରିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ଆଜିଠୁ ଭିଜିଲାନ୍ସ ତଦନ୍ତ କୁଆଡେ କରଥିବା ଜଣା ପଡ଼ିଥିବା ବେଳେ ଆଗକୁ କଣ କଣ ତଥ୍ୟ ପଦାକୁ ଆସୁଛି ଦେଖିବାକୁ ବାକି ରହିଲା। ପରିଚାଳନା କମିଟି କଣ ପଦକ୍ଷେପ ନେଉଛି ସମସ୍ତଙ୍କ ନଜର ରହିଛି ବୋଲି ଜିଲ୍ଲାରେ ଆଲୋଚନା ହେଉଛି।

# ଜିଲ୍ଲା ଭିଜିଲାନ୍ସ ଓ ନିରୀକ୍ଷଣ କମିଟି ବୈଠକ : ଅତ୍ୟାଚାର ମାମଲାର ଶୀଘ୍ର ନିଷ୍ପତ୍ତି ଉପରେ ଗୁରୁତ୍ୱ

କେନ୍ଦ୍ରାପଡା,୧୩।୫ (ନିପ୍ର): ଜିଲ୍ଲା ଭିଜିଲାନ୍ସ ଓ ନିରୀକ୍ଷଣ କମିଟିର ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲୀକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ଏସସି ଓ ଏସଟି ଅତ୍ୟାଚାର ମାମଲା, ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ, ଅନ୍ତର୍ଜାତୀୟ ବିବାହ ପ୍ରୋତ୍ସାହନ ଯୋଜନା "ସୁମଙ୍ଗଳ" ଏବଂ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟାନ୍ୱୟନ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୈଠକରେ ଅତ୍ୟାଚାର ମାମଲାର ପୀଡ଼ିତମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ବିଚାରାଧୀନ ମାମଲାଗୁଡିକର ଶୀଘ୍ର ନିଷ୍ପତ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୀଡ଼ିତ ପରିବାରମାନଙ୍କୁ ସମସ୍ତ ସରକାରୀ




ସହାୟତା ସମୟୋପଯୋଗୀ ଭାବେ ପହଞ୍ଚାଇବା ପାଇଁ ସମ୍ପୃକ୍ତ ବିଭାଗଗୁଡିକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା । ସେହିପରି "ସୁମଙ୍ଗଳ" ଯୋଜନା ସମ୍ପର୍କରେ ଅଧିକରୁ ଅଧିକ ଜନସଚେତନତା ସୃଷ୍ଟି କରିବା, ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ସୁବିଧା ପହଞ୍ଚାଇବା ଏବଂ ପ୍ରଚାର ପ୍ରସାରକୁ ବ୍ୟାପକ କରିବାକୁ ଗୁରୁତ୍ୱ ଦିଆଯାଇଥିଲା ।

ସାମାଜିକ ସମାନତା ବୃଦ୍ଧିରେ ଏହି ଯୋଜନାର ଭୂମିକା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଜଙ୍ଗଲ ଅଧିକାର ଆଇନ ଅଧୀନରେ ଯୋଗ୍ୟ ପରିବାରମାନଙ୍କୁ ଅଧିକାର ପତ୍ର ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଆବେଦନଗୁଡିକର ଶୀଘ୍ର ନିଷ୍ପତ୍ତି ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ କେନ୍ଦ୍ରାପଡ଼ା ଗଣେଶ୍ୱର ବେହେରା, ଡିଏସପି ପ୍ରଦୀପ କୁମାର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଭୀମ ଆର୍ମି ସଭାପତି ନଗେନ୍ଦ୍ର ଜେନା, ସଦସ୍ୟ ପୁରୁଷୋତ୍ତମ ମଲ୍ଲୀକ, ସଦସ୍ୟା ଜୟନ୍ତୀ ସରେନ, ନେଚର କ୍ଲବ ସମ୍ପାଦକ ଅଲ୍ୟଲ୍ୟ କୁମାର ବଳଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ । ବୈଠକରେ ଭୀମ ଆର୍ମି ସଭାପତି ନଗେନ୍ଦ୍ର ଜେନା ଏସସି ଓ ଏସଟି ସମ୍ପର୍କିତ ବିଭିନ୍ନ ସମସ୍ୟା ପ୍ରସଙ୍ଗ ଉଠାଇଥିବାବେଳେ, ସେଗୁଡିକର ସମାଧାନ ପାଇଁ ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ ।

14 .05.2026 P-5.pmd 1 5/13/2026, 5:03 PM

# ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ସାରା ଦେଶରେ ଛାତ୍ର ଅଶାନ୍ତି

## ସବୁଠି ବିକ୍ଷୋଭ, ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା





ନୂଆଦିଲ୍ଲୀ,୧୩।୫ : ନିଟ୍ ପ୍ରଶ୍ନପତ୍ର ଲିକକୁ ନେଇ ସାରା ଦେଶରେ ତେଜୁଛି ଛାତ୍ର ଅଶାନ୍ତି । ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କ ଡାକ୍ତର ବନିବା ସ୍ୱପ୍ନକୁ ଶକ୍ତ ଧକ୍କା ପରେ, ରାସ୍ତାକୁ ଓହ୍ଲାଇ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନଟିଏ ଉପରେ ରୋଷ ପ୍ରକାଶ କରିଛନ୍ତି ବିଭିନ୍ନ ଛାତ୍ର ସଂଗଠନ । ଏପଟେ ନାସିକରୁ ଗିରଫ ଛାତ୍ରଙ୍କୁ ସିବିଆ ୨ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ନେଇ ଦିଲ୍ଲୀ ଆଣୁଥିବା ବେଳେ, ମାମଲା ସୁପ୍ରିମକୋର୍ଟକୁ ବି ଯାଇଛି । ଦିଲ୍ଲୀରୁ ମୁମ୍ବାଇ କେରଳରୁ କର୍ଣ୍ଣାଟକ । ବିକ୍ଷୋଭ, ନାରାବାଜି, ବ୍ୟାରିକେଡ୍ ଭଙ୍ଗା କୁଶପୁତ୍ତଳିକା ଦାହ ହୋଇଛି । ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଦେଶବ୍ୟାପୀ ଘମାଘୋଟ ପ୍ରତିବାଦ । ରାସ୍ତାକୁ ଓହ୍ଲାଇଛନ୍ତି ଛାତ୍ର କଂଗ୍ରେସ, ଏସଏଫଆଇ, ଏବିଭିପି ଆଦି ଛାତ୍ର ସଂଗଠନ । ନିଟ୍ ପରୀକ୍ଷା ବାତିଲ ପରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ହୋଇଛି । ପେପର୍ ଲିକ୍ ରୋକିବାରେ ବିଫଳ ହୋଇଥିବା ଜାତୀୟ ପରୀକ୍ଷା ସଂସ୍ଥା- ଏନଟିଏର କାର୍ଯ୍ୟକାରିତାକୁ ନେଇ ବର୍ଷିଛନ୍ତି ଆନ୍ଦୋଳନକାରୀ । ଓଖଲା ସ୍ଥିତ ଏନଟିଏ ମୁଖ୍ୟାଳୟ ବାହାରେ ଏବିଭିପି ପକ୍ଷରୁ ଜୋରଦାର ପ୍ରଦର୍ଶନ କରାଯାଇଛି । ବିଭିନ୍ନ ସ୍ଥାନରେ ପୁଲିସ ସହ ଧସ୍ତାଧସ୍ତି ହେବା ସହ, କିଛି ଆନ୍ଦୋଳନକାରୀଙ୍କୁ ପୁଲିସ ଅଟକ ରଖିଛି । ଏପଟେ ଓଡ଼ିଶାରେ ବ୍ରହ୍ମପୁର, ଅନୁଗୁଳ ଓ ବାରିପଦା ଆଦି ସ୍ଥାନରେ ବିକ୍ଷୋଭ କରିଛି ବିଜେଡି । କେବଳ ରାଜରାସ୍ତାରେ ଆନ୍ଦୋଳନ ନୁହେଁ, ସର୍ବୋଚ୍ଚ ନ୍ୟାୟାଳୟରେ ବି ପହଞ୍ଚିଛି ଫେରାଦ । ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ୍ ଆସୋସିଏସନ୍ । ପରୀକ୍ଷା ପରିଚାଳନାର ତ୍ରୁଟିକୁ ବ୍ୟବସ୍ଥାଗତ ବିଫଳତା ବୋଲି ଦର୍ଶାଇଛି ଏଫଏଆଇଏମଏ । ଏନଟିଏକୁ ଭାଙ୍ଗି ଏକ ଦୃଢ଼, ପ୍ରଯୁକ୍ତିଗତ ଉନ୍ନତ ତଥା ସ୍ୱତନ୍ତ୍ର ସଂସ୍ଥା ଭାବେ ପୁନର୍ଗଠନ ପାଇଁ ଆବେଦନ କରାଯାଇଛି । ପୁଣି ହେବାକୁ ଥିବା ପରୀକ୍ଷାକୁ ବିଚାର ବିଭାଗୀୟ ତତ୍ତ୍ୱାବଧାନରେ କରିବାକୁ ଦାବି ହୋଇଛି । ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ସାଇବର୍ ସୁରକ୍ଷା ବିଶେଷଜ୍ଞ ଓ ଫରେନ୍ସିକ ବିଶେଷଜ୍ଞଙ୍କୁ ନେଇ ହାଇ-ପାୱାର୍ଡ୍ ମନିଟରିଂ କମିଟି ଗଠନ ପାଇଁ ଦାବି ହୋଇଛି । ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ପାଇଁ ବିଭିନ୍ନ ରାଜ୍ୟରେ ସ୍ୱତନ୍ତ୍ର ଟିମ୍ ଗଠନ କରିଛି ସିବିଆଇ । ଗତକାଲି ଏହି ମାମଲାରେ ନାସିକରୁ ଜଣେ ଛାତ୍ର ଶୁଭମ ଖୈରନାରଙ୍କୁ ଗିରଫ କରି ୨ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ନେଇଛି । ଆସନ୍ତାକାଲି ତାଙ୍କୁ ଦିଲ୍ଲୀ ସିବିଆଇ କୋର୍ଟରେ ହାଜର କରାଯିବ ।

## ସିବିଆଇ ଦ୍ୱାରା ୫ ଗିରଫ

ନୂଆଦିଲ୍ଲୀ,୧୩।୫: ନିଟ ୟୁଜି-୨୦୨୬ ପରୀକ୍ଷାରେ ଅନିୟମିତତା ଏବଂ ପେପର ଲିକ୍ ହୋଇଥିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ପାଞ୍ଚ ଜଣଙ୍କୁ ଗିରଫ କରିଛି ଏବଂ ବିଭିନ୍ନ ସ୍ଥାନରେ ତଲାସୀ ଚଳାଇଛି।ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଉଚ୍ଚଶିକ୍ଷା ବିଭାଗର ଡାକ୍ତରୀ ପ୍ରବେଶିକା ପରୀକ୍ଷା ପରିଚାଳନାରେ ଅବହେଳା ସମ୍ପର୍କରେ ଅଭିଯୋଗ ଆଧାରରେ ଏଜେନ୍ସି ମେ ୧୨, ୨୦୨୬ ରେ ଏକ ଏତଲା ରୁଜୁ କରିଥିଲା। ଅପରାଧିକ






ଷଡ଼ଯନ୍ତ୍ର, ଠକେଇ, ଅପରାଧିକ ବିଶ୍ୱାସ ଭଙ୍ଗ, ଭାରତୀୟ ନ୍ୟାୟ ସଂହିତା ର ବ୍ୟବସ୍ଥା, ଦୁର୍ନୀତି ନିବାରଣ ଆଇନ ଏବଂ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ଆଇନ, ୨୦୨୪ ସମେତ ବିଭିନ୍ନ ଅଭିଯୋଗ ଅନୁଯାୟୀ ଏହି ମାମଲା ରୁଜୁ କରାଯାଇଛି। ଏପର୍ଯ୍ୟନ୍ତ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଜୟପୁରରୁ ତିନି ଜଣ, ଗୁରୁଗ୍ରାମରୁ ଜଣେ ଏବଂ ନାସିକରୁ ଜଣେ। ଚାଲିଥିବା ତଦନ୍ତର ଅଂଶ ସ୍ୱରୂପ ଅନ୍ୟ ଅନେକ ସନ୍ଦିଗ୍ଧଙ୍କୁ ମଧ୍ୟ ପଚରାଉଚରା କରାଯାଉଛି।ସିବିଆଇ ଦେଶର ବିଭିନ୍ନ ସ୍ଥାନରେ ତଲାସୀ କରିଛି ଏବଂ ଚଢାଉ ସମୟରେ ମୋବାଇଲ୍ ଫୋନ୍ ସମେତ ଅପରାଧିକ ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ୍ ଉପକରଣ ଜବତ କରିଛି।

## ବସ୍‌ରେ ଯାତ୍ରା କରିବେ ନୀତିନ ଗଡକରୀ

ନୂଆଦିଲ୍ଲୀ,୧୩।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ପରେ, କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଇନ୍ଧନ ସଂରକ୍ଷଣ ପାଇଁ, ଗଡକରୀ ତାଙ୍କର ସରକାରୀ କାଫଲାର ଆକାର ହ୍ରାସ କରିବେ ଏବଂ ବସ ଯୋଗେ ଯାତ୍ରା କରିବେ। ସେ ୧୪ ଏବଂ ୧୫ ମଇରେ ମହାରାଷ୍ଟ୍ରର ପୁଣେ, ସତାରା ଏବଂ ସୋଲାପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେ ଏହି ସମ୍ପୂର୍ଣ୍ଣ ଗସ୍ତ କେବଳ ବସ ଯୋଗେ କରିବେ। ତାଙ୍କ ସୁରକ୍ଷା ବିବରଣୀ, କର୍ମଚାରୀ ଏବଂ ତାଙ୍କ ସହିତ ଥିବା ସାମ୍ବାଦିକମାନେ ସମସ୍ତେ ତାଙ୍କ ସହିତ ସମାନ ବସ ଯୋଗେ ଯାତ୍ରା କରିବେ। ସଡ଼କ ପରିବହନ ମନ୍ତ୍ରଣାଳୟ ଏହି ବିକାଶର ଆନୁଷ୍ଠାନିକ ଘୋଷଣା କରିବା ପାଇଁ ଏକ ନୋଟିସ ଜାରି କରିଛି। ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା ନୋଟିସ ଅନୁଯାୟୀ, କେନ୍ଦ୍ର ମନ୍ତ୍ରୀ ୧୪ ଏବଂ ୧୫ ମଇ, ୨୦୨୬ ରେ ସନ୍ଥ ଜ୍ଞାନେଶ୍ୱର ମହାରାଜ ଏବଂ ସନ୍ଥ ତୁକାରାମ ମହାରାଜ ପାଲଖି ମାର୍ଗ ପ୍ରକଳ୍ପଗୁଡ଼ିକର ଯାଞ୍ଚ କରିବେ। ପ୍ରଧାନମନ୍ତ୍ରୀ ମୋଦି ଦେଶର ଶକ୍ତି ସୁରକ୍ଷାକୁ ପ୍ରାଥମିକତା ଦେବା ଏବଂ ଇନ୍ଧନ ସଂରକ୍ଷଣ କରିବା ପାଇଁ ଏକ ଦେଶବ୍ୟାପୀ ଆବେଦନ ଜାରି କରିଛନ୍ତି। ଫଳସ୍ୱରୂପ, କେନ୍ଦ୍ର ମନ୍ତ୍ରୀ ବସ ଯୋଗେ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି ଅଧିକାରୀ, ସାମ୍ବାଦିକ ଏବଂ ସୁରକ୍ଷା କର୍ମୀଙ୍କ ସହିତ ଏକ ପଦକ୍ଷେପ ଯାହା ଟ୍ରାଫିକ ପରିଚାଳନାରେ ଉନ୍ନତି ଆଣିବ ଏବଂ ସାଧାରଣ ଜନତାଙ୍କ ପାଇଁ ସୁବିଧା ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ପୁଣେ,

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନରୱେ ରାଜନେତାଙ୍କ ପ୍ରଶଂସା

ନୂଆଦିଲ୍ଲୀ,୧୩।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ ୧୮ ଓ ୧୯ ତାରିଖରେ ନରୱେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ନରୱେ ରାଜନେତାଙ୍କ ପ୍ରଶଂସା ଆସିବାର ଲାଗିଲାଣି। ନରୱେର ପୂର୍ବତନ ମନ୍ତ୍ରୀ ତଥା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ର ପୂର୍ବତନ ମୁଖ୍ୟ ଏରିକ୍ ସୋଲହେମ୍ ମୋଦିଙ୍କୁ ତାଙ୍କ ନେତୃତ୍ୱ ଓ ପରିବେଶ ସମ୍ପର୍କିତ ଦୃଷ୍ଟିକୋଣକୁ ନେଇ ଦୃଢ଼ ପ୍ରଶଂସା କରିଛନ୍ତି। ସୋଲହେମ୍ ମୋଦିଙ୍କୁ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା କହିବା ସହିତ ପାଶ୍ଚାତ୍ୟ ଦେଶର ନେତାମାନେ ତାଙ୍କ ନିରନ୍ତର ସବୁଜ ବାର୍ତ୍ତାରୁ ବହୁତ କିଛି ଶିଖିବାର ଅଛି ବୋଲି କହିଛନ୍ତି। ନରୱେର ଖବରକାଗଜ 'ଡାଗେନ୍ସ ନାଏରିଙ୍ଗସ୍ଲିଭ୍'ରେ ପ୍ରକାଶିତ ଏକ ଲେଖାରେ ସୋଲହେମ ମୋଦିଙ୍କ ଲୋକପ୍ରିୟତା, ଅର୍ଥନୈତିକ ସଂସ୍କାର ଓ ସବୁଜ ଅଭିବୃଦ୍ଧି ପାଇଁ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ତାଙ୍କୁ ବୈଶ୍ୱିକ ସ୍ତରରେ ଭାରତର ଉତ୍ଥାନକୁ ଆଗେଇ ନେଉଥିବା ଜଣେ ପରିବର୍ତ୍ତନକାରୀ ନେତା ଭାବରେ ବର୍ଣ୍ଣନା କରିଥିଲେ। ମୋଦିଙ୍କର ଭାରତରେ ଯେତିକି ଲୋକପ୍ରିୟତା ରହିଛି, ଅନ୍ୟ କୌଣସି ବଡ଼ ଦେଶର ବଡ଼ ନେତାଙ୍କର ସେତିକି ଲୋକପ୍ରିୟତା ନାହିଁ ବୋଲି ସୋଲହେମ୍ କହିଛନ୍ତି। ଭାରତରେ ମୋଦିଙ୍କ ଲୋକପ୍ରିୟତା ହାର ପାଖାପାଖି ୭୦ ପ୍ରତିଶତ ଥିବାବେଳେ ସେ ବିଶ୍ୱର ଜଣେ ପ୍ରମୁଖ ଗଣତାନ୍ତ୍ରିକ ନେତା ବୋଲି ସୋଲହେମ୍ କହିଛନ୍ତି। ଦେଶର ଅର୍ଥନୀତି କଥା ଉଠାଇ ସୋଲହେମ୍ କହିଛନ୍ତି, ଭାରତ ବିଶ୍ୱର ଅନ୍ୟ ଅର୍ଥନୀତିକୁ ପଛରେ ପକାଇ ବାର୍ଷିକ ପ୍ରାୟ ସାତ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରୁଛି। ଚୀନ ଓ ଅନ୍ୟ କେତେକ ପ୍ରମୁଖ ଦେଶ ଭାରତଠାରୁ ପଛରେ ଅଛନ୍ତି ବୋଲି ସୋଲହେମ୍ କହିଛନ୍ତି।

## ମେଣ୍ଟରେ ପ୍ରବଳ ବିରୋଧ ପାଇଁ ଜ୍ୟୋତିଷଙ୍କୁ ଓଏସଡି ପଦବୀରୁ ହଟାଇଲେ

ଚେନ୍ନାଇ,୧୩।୫: ତାମିଲନାଡୁର ନୂତନ ମୁଖ୍ୟମନ୍ତ୍ରୀଙ୍କ ଜ୍ୟୋତିଷଙ୍କ ପଡିଛି ଖରାପ ସମୟ। ଜ୍ୟୋତିଷରୁ ଓଏସଡି ହୋଇଥିବା ପଣ୍ଡିତ ରିକି ରାଧା ଭେଟ୍ରିଭେଲଙ୍କୁ ହରାଇବାକୁ ପଡିଛି ନିଜ ପଦବୀ। ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ତାଙ୍କ ନିଯୁକ୍ତିର ୨୪ ଘଣ୍ଟା ମଧ୍ୟରେ ପଦବୀରୁ ହଟାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଭେଟ୍ରିଭେଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସଡି) ଭାବରେ ନିଯୁକ୍ତି ଦେଇଥିଲେ। କିନ୍ତୁ, ତାଙ୍କର ନିଯୁକ୍ତି ତୁରନ୍ତ ବିବାଦର ବିଷୟ ପାଲଟିଥିଲା। ଟିଭିକେ ଏବଂ ମେଣ୍ଟ ଅଂଶୀଦାରମାନଙ୍କରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଦ୍ୱନ୍ଦ୍ୱୀ ଶିବିର ଏହି ନିଯୁକ୍ତିକୁ ସମାଲୋଚନା କରିଥିଲେ। ଏହା ପରେ, ମୁଖ୍ୟମନ୍ତ୍ରୀ ବିଜୟ ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଜ୍ୟୋତିଷ ପଣ୍ଡିତ ରିକି ରାଧା ଭେଟ୍ରିଭେଲଙ୍କୁ ତାଙ୍କ ପଦବୀରୁ ହଟାଇ ଦେଇଛନ୍ତି। ସରକାରଙ୍କ ମୁଖ୍ୟ ସଚିବ ଏକ ପତ୍ରରେ କହିଛନ୍ତି, ପଣ୍ଡିତ ଭେଟ୍ରିଭେଲଙ୍କୁ ଓଏସଡି ପଦରେ ନିଯୁକ୍ତିକୁ ରଦ୍ଦ କରିଦେଇଛନ୍ତି। ମଙ୍ଗଳବାର ଯେତେବେଳେ ମୁଖ୍ୟମନ୍ତ୍ରୀ ଜ୍ୟୋତିଷଙ୍କ ନିଯୁକ୍ତିକୁ ଗ୍ରୀନ୍ ସିଗନାଇଲ ଦେଇଥିଲେ, କିନ୍ତୁ ତାଙ୍କର ଏହି ପଦକ୍ଷେପକୁ ନେଇ ତାମିଲନାଡୁ ରାଜନୀତିରେ ବିବାଦ ସୃଷ୍ଟି ହୋଇଥିଲା। ଭିସିକେ, ସିପିଆଇଏମ୍ ଓ ସିପିଆଇ ଭଳି ଦଳ ଯେଉଁମାନେ ତାଙ୍କୁ ଟିଭିକେ ସରକାରଙ୍କୁ ନିଜର ସମର୍ଥନ ଦେଇଥିଲେ, ସେମାନେ ଏହି ପଦକ୍ଷେପକୁ ଖୋଲାଖୋଲି ଭାବରେ ସମାଲୋଚନା କରିଥିଲେ।

## ସୁନା ଉପରେ ଆମଦାନି ଶୁଳ୍କ ବଢାଇଲେ ସରକାର

ନୂଆଦିଲ୍ଲୀ,୧୩।୫: ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ମଧ୍ୟରେ ଏବଂ ବ୍ୟାପକ କଟକଣା ଅଭିଯାନର ଅଂଶ ସ୍ୱରୂପ ଆଗାମୀ ବର୍ଷ ପାଇଁ ଅଣ-ଅତ୍ୟାବଶ୍ୟକୀୟ ସୁନା କ୍ରୟ କରିବାରୁ ନିବୃତ୍ତ ରହିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ଆହ୍ୱାନ କରିବାର ମାତ୍ର ଗୋଟିଏ ଦିନ ପରେ, କେନ୍ଦ୍ର ସରକାର ସୁନା ଉପରେ ଆମଦାନୀ ଶୁଳ୍କକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରି ଏହି ମୂଲ୍ୟବାନ ଧାତୁକୁ ଆହୁରି ମହଙ୍ଗା କରିବା ପାଇଁ ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଜାରି ହୋଇଥିବା ଏକ ଆଦେଶରେ ବୁଧବାର ପାଇଁ ସ୍ଥିର ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକ ପୂର୍ବରୁ ଅର୍ଥ ମନ୍ତ୍ରଣାଳୟ ସୁନା, ରୂପା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଧାତୁ ପାଇଁ ପ୍ରଯୁଜ୍ୟ ସୀମା ଶୁଳ୍କର ହାର ସଂଶୋଧନ କରିଛି। ସଂଶୋଧିତ ଶୁଳ୍କ ଢାଞ୍ଚା ଅଧୀନରେ, ଯାହା ୧୩ ମଇ, ୨୦୨୬ରୁ କାର୍ଯ୍ୟକାରୀ ହେବ, ସରକାର ସୁନା ଏବଂ ରୂପା ଆମଦାନୀ ଉପରେ ୧୦% ମୌଳିକ ସୀମା ଶୁଳ୍କ ଏବଂ ୫% କୃଷି ଭିତ୍ତିଭୂମି ଏବଂ ବିକାଶ ସେସ ଲାଗୁ କରିଛନ୍ତି। ଫଳସ୍ୱରୂପ, ଏହି ଦୁଇଟି ଧାତୁ ଉପରେ ପ୍ରଭାବଶାଳୀ ଆମଦାନୀ ଶୁଳ୍କ ୧୫% କୁ ବୃଦ୍ଧି ପାଇଛି, ଯାହା ପୂର୍ବ ୬% ହାରରୁ ଯଥେଷ୍ଟ ବୃଦ୍ଧି ପାଇଛି। ସରକାରଙ୍କ ଉଦ୍ଦେଶ୍ୟ ହେଉଛି ବିଶ୍ୱ ଅସ୍ଥିରତା ମଧ୍ୟରେ ବିଦେଶରୁ କ୍ରୟକୁ ରୋକିବା ଏବଂ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ କମ କରିବା। ମଧ୍ୟପ୍ରାଚ୍ୟରେ ଭୂରାଜନୈତିକ ଉତ୍ତେଜନା ଯୋଗୁଁ କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ବିଶ୍ୱ ଅଶୋଧିତ ତୈଳ ମୂଲ୍ୟର ଚାପ ସତ୍ତ୍ୱେ, ସରକାର ଏପର୍ଯ୍ୟନ୍ତ ଖୁଚୁରା ଇନ୍ଧନ ମୂଲ୍ୟରେ କୌଣସି ଦେଶବ୍ୟାପୀ ସଂଶୋଧନ ସମ୍ପର୍କରେ କୌଣସି ଘୋଷଣା କରିନାହାଁନ୍ତି। ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ଇନ୍ଧନ ଏବଂ ଖାଦ୍ୟ ତେଲ ବ୍ୟବହାର ହ୍ରାସ କରିବାକୁ ଏବଂ ଅଣ-ଅତ୍ୟାବଶ୍ୟକୀୟ ସୁନା କ୍ରୟକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ।

## ସାଟେଲାଇଟ୍ ଚିତ୍ରରୁ ପାକିସ୍ତାନର ମିଛ ଧରାପଡ଼ିଲା ନୁରଖାନ୍ ଘାଟିରେ ଇରାନୀ ଯୁଦ୍ଧ ବିମାନ



ଇସଲାମାବାଦ, ୧୩/୫: ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ପାକିସ୍ତାନର ଦୋମୁହାଁ ନୀତି ପଦାରେ ପଡ଼ିଛି। ପାକିସ୍ତାନ ନିଜ ମାଟିରେ ଇରାନୀ ସାମରିକ ବିମାନ ଥିବା କଥାକୁ ବାରମ୍ବାର ଅସ୍ୱୀକାର କରୁଥିବା ବେଳେ ଏବେ ସାଟେଲାଇଟ୍ ଫଟୋ ସତ ପ୍ରକାଶ କରିଛି। ୨୦୨୬ ଏପ୍ରିଲ ୨୫ର ଏକ ସାଟେଲାଇଟ୍ ଚିତ୍ର ଅନୁଯାୟୀ, ରାୱଲପିଣ୍ଡିର ନୁରଖାନ ବାୟୁସେନା ଘାଟିରେ ଇରାନୀ ବାୟୁସେନାର ଏକ 'ସି-୧୩୦' ସାମରିକ ବିମାନ ଠିଆ ହୋଇଥିବା ସ୍ପଷ୍ଟ ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଇରାନ ନିଜର ସାମରିକ ସମ୍ପତ୍ତିକୁ ଆମେରିକୀୟ ଆକ୍ରମଣରୁ ରକ୍ଷା କରିବା ପାଇଁ ପାକିସ୍ତାନକୁ ଗୁପ୍ତ ଆଡ୍ଡା ଭାବେ ବ୍ୟବହାର କରୁଛି। ଇରାନର ଏହି ବିମାନଗୁଡ଼ିକର ରଙ୍ଗ ହଳଦିଆ ହୋଇଥିବା ବେଳେ ପାକିସ୍ତାନୀ ବିମାନଗୁଡ଼ିକ ଧୂସର ରଙ୍ଗର, ଯାହାଫଳରେ ସାଟେଲାଇଟରେ ଏହା ସହଜରେ ଚିହ୍ନଟ ହୋଇଛି। ଏହି ଘଟଣା ପରେ ଆମେରିକୀୟ ସେନେଟର ଲିଣ୍ଡସେ ଗ୍ରାହାମ୍ ପାକିସ୍ତାନ ଉପରେ ବିଶ୍ୱାସ କରାଯାଇପାରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସେପ୍ଟେମ୍ବର ୨୦୨୫ରେ ମଧ କରାଚୀରେ ଇରାନୀ ବୋଇଂ ବିମାନ ଦେଖାଯାଇଥିଲା। ପାକିସ୍ତାନ ପକ୍ଷରୁ ଏହି ରିପୋର୍ଟକୁ ମିଥ୍ୟା ଓ ଭ୍ରାମକ କୁହାଯାଉଥିଲେ ହେଁ, ପ୍ରମାଣ ସବୁ ପାକିସ୍ତାନ ବିରୋଧରେ ଯାଉଛି। ଆମେରିକା ମତରେ, ପାକିସ୍ତାନ ଇରାନକୁ ଏଭଳି ସାମରିକ ସୁରକ୍ଷା ଯୋଗାଉଥିବାରୁ ହିଁ ଶାନ୍ତି ଆଲୋଚନାରେ ବାଧା ସୃଷ୍ଟି ହେଉଛି।

## ତେଲ ସଂକଟ: ୨୯ ରୁଟ୍ ପାଇଁ ବିମାନ ଉଡ଼ାଣରେ ଲାଗିଲା କଟକଣା




ନୂଆଦିଲ୍ଲୀ,୧୩।୫: ତେଲ ସଂକଟ ନେଇ ଉଡ଼ାଣ କମ୍ ପାଇଁ ସୂଚନା ଜାରି କରିଛି ଏୟାର ଇଣ୍ଡିଆ। ୨୯ଟି ଅନ୍ତର୍ଜାତୀୟ ରୁଟରେ ଉଡ଼ାଣ କମ୍ ଓ ବାତିଲ ନେଇ ସୂଚନା ଦେଇଛି। ଜୁନରୁ ଅଗଷ୍ଟ ମଧ୍ୟରେ କଟକଣା ନେଇ ବିଧିବଦ୍ଧ ସୂଚନା ଦେଇଛି ଏୟାର ଇଣ୍ଡିଆ। ବିମାନ ଇନ୍ଧନ ଦାମ୍ ବୃଦ୍ଧି ଓ ଅନ୍ତର୍ଜାତୀୟ ଉଡ଼ାଣ କଟକଣାକୁ କାରଣ ଦର୍ଶାଇଛି ଏୟାର ଇଣ୍ଡିଆ। ଶେଷ ମିନିଟ୍ ଉଡ଼ାଣ ବାତିଲ ଅସୁବିଧା ଏଡ଼ାଇବାକୁ ଏପରି ପଦକ୍ଷେପ ନିଆଯାଇଛି। ହର୍ମୁଜ ପ୍ରଣାଳୀ ଏଯାବତ୍ ସ୍ୱାଭାବିକ ହୋଇ ନ ଥିବାରୁ ତେଲ ସଂକଟ ଦେଖାଦେଇଛି। ଏୟାର ଇଣ୍ଡିଆ କହିଛି, କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ ଉପରେ ନିରନ୍ତର ଆକାଶ ସୀମା ପ୍ରତିବନ୍ଧକ ଏବଂ ଅନ୍ତର୍ଜାତୀୟ କାର୍ଯ୍ୟ ପାଇଁ ରେକର୍ଡ ଉଚ୍ଚ ଜେଟ୍ ଇନ୍ଧନ ମୂଲ୍ୟ ସମେତ ଅନେକ କାରଣର ମିଶ୍ରଣରେ ଏହି ପରିବର୍ତ୍ତନ କରାଯାଇଛି, ଯାହା କିଛି ଯୋଜନାବଦ୍ଧ ସେବାର ବାଣିଜ୍ୟିକ କାର୍ଯ୍ୟକ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରେ। ଏୟାର ଇଣ୍ଡିଆ ପ୍ରତି ମାସରେ ୧୨୦୦ରୁ ଅଧିକ ଅନ୍ତର୍ଜାତୀୟ ବିମାନ ପରିଚାଳନା ଜାରି ରଖିବ, ଏକ ଦୃଢ଼ ଅନ୍ତର୍ଜାତୀୟ ନେଟୱର୍କ ବଜାୟ ରଖିବ ଯାହା ପାଞ୍ଚଟି ମହାଦେଶରେ ବ୍ୟାପ୍ତ। ଯେଉଁଥିରେ ଉତ୍ତର ଆମେରିକାକୁ ପ୍ରତି ସପ୍ତାହରେ ୩୩ଟି ବିମାନ, ୟୁରୋପକୁ ପ୍ରତି ସପ୍ତାହରେ ୪୭ଟି ବିମାନ, ୟୁକେକୁ ପ୍ରତି ସପ୍ତାହରେ ୫୭ଟି ବିମାନ, ଅଷ୍ଟ୍ରେଲିଆକୁ ପ୍ରତି ସପ୍ତାହରେ ୮ଟି ବିମାନ, ଦୂର ପୂର୍ବ, ଦକ୍ଷିଣ ପୂର୍ବ ଏସିଆ ଏବଂ ସାରକ ଅଞ୍ଚଳକୁ ପ୍ରତି ସପ୍ତାହରେ ୧୫୮ଟି ବିମାନ ଏବଂ ମରିସସ୍ (ଆଫ୍ରିକା)କୁ ପ୍ରତି ସପ୍ତାହରେ ୭ଟି ବିମାନ ଅନ୍ତର୍ଭୁକ୍ତ ବୋଲି ଏୟାର ଇଣ୍ଡିଆ କହିଛି।

## ଶିକ୍ଷାନୁଷ୍ଠାନରେ ହିଜାବ ଓ ପଇତାକୁ ଅନୁମତି

ବେଙ୍ଗାଲୁରୁ,୧୩।୫: କର୍ଣ୍ଣାଟକ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ଶିକ୍ଷାନୁଷ୍ଠାନକୁ ମୁସଲମାନ ଛାତ୍ରୀଙ୍କୁ ହିଜାବ, ହିନ୍ଦୁ ବ୍ରାହ୍ମଣ ଛାତ୍ରଙ୍କୁ ଉପବିତ ଓ ପଞ୍ଜାବୀଙ୍କୁ ପଗଡ଼ି ପିନ୍ଧି ଆସିବାକୁ ଅନୁମତି ଦେଇଛନ୍ତି। ସିଦ୍ଦାରମୈୟାଙ୍କ କଂଗ୍ରେସ ସରକାର ୨୦୨୨ରେ ବି.ଏସ୍.ୟଦୟୁରପ୍ପାଙ୍କ ବିଜେପି ସରକାରରେ ଏ ନେଇ ଥିବା କଟକଣାକୁ ପ୍ରତ୍ୟାହୃତ କରିଛନ୍ତି। ଏଣୁ ଏବେ ଶିକ୍ଷାନୁଷ୍ଠାନକୁ ବିଭିନ୍ନ ଧର୍ମର ଛାତ୍ରଛାତ୍ରୀ ସେମାନଙ୍କ ଧର୍ମାନୁସାରେ ପଗଡ଼ି, ଉପବିତ, ରୁଦ୍ରାକ୍ଷ, କଡ଼ା ଓ ହିଜାବ ପିନ୍ଧି ଆସି ପାରିବେ। ଏ ନେଇ କୌଣସି କଟକଣା ରହିବ ନାହିଁ।୨୦୨୨ରେ ବିଜେପି ସରକାରଙ୍କ ଛାତ୍ରଛାତ୍ରୀଙ୍କ ଲାଗି ଏପରି କଟକଣା ସେତେବେଳେ ବିବାଦର କାରଣ ହୋଇଥିଲା

## ବଢ଼ିଲା ଅମୂଲ କ୍ଷୀର ଦାମ୍

ନୂଆଦିଲ୍ଲୀ,୧୩।୫: ସମଗ୍ର ଦେଶରେ ପ୍ରସିଦ୍ଧ ଦୁଗ୍ଧ ଉତ୍ପାଦ କମ୍ପାନୀ ଅମୂଲ କ୍ଷୀର ଦାମ୍ ବୃଦ୍ଧି କରିଛି । ସମସ୍ତ ବର୍ଗର କ୍ଷୀର ଦାମ ୨ ଟଙ୍କା ବୃଦ୍ଧି ପାଇଛି । ଆସନ୍ତାକାଲିଠାରୁ ବର୍ଦ୍ଧିତ ମୂଲ୍ୟ ଲାଗୁ ହେବ । ଚାରା ମୂଲ୍ୟ ବୃଦ୍ଧି ଯୋଗୁଁ କମ୍ପାନୀ କ୍ଷୀର ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି । ଅମୂଲ ଗୋଲଡ୍ ଅଧା ଲିଟରକୁ ଏବେ ୩୫ ଟଙ୍କା ହୋଇଥିବାବେଳେ ଲିଟରକୁ ୬୯ ଟଙ୍କାରେ ମିଳିବ । ସେହିପରି ଅମୂଲ ଟୋନ୍ଡ ଅଧା ଲିଟରକୁ ୩୦ ଟଙ୍କା ଏବଂ ଗୋଟିଏ ଲିଟରକୁ ୫୭ ଟଙ୍କା ହୋଇଛି । ଅମୂଲ ଗାଇ କ୍ଷୀର ଅଧା ଲିଟରକୁ ୩୧ ଟଙ୍କାରେ ବିକ୍ରି ହେବ ।

## ୨୫ ବିଦ୍ରୋହୀ ବିଧାୟକଙ୍କୁ ଦଳରୁ ବିଦା କଲା ଏଆଇଏଡିଏମକେ

ଚେନ୍ନାଇ,୧୩।୫: ଫ୍ଲୋର ଟେଷ୍ଟରେ ବାଜିମାତ କରିଛନ୍ତି ସିଏମ ଜୋସେଫ ବିଜୟ । ବିଜୟଙ୍କୁ ୧୧୮ ବିଧାୟକଙ୍କ ସମର୍ଥନ ଦରକାର ଥିଲା, କିନ୍ତୁ ତାଙ୍କ ସମର୍ଥନରେ ପଡ଼ିଥିଲା ୧୪୪ ଭୋଟ୍ । ସେମାନଙ୍କ ମଧ୍ୟରୁ ୨୫ ଜଣ ଏଆଇଏଡିଏମକେ ବିଧାୟକ । ବିଧାନସଭାରେ କ୍ରସ ଭୋଟିଂ କରିବା ପରେ ୨୫ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଦଳ । ଏଆଇଏଡିଏମକେର ସାଧାରଣ ସମ୍ପାଦକ କେ. ପଲାନିସ୍ୱାମୀ ବୁଧବାର ଏସ୍.ପି. ଭେଲୁମନି, ସି.ଭି. ଶାନମୁଗମ, ନାଥମ ଆର ବିଶ୍ୱାନଥମ ଏବଂ ସି. ବିଜୟଭାସ୍କରଙ୍କ ସମେତ ଅନେକ ନେତାଙ୍କୁ ଦଳୀୟ ପଦବୀରୁ ବହିଷ୍କାର କରିଛନ୍ତି।

## ମୁଲାୟମ ସିଂହ ଯାଦବଙ୍କ ପୁଅ ପ୍ରତୀକ ଯାଦବଙ୍କ ଦେହାନ୍ତ

ନୂଆଦିଲ୍ଲୀ ୧୩।୫; ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂହଙ୍କ ପୁଅ ପ୍ରତୀକ ଯାଦବଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୩୮ ବର୍ଷ ବୟସ ହୋଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କୁ ସିଭିଲ୍ ହସ୍ପିଟାଲକୁ ନିଆଯାଇଥିଲା କିନ୍ତୁ ସେ ସେଠାରେ ପହଞ୍ଚିବା ପୂର୍ବରୁ ହିଁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କୁ ମୃତ ଅବସ୍ଥାରେ ହସ୍ପିଟାଲକୁ ଅଣାଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ଆନୁଷ୍ଠାନିକ ଭାବରେ ମୃତ ଘୋଷଣା କରିଥିଲେ। ପ୍ରତୀକ ଯାଦବ ବିଜେପି ନେତା ଅପର୍ଣ୍ଣା ଯାଦବଙ୍କ ସ୍ୱାମୀ ଥିଲେ। ଅପର୍ଣ୍ଣା ବର୍ତ୍ତମାନ ମହିଳା କମିଶନର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି। ସୂଚନା ଅନୁଯାୟୀ, ପ୍ରତୀକଙ୍କୁ ସକାଳ ୫.୫୫ ରେ ହସ୍ପିଟାଲକୁ ଅଣାଯାଇଥିଲା। ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

# ଇନ୍ଧନ ବଞ୍ଚାଇବା ପାଇଁ ମୋଦି ସୃଷ୍ଟି କଲେ ଉଦାହରଣ

## ମାତ୍ର ୨ଗାଡ଼ିର କନଭୟରେ ବାହାରିଲେ



ନୂଆଦିଲ୍ଲୀ,୧୩।୫: ସୁରକ୍ଷା, ସୁବିଧା ଏବଂ ସରକାରୀ ଖର୍ଚ୍ଚ କାଟ୍ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ଏକ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ଦେଶବାସୀଙ୍କୁ ଇନ୍ଧନ ବଞ୍ଚାଇବା ପାଇଁ ଅପିଲ୍ କରିବା ପରେ, ପ୍ରଧାନମନ୍ତ୍ରୀ ନିଜେ ପ୍ରଥମେ ନିଜଠୁ ଆରମ୍ଭ କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ମାତ୍ର ୨ଟି ଗାଡ଼ିର କନଭୟରେ ଯାତ୍ରା କରୁଥିବାର ଦେଖିବାକୁ ମିଳିଛି, ଯାହା ସମସ୍ତଙ୍କୁ ଚକିତ କରିଛି। ସାଧାରଣତଃ ପ୍ରଧାନମନ୍ତ୍ରୀଙ୍କ କନଭୟରେ ୧୨ ରୁ ୧୫ଟି ଗାଡ଼ି ରହିଥାଏ। ଏଥିରେ ଏସପିଜି , ଏନଏସଜି କମାଣ୍ଡୋ, ଜାମର କାର୍ ଏବଂ ଆମ୍ବୁଲାନ୍ସ ସାମିଲ ଥାଏ। କିନ୍ତୁ ବୁଧବାର ସାମ୍ନାକୁ ଆସିଥିବା ଭିଡିଓରେ ଦେଖାଯାଇଛି ଯେ, ଗୋଟିଏ ଗାଡ଼ିରେ ପ୍ରଧାନମନ୍ତ୍ରୀ ବସିଥିବା ବେଳେ ଅନ୍ୟ ଗୋଟିଏ ଗାଡ଼ିରେ ଏସପିଜି କର୍ମଚାରୀ ଅଛନ୍ତି। ଏପରିକି କ୍ୟାବିନେଟ୍ ବୈଠକକୁ ଯିବା ସମୟରେ ମଧ ସେ ମାତ୍ର ୪ଟି ଗାଡ଼ି ବ୍ୟବହାର କରିଥିଲେ। ପଶ୍ଚିମ ଏସିଆରେ ଲାଗିରହିଥିବା ଉତ୍ତେଜନା କାରଣରୁ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ସମସ୍ତ ନେତା ଓ ଅଧିକାରୀଙ୍କୁ ସେମାନଙ୍କ କନଭୟରେ ଗାଡ଼ି ସଂଖ୍ୟା କମାଇବାକୁ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପ ପରେ ଏବେ ଅନ୍ୟ କେନ୍ଦ୍ରମନ୍ତ୍ରୀ ଯଥା ଅମିତ ଶାହ ଏବଂ ରାଜନାଥ ସିଂ ମଧ ଛୋଟ କନଭୟରେ ଯାତ୍ରା କରୁଥିବାର ଦେଖାଯାଇଛି। ପେଟ୍ରୋଲ-ଡିଜେଲର ବ୍ୟବହାର କମାଇ ଦେଶର ବିଦେଶୀ ମୁଦ୍ରା ବଞ୍ଚାଇବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଉଦ୍ଦେଶ୍ୟ। ସେଥିପାଇଁ ସେ କନଭୟରେ ଇଲେକ୍ଟ୍ରିକ୍ ଗାଡ଼ି ସଂଖ୍ୟା ବଢ଼ାଇବାକୁ ଏସପିଜିକୁ ପରାମର୍ଶ ଦେଇଛନ୍ତି। ମୋଦୀଙ୍କ ଏହି ନୂତନ ଅବତାର ଦେଖି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ନେତାମାନେ ମଧ ନିଜ ସରକାରୀ ଗସ୍ତରେ ଗାଡ଼ି ସଂଖ୍ୟା କମାଇବାକୁ ଘୋଷଣା କରିଛନ୍ତି।

## ମଧ୍ୟପ୍ରଦେଶ ହାଇକୋର୍ଟ ବିଚାରପତି ସାଇକେଲରେ ଆସିଲେ ଅଦାଲତ



ଭୋପାଳ,୧୩।୬: ମଧ୍ୟପ୍ରଦେଶର ଜବଲପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପିଲର ବଡ଼ ପ୍ରଭାବ ଦେଖିବାକୁ ମିଳିଛି । ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ଡିଡି ବଂଶଲ ନିଜର ସରକାରୀ ଗାଡ଼ି ଛାଡ଼ି ସାଇକେଲରେ କୋର୍ଟକୁ ଯାଉଥିବା ଦେଖିବାକୁ ମିଳିଛି । ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଞ୍ଚୟ କରିବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି । ବିଚାରପତି ଜଣକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଇନ୍ଧନ ବଞ୍ଚାଅ' ଅଭିଯାନ ଦ୍ୱାରା ପ୍ରଭାବିତ ହୋଇ ଏହି ପଦକ୍ଷେପ ନେଇଛନ୍ତି ।

# ଚୋରକୁ ଅଢ଼େଇ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଭୁବନେଶ୍ୱର(ନିପ୍ର): ଆଜି ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ ର ବିଚାରପତି ଜଷ୍ଟିସ ସୋମେଶ ସୋମ୍ୟଜିତ ପଣ୍ଡା, ଗତ ୨୦୨୪ ମସିହା ନଭେମ୍ବର ମାସରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘଟିଥିବା ଏକ ଟଙ୍କାଚୋରୀ ମାମଲାର ବିଚାର କରି ଆସାମୀ ସୁରେଶ କୁମାର ସାମନ୍ତରାୟଙ୍କୁ ୨ ବର୍ଷ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାର ଅନ୍ତରାଳେ: ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ସଞ୍ଜୟ ମଙ୍ଗରାଜ "ଜେଟ ସିକ୍ୟୁରିଟି ସଂସ୍ଥା" ରେ ସୁପରଭାଇଜର ଭାବେ ଚାକିରୀ କରିବା ସହ ସଂସ୍ଥା ତରଫରୁ ଯୋଗାଇ ଦିଆଯାଇଥିବା ଭଡାଘରେ ଦୀର୍ଘ ୧୪ ବର୍ଷ ହେବ ରହି ଆସୁଥିଲେ । ଅଭିଯୁକ୍ତ ସୁରେଶ କୁମାର ସାମନ୍ତରାୟ ମଧ୍ୟ ଅଭିଯୋଗକାରୀଙ୍କ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରିବା ସହ ଅଭିଯୋଗକାରୀଙ୍କ ସହିତ ଉକ୍ତ ଭଡା ଘରେ ମିଶିକରି ରହୁଥିଲେ । ଅଭଯୋଗକାରୀ ନିଜ ପୈତୃକ ଗ୍ରାମକୁ ମାସକୁ ଥରେ କିମ୍ବା ଦୁଇଥର ଯାଆସ କରିଥାନ୍ତି । ପୈତୃକ ଗ୍ରାମରେ ଥିବା ଘରର ଛାତ ପକାଇବା ଲାଗି ସେ ପାଖରେ ୭,୯୦,୦୦୦ ଟଙ୍କା ବିଭିନ୍ନ ସୂତ୍ରରୁ ସଞ୍ଚୟ କରି ରଖିଥିଲେ । ଇତିମଧ୍ୟରେ ଗତ ୦୬.୧୧.୨୦୨୪ ରେ ନିଜ ଅଜାଙ୍କ ମୃତ୍ୟୁ କଥା କହି ଅଭିଯୁକ୍ତ ସୁରେଶ ଛୁଟି ନେଇ ଗାଁକୁ ଚାଲିଯାଇଥିଲା । ପରେ ସେ ଗାଁରୁ ଆସି ଗୋଟିଏ ଦିନ ପାଇଁ ଡ୍ୟୁଟି କରି ପୁନର୍ବାର ଗାଁକୁ ଚାଲିଯାଇଥିଲା । ଇତିମଧ୍ୟରେ ଗତ ୧୫.୧୧.୨୦୨୪ ରେ ଅଭିଯୋଗକାରୀ ବାକ୍ସରେ ରଖିଥିବା ଟଙ୍କା ଗଣିବା ବେଳକୁ ସେଥିରୁ ୫,୬୨,୫୦୦ ଟଙ୍କା କମ ଥିବା ଜାଣିବାକୁ ପାଇଥିଲେ । ତାଙ୍କର ଅଭିଯୁକ୍ତ ସୁରେଶ ଉପରେ ସନ୍ଦେହ ଜାତ ହୋଇଥିଲା । ସେ ତୁରନ୍ତ ଅଭିଯୁକ୍ତଙ୍କ ଗାଁ ବୈଦେଶ୍ୱରକୁ ଯାଇ ସୁରେଶକୁ ଫୋନ କରିବାରୁ ସେ ଘରେ ନଥିବା କହି ଫାଙ୍କି ଦେଇଥିଲେ । କିନ୍ତୁ ଅଭିଯୋଗକାରୀ ସୁରେଶର ଘରକୁ ଯାଇ ଦେଖିବା ବେଳକୁ ସେ ଘରେ ହିଁ ଉପସ୍ଥିତ ଥିଲେ । ତାଙ୍କୁ ଉକ୍ତ ଟଙ୍କା ବିଷୟରେ ପଚାରିବାରୁ ସେ କିଛି ଜାଣିନଥିବା କହିଥିଲେ, କିନ୍ତୁ ସନ୍ଧ୍ୟାରେ ସୁରେଶର ଭିଣୋଇ ଘଟଣା ସମ୍ପର୍କରେ ଆଲୋଚନା ପାଇଁ ପୁନର୍ବାର ଡାକିଥିଲେ । ଅଭିଯୋଗକାରୀ ଦୁଇଜଣ ସାଙ୍ଗକୁ ନେଇ ବୈଦେଶ୍ୱର ଯାଇଥିଲେ ଏବଂ ସେଠାରେ ଟଙ୍କା ହଜିବା ଘଟଣାକୁ ନେଇ ଆଲୋଚନା ହୋଇଥିଲା । କିନ୍ତୁ ଅଭିଯୁକ୍ତ ସୁରେଶ କିମ୍ବା ତାଙ୍କ ଭିଣୋଇ ଟଙ୍କା ନେଇନଥିବା ନେଇ ଯୁକ୍ତି ବାଢିଥିଲେ । ଏହା ପରେ ଅଭିଯୋଗକାରୀ ଭୁବନେଶ୍ୱର ଫେରିଆସିଥିଲେ, କିନ୍ତୁ ତାଙ୍କର ସୁରେଶ ଉପରେ ସନ୍ଦେହ ରହିଥିଲା । ଏଣୁ ସେ ଘଟଣାର ତଦନ୍ତ ପାଇଁ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକାରୀ ସଞ୍ଜୟ ମଙ୍ଗରାଜଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନାକେସ ନଂ.୬୨୭/୨୦୨୪, ବିଏନଏସଏସ ର ଧାରା-୩୦୫ ଅନୁଯାୟୀ ମାମଲା ପଞ୍ଜୀକୃତ ହୋଇଥିଲା ଏବଂ ତତ୍କାଳୀନ ଥାନା ଏଏସଆଇ ପ୍ରଫୁଲ୍ଲ କୁମାର ରାଉତରାୟଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା ଓ ସେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ସୁରେଶ କୁମାର ସାମନ୍ତରାୟକୁ ଖୁବ ଶୀଘ୍ର ଗିରଫ କରିଥିଲେ ଓ ବିଚାର କାଳରେ ମାନ୍ୟବର ଅଦାଲତ ୬ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୧୨ ଗୋଟି ପ୍ରାସଙ୍ଗିକ ଦଲିଲର ଅଧ୍ୟୟନ କରି ବିଚାର କାର୍ଯ୍ୟର ପରିସମାପ୍ତି କରିଥିଲେ । ମାନ୍ୟବର ଅଦାଲତ ଆଜି ତାଙ୍କ ରାୟରେ ଆସାମୀ ସୁରେଶ କୁମାର ସାମନ୍ତରାୟକୁ ବିଏନଏସଏସ ର ଧାରା-୩୦୫ ଆଧାରରେ ୨ ବର୍ଷ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦,୦୦୦/- ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି । ଏହି ମାମଲାକୁ ସରକାର ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ଶ୍ରୀ ନିରଞ୍ଜନ ବେହେରା ସଫଳତାର ସହ ପରିଚାଳନା କରିଥିଲେ ଓ ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୪୯ ତମ ମାମଲା ।

# ବାଟାଲିଅନ୍ ହାବିଲଦାରଙ୍କ ଆତ୍ମହତ୍ୟା




ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ୍ ତନରଡା ସ୍ଥିତ ଅଷ୍ଟମ ସ୍ୱତନ୍ତ୍ର ବାଟାଲିଅନର ହାବିଲଦାର ଦେବାଶିଷ ବେହେରା ମଙ୍ଗଳବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ସୂଚନା ପ୍ରକାରେ ସ୍ୱର୍ଗତ ଦେବାଶିଷଙ୍କ ନିଜ ଘର ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରପୁଟ ଗ୍ରାମର ସୁବ୍ରତ ବେହେରାଙ୍କ ପୁଅ । ଦେବାଶିଷଙ୍କ ଦୁଇଟି ଝିଅ ହୋଇଥିବା ବେଳେ ସେମାନେ ପରିବାର ସହିତ ନିଜ ଗ୍ରାମରେ ରହି ଆସୁଥିଲେ । ମଙ୍ଗଳବାର ରାତିରେ ହାବିଲଦାର ଦେବାଶିଷ ବେଲଗୁଣ୍ଠା ଥାନା ଅନ୍ତର୍ଗତ କୁରୁଳେଇ ରାସ୍ତାର ଏକ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ଖବରପାଇ ବେଲଗୁଣ୍ଠା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ । ଏନେଇ ବେଲଗୁଣ୍ଠା ଥାନାରେ କେସ୍ ନମ୍ବର୍ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଦେବାଶିଷଙ୍କ ପରିବାର ଲୋକଙ୍କୁ ଡକାଇ ତାଙ୍କ ଶବ ହସ୍ତାନ୍ତର କରାଯାଇଛି । ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ କିଛିଦିନ ହେଲା ମାନସିକ ଅବସାଦରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।

## ମାରଣାସ୍ତ୍ର ଦେଖାଇ ଲୁଟ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଲୁଟପାଟ କରିବା ଅଭିଯୋଗରେ ମୈତ୍ରୀବିହାର ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସାଗର ସାହୁ । ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ରବୀନ୍ଦ୍ର କୁମାର ବେହେରା ନୟାପଲ୍ଲୀ ସ୍ଥିତ ଆଇଡି ମାର୍କେଟରେ ଏକ ଚାଟ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି । ଗତ ତା ୦୮.୦୫.୨୦୨୬ ରାତି ୧୧ ଟା ସମୟରେ ସେ ନିଜର ଚାଟ ଦୋକନ ବନ୍ଦ କରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ, ମଇଳା ଟାଙ୍କି ନିକଟସ୍ଥ ସ୍ୱାଇଁ ୱାଇନ ସପ ସମ୍ମୁଖରେ ଅଭିଯୁକ୍ତ ଜଣକ ତାଙ୍କୁ ରାସ୍ତାରେ ବେଆଇନ ଭାବେ ଅଟକାଇବା ସହ ଏକ ଧାରୁଆ ଛୁରୀ ବେକରେ ଲଗାଇ ଜୀବନରୁ ମାରିଦେବାର ଭୟ ଦେଖାଇ, ପାଖରେ ଥିବା ଟଙ୍କା ଏବଂ ମୁଲ୍ୟବାନ ସାମଗ୍ରୀ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗକାରୀ ଏହାର ବିରୋଧ କରିବା ଦେଖି ଅଭିଯୁକ୍ତ ତାଙ୍କୁ ମାଡ ମାରିବା ସହ ଠେଲି ଦେଇଥଲେ । ଫଳରେ ଅଭିଯୋଗକାରୀ ସାଇକେଲରୁ ପଡି ଆହତ ହୋଇଥିଲେ । ପରେ ଅଭିଯୁକ୍ତ ଅଭିଯୋଗକାରୀଙ୍କ ମୋବାଇଲ ଫୋନ ଛଡାଇ ନେବା ସହ ତାଙ୍କ ନିକଟରୁ ପାସୱାର୍ଡ ପଚାରି ବୁଝି ସେଠାରୁ ଫେରାର ହୋଇଯାଇଥିଲେ । ଏହି ଘଟଣା ପରେ ଗତ ୦୯.୦୫.୨୦୨୬ ରେ ଅଭିଯୋଗକାରୀ ଟଙ୍କା ଉଠାଇବା ଲାଗି ପାଖ ଏଟିଏମକୁ ଯାଇଥିବା ବେଳେ, ତାଙ୍କ ଆକାଉଣ୍ଟରେ ଆଉ ଟଙ୍କା ନଥିବା ଜାଣିବାକୁ ପାଇଥିଲେ । ଏହି ଘଟଣା ସମ୍ପର୍କରେ ଜାଣିବା ଲାଗି ସେ ନିକଟସ୍ଥ ବ୍ୟାଙ୍କ ଶାଖାକୁ ଯାଇ ପଚାରି ବୁଝିବାରୁ, ମୋବାଇଲ ଲୁଟ ହୋଇଥିବା ରାତିରେ ତାଙ୍କ ଆକାଉଣ୍ଟରୁ ମୋଟ ୩୮,୫୩୭ ଟଙ୍କା ଅବୈଧ ଭାବରେ ଫୋନ-ପେ ଜରିଆରେ ଅଭିଯୁକ୍ତଙ୍କ ଏସବିଆଇ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଜାଣିବାକୁ ପାଇଥିଲେ । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଅଭିଯୁକ୍ତ ସାଗର କୁମାର ସାହୁଙ୍କୁ ଲୋୟୋଲା ସ୍କୁଲ ନିକଟରୁ କାବୁ କରିବା ସହ ତାଙ୍କ ହେପାଜତରୁ ଅଭିଯୋଗକାରୀଙ୍କ ଲୁଟ ମୋବାଇଲ ଫୋନ ଏବଂ ୧୭,୦୦୦ ଟଙ୍କା ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯକ୍ତ ସାଗର ନିଜ ଅପରାଧ ସ୍ୱୀକାର କରିଥିଲେ ।

## ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଅକ୍ଷୟ କୁମାର ଭୋଇ ଓରଫ ଅଖି । ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ମଦନ ଭୋଇ ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ଭୋଇ ସାହିରେ ରୁହନ୍ତି । ଗତ ୧୨.୦୫. ୨୦୨୬ ରାତି ପ୍ରାୟ ୮.୦୦ ଟା ସମୟରେ ସେ ତାଙ୍କ ଘରକୁ ଫେରୁଥିବା ବେଳେ, ତାଙ୍କ ଘର ନିକଟ ରାସ୍ତାରେ ଅକ୍ଷୟ ଭୋଇ ହାତରେ ଏକ ଖଣ୍ଡା ଧରି ଅଶ୍ଳୀଳ ଭାଷାରେ ତାଙ୍କୁ ଗାଳି ଦେଇଥିଲେ । ଅଭିଯୋଗକାରୀ ଦୁର୍ବ୍ୟବହାରର କାରଣ ପଚାରିବାରୁ ସେ ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଖଣ୍ଡାରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରୁ ଅଭିଯୋଗକାରୀ ନିଜକୁ ବଞ୍ଚାଇ ନେଇଥିଲେ ମଧ୍ୟ ଖଣ୍ଡ ଆଘାତରେ ଆଂଶିକ ଆହତ ହୋଇଥିଲେ । ପରେ ସେ ଭୟରେ ସେଠାରୁ ଦୌଡି ପଳାଇଯାଇଥିଲେ । ସେ ଚାଲିଯିବା ପରେ ଅଭିଯୁକ୍ତ ଅକ୍ଷୟ ଭୋଇ ତାଙ୍କ ଗାଡ଼ିକୁ ଖଣ୍ଡା ଏବଂ ପଥର ସାହାଯ୍ୟରେ କ୍ଷତିଗ୍ରସ୍ତ କରିବା ସହ ଅକ୍ଷୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଚାଲିଯାଇଥିଲେ । ତେଣୁ ସେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ଏହା ଜଣାପଡ଼ିଲା ଯେ, ମଦନ ଭୋଇ ଏବଂ ଅକ୍ଷୟ ଭୋଇ ଉଭୟ ଘାଟିକିଆ ଭୋଇ ସାହିର ବାସିନ୍ଦା । ଗତ ୧୨.୦୫.୨୦୨୬ ସନ୍ଧ୍ୟାରେ ଉଭୟ ଘାଟିକିଆ ପଡ଼ିଆ ନିକଟରେ ମଦ୍ୟପାନ କରୁଥିଲେ । ସାମାନ୍ୟ କଥାକୁ ନେଇ ଉଭୟ ପରସ୍ପର ସହିତ ମୁହାଁମୁହିଁ ହୋଇଥିଲେ, ଏବଂ ବାକ୍ ବଚସା ପରେ ଉଭୟେ ସେଠାରୁ ଚାଲିଯାଇଥିଲେ । ତା'ପରେ ହଠାତ୍ କ୍ରୋଧରେ କ୍ରୋଧିତ ହୋଇ ଅକ୍ଷୟା ଭୋଇ ମଦନ ଭୋଇଙ୍କୁ ଆକ୍ରମଣ କରିବାକୁ ଯୋଜନା କରିଥିଲେ । ତେଣୁ, ସେ ତାଙ୍କ ଘରକୁ ଯାଇ ତାଙ୍କ ଖଣ୍ଡା ଆଣି ମଦନ ଭୋଇଙ୍କୁ ଆକ୍ରମଣ କରିବା ପାଇଁ ଘାଟିକିଆ ଭୋଇ ସାହି ରାସ୍ତା ନିକଟରେ ଅପେକ୍ଷା କରିଥିଲେ । ମଦନ ଭୋଇ ତାଙ୍କ ଗାଡ଼ିରେ ଘରକୁ ଫେରୁଥିବା ସମୟରେ ଅକ୍ଷୟ ଭୋଇ ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ଖଣ୍ଡାରେ ଆକ୍ରମଣ କରିଥିଲେ । ପୁଲିସ ଅଭିଯୁକ୍ତ ଅକ୍ଷୟ କୁମାର ଭୋଇ ଓରଫ ଅଖିଙ୍କୁ ଏହି ମାମଲାରେ ଗିରଫ କରିବା ସହ ତାଙ୍କ ନିକଟରୁ ଘଟଣାରଏ ବ୍ୟବହୃତ ଏକ ଖଣ୍ଡାକୁ ଜବତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ଅକ୍ଷୟ ନିଜର ଅପରାଧ ସ୍ୱୀକାର କରିଥିଲେ ।

# ଗୋଷ୍ଠୀ ସଂଘର୍ଷ, ଉଭୟ ପକ୍ଷରୁ ୩ ଗିରଫ

ଭୁବନେଶ୍ୱର(ନିପ୍ର): ନିଶାସକ୍ତ ଅବସ୍ଥାରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ଶହୀଦନଗର ଥାନା ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଛି । ତଦନ୍ତ ସମୟରେ ଅଭିଯୁକ୍ତ ରାମ ଚନ୍ଦ୍ର ସୋରେନ ଓରଫ ରାମ, ଚରଣ ଦିଗି ଓରଫ ଏଫଏମ ଏବଂ ସୋନୁ ହାତୀ ଓରଫ ଗୌରାଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ, ଗତ ତା ୧୨.୦୫.୨୦୨୬ ରାତି ପ୍ରାୟ ୯.୦୦ ଟାରୁ ୧୦.୦୦ ଟା ମଧ୍ୟରେ ନୟାପଲ୍ଲୀ ମୁଣ୍ଡା ସାହି ସ୍ଥିତ ଏକ କ୍ଲବ ଘରର ଛାତ ଉପରେ ମଦ୍ୟପାନ କରୁଥିବା ସମୟରେ ସେହି ବସ୍ତିର ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା । ପୂର୍ବ ଶତ୍ରୁତା ଏବଂ ମଦ୍ୟପ ଅବସ୍ଥାକୁ କେନ୍ଦ୍ର କରି ସୋନୁ ହାତୀ ଏବଂ ରାମ ଚନ୍ଦ୍ର ସୋରେନ ଓ ଚରଣ ଦିଗିଙ୍କ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା, ଯାହା ପରେ ହିଂସାତ୍ମକ ରୂପ ନେଇଥିଲା । ଝଗଡ଼ା ସମୟରେ ଅଭିଯୁକ୍ତ ରାମ ଚନ୍ଦ୍ର ସୋରେନ ଏବଂ ଚରଣ ଦିଗି ଛୁରୀ ସାହାଯ୍ୟରେ ସୋନୁ ହାତୀଙ୍କୁ ଆକ୍ରମଣ କରି ଆହତ କରିଥିଲେ । ସେମାନେ ତାଙ୍କୁ ତଳେ ପକାଇ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ସମୟରେ ଆହତ ସୋନୁ ହାତୀଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା । ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ସୋନୁ ହାତୀ ମଦ୍ୟପ ଅବସ୍ଥାରେ ରାମ ଚନ୍ଦ୍ର ସୋରେନ ଏବଂ ତାଙ୍କ ସହଯୋଗୀ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଏକ ଭଙ୍ଗା ବିୟର ବୋତଲରେ ରାମ ଚନ୍ଦ୍ର ସୋରେନଙ୍କ ମୁଣ୍ଡକୁ ଆକ୍ରମଣ କରି ରକ୍ତାକ୍ତ ଆଘାତ କରିଥିଲେ । ଚରଣ ଦିଗି ମଧ୍ୟସ୍ଥତା କରିବାକୁ ଆସିଥିବା ବେଳେ, ସୋନୁ ହାତୀ ସେହି ଭଙ୍ଗା ବୋତଲରେ ତାଙ୍କ ପଛପଟକୁ ଆକ୍ରମଣ କରି ଆହତ କରିଥିଲେ । ଘଟଣା ସମୟରେ ଉଭୟ ପକ୍ଷ ପରସ୍ପରକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ତଦନ୍ତ ସମୟରେ ଘଟଣାସ୍ଥଳରୁ ଏକ ଛୁରୀ, ଭଙ୍ଗା ବିୟର ବୋତଲ ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଥିଲା । ପଚରାଉଚରା ସମୟରେ ଅଭିଯୁକ୍ତମାନେ ଘଟଣାରେ ନିଜନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ । ଅଭିଯୁକ୍ତ ରାମ ଚନ୍ଦ୍ର ସୋରେନ ଓରଫ ରାମ, ଚରଣ ଦିଗି ଓରଫ ଏଫଏମ ଏବଂ ସୋନୁ ହାତୀ ଓରଫ ଗୌରାଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ଆଇନ ଅନୁଯାୟୀ ଆଜି ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

## ଚାଷୀ ଅସନ୍ତୋଷ: ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ
### ଡିଆରସିଏସ ଅଫିସ ଆଗରେ ଗର୍ଜିବେ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ହଜ ପଂଚାୟତ ନିଧିପୁର ମା' ଜାଗେଶ୍ୱର ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ୧୪ ମଇ ୨୦୨୬ ରିଖରେ ଖୋର୍ଦ୍ଧା ସ୍ଥିତ ଡିଆରସିଏସ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଏକ ବିଶାଳ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ୨୦୨୩ ମସିହାରେ ହୋଇଥିବା ଫସଲ କ୍ଷୟକ୍ଷତି ବାବଦ ବୀମା ରାଶି ପ୍ରଦାନରେ ଅହେତୁକ ଅନିୟମିତତା ଏବଂ ସାର ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଚାଷୀଙ୍କ ଅଭିଯୋଗ ଆଧାରରେ ଡିଆରସିଏସ, ଖୋର୍ଦ୍ଧାଙ୍କ ଦ୍ୱାରା କରାଯାଇଥିବା ଅନୁସନ୍ଧାନରୁ ଦୁର୍ନୀତିର ସତ୍ୟତା ପ୍ରମାଣିତ ହୋଇଥିଲା । ଏହାପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଡିଆରସିଏସ ଓ ଏଆରସିଏସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ, ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଆସନ୍ତା ୧୪.୦୫.୨୦୨୬ ରିଖ ଦିବା ୧୦ଟା ସମୟରେ ଖୋର୍ଦ୍ଧା ଡିଆରସିଏସ କାର୍ଯ୍ୟାଳୟ ଆଗରେ ୨୦୦ରୁ ଅଧିକ ଚାଷୀ ଏକତ୍ରିତ ହୋଇ ଧାରଣା ଦେବେ । ଏ ସମ୍ପର୍କରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ, ଖୋର୍ଦ୍ଧା ଜିଲ୍ଲାପାଳ, ଡିଆରସିଏସ, ଏଆରସିଏସ ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଯଦି ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯାଏ, ତେବେ ଆନ୍ଦୋଳନ ଆଗକୁ ଆହୁରି ତୀବ୍ର ହେବ ବୋଲି ଚାଷୀ ପ୍ରତିନିଧି ପ୍ରବେଶ ଜୟସିଂହ ଚେତାବନୀ ଦେଇଛନ୍ତି ।

## ବାଲିପାଟଣା ଛକରୁ ୧୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ବାଲିପାଟଣା(ନିପ୍ର): ବାଲିପାଟଣା ଅଂଚଳରେ ଚୋରା ନିଶା ସାମଗ୍ରୀର କାରବାର ବୃଦ୍ଧି ପାଉଥିବା ବିଶେଷ କରି ଧଳା ଜହର କାରବାର ବୃଦ୍ଧି ପାଇବା ସାଧାରଣରେ ଚିନ୍ତାର କାରଣ ପାଲଟିଲାଣି । ନିକଟରେ ଏହି ଧଳା ଜହର କାରବାରକୁ ନେଇ ଜଣେ ଯୁବକକୁ ପିଟି ପିଟି ହତ୍ୟା ବିଷୟ ଆଲୋଚନା ଥମି ନଥିଲା ବେଳେ ବୁଧବାର ବାଲିପାଟଣା ଛକରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହିତ ଜଣକୁ ଗିରଫ କରିଛି ଅବକାରୀ ବିଭାଗର ସ୍ପେଶାଲ ଟିମ । ବୁଧବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଟିମ ବାଲିପାଟଣା ଛକ ପ୍ରାଚୀ କଲ୍ୟାଣ ମଣ୍ଡପ ନିକଟରେ ଲୁଚି ରହିଥିବା ବେଳେ ସ୍ଥାନୀୟ ଗିରିଙ୍ଗ ଗ୍ରାମର ଜନୈକ ଯୁବକ ଆଉ ଜଣେ ଯୁବକ ସ୍କୁଟିରେ ଲିଫ୍ଟ ମାଗି ମଧୁବନ ଛକ ଅଭିମୁଖେ ଯାଉଥିବା ବେଳେ ଅବକାରୀ ଟିମ ମାଡି ବସିଥିଲା । ତନଖି ପରେ ତା ନିକଟରୁ ବିପୁଳ ଧଳା ଜହର ପ୍ୟାକେଟ ମିଳିଥିଲା । ଯାହାର ଅନୁମାନିକ ମୂଲ୍ୟ ୮ରୁ ୧୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଗାଡିର କାଗଜପତ୍ର ଦେଖାଇଲା ପରେ ସ୍କୁଟି ଚାଳକକୁ ଛାଡି ଦେଇଥିବା ବେଳେ ଜଣକୁ ଅଟକରକ୍ଷୀ ଅନୁସନ୍ଧାନ କରୁଛି ପୋଲିସ୍ ।

# ହତ୍ୟାକାଣ୍ଡର ଅଭିଯୁକ୍ତକୁ ନେଇ କ୍ରାଇମସିନ ରିକ୍ରିଏସନ
## ଏବେବି ମୁଖ୍ୟ ଅଭିଯୁକ୍ତ ଫେରାର

ନୟାଗଡ(ନିପ୍ର): ନୟାଗଡ ଜିଲ୍ଲା ଓଡଗାଁରେ ଯୁବକଙ୍କୁ ବିଭତ୍ସ ହତ୍ୟା ମାମଲାରେ କ୍ରାଇମ ସିନ ରିକ୍ରିଏସନ କରାଯାଇଛି । ଚାରି ଅଭିଯୁକ୍ତଙ୍କ ମଧ୍ୟରୁ ମାନସ ଓ ମହନ୍ତକୁ ନେଇ ହତ୍ୟାକାଣ୍ଡ ଘଟଣା ସ୍ଥଳରେ କ୍ରାଇମସିନ ରିକ୍ରିଏସନ କଲା ଓଡ଼ଗାଁ ପୋଲିସ । କେମିତି ହୋଇଥିଲା ହତ୍ୟାକାଣ୍ଡ ଗୋଟି ଗୋଟି କରି ସମସ୍ତ ଘଟଣା କହିଲା ଅଭିଯୁକ୍ତ । କ୍ରାଇମ ସିନ ରିକ୍ରିଏସନ ପରେ ଓଡ଼ଗାଁ କୋର୍ଟରେ ଅଭିଯୁକ୍ତ ମାନଙ୍କୁ ହାଜର କରାଇଲା ପୋଲିସ । ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି କହିଲେ ଓଡ଼ଗାଁ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ । ସୂଚନା ଅନୁଯାଇ ଓଡଗାଁ ଥାନା ଶିଳ୍ପୀନଗର ଅଂଚଳର ଜଣେ ଯୁବକ ବିରୋଧ କରିବା ସହ ଚାନ୍ଦା ମାଗିବାରୁ ୬ରୁ ୭ଜଣ ଯୁବକ ମିଶି ଅତି ନିର୍ମମ ଭାବେ ହାତ ଗୋଡ଼ କାଟି ଓଡ଼ଗାଁ କଦଳୀ ବନ୍ଧ ଛକଠାରେ ହତ୍ୟା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ମୃତକ ଜଣକ ହେଲେ ଅଜିତ ସାହୁ । ଏପଟେ ମୃତକଙ୍କ ପରିବାର ପକ୍ଷରୁ ରାସ୍ତା ରୋକ କରାଯାଇଥିଲା । ଫଳରେ ଉତ୍ତେଜନା ଦେଖାଯାଇଥିବା ବେଳେ ଖବରପାଇ ଘଟଣା ସ୍ଥଳରେ ଓଡଗାଁ ପୋଲିସ, ଏସଡିପିଓ, ଉପ ଆରକ୍ଷୀ ଅଧ୍ୟକ୍ଷକ ପହଞ୍ଚି ଘଟଣା ତଦନ୍ତ କରିବା, ବୁଝାସୁଝା କରିବା ସହିତ ପରିବାର ଲୋକଙ୍କ ଦାବି ଅନୁସାରେ ଲିଖିତ ଦେବା ପରେ ରାସ୍ତାରୋକ ହଟି ଥିଲା । ପରେ ଓଡ଼ଗାଁ ପୋଲିସ ଶବ ଜବତ କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟ ଶବଗୃହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏପଟେ ବିଭିନ୍ନ ଦିଗରୁ ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରି ଘଟଣାର ବ୍ୟବହୃତ ମରାଣାସ୍ତ୍ର ଏକ ଖଣ୍ଡା ସହ ୪୦୭ ଟ୍ରକ, ଏକ କାର ଜବତ କରିଥିଲା, ଆଜି ଏହି ଘଟଣାରେ ନେଇ କ୍ରଇମ ସିନ ରିକ୍ରିଏସନ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି । ଅନ୍ୟ ମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି ।



## ମାଡ ମାରି ଦୁଇ ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ମାଡ ମାରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସତ୍ୟବାଦୀ ମହାରଣା, କାହ୍ନୁ ଦାସ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ତା ୧୨.୦୫. ୨୦୨୬ ପ୍ରାୟ ରାତି ୦୩.୦୦ ଟା ସମୟରେ ଅଭିଯୋଗକାରୀ ବିଭୁ ପ୍ରସାଦ ଜେନା ନିର୍ମାଣ କାମ ପାଇଁ ବାଲି ଆଣିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ ମେଡିସିନ ଷ୍ଟୋର ନିକଟକୁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ ସତ୍ୟବାଦୀ ମହାରଣା, କାହ୍ନୁ ଦାସ ଏବଂ ସେମାନଙ୍କ ସହଯୋଗୀମାନେ ବାଲି ଗଦା ଉପରେ ବସିଥିଲେ । ଅଭିଯୋଗକାରୀ ସେମାନଙ୍କୁ ବାଲି ନେବା ପାଇଁ ସ୍ଥାନ ଛାଡିବାକୁ କହିବାରୁ ଅଭିଯୁକ୍ତମାନେ ମନା କରିବା ସହ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ବିରୋଧ କରିବାରୁ ଅଭିଯୁକ୍ତମାନେ ମାଡ ମାରି ତାଙ୍କୁ ଶାରୀରିକ ଭାବେ ଆକ୍ରମଣ କରିଥିଲେ । ଆକ୍ରମଣ ସମୟରେ ଅଭିଯୁକ୍ତ ସତ୍ୟବାଦୀ ମହାରଣା ଏବଂ କାହ୍ନୁ ଦାସ ଏକ ପଥର ଉଠାଇ ଅଭିଯୋଗକାରୀଙ୍କ ମୁଣ୍ଡକୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଅଭିଯୋଗକାରୀଙ୍କ ଚିତ୍କାର ଶୁଣି ତାଙ୍କ ପରିବାର ଲୋକମାନେ ଘଟଣାସ୍ଥଳକୁ ଆସିଥିବା ବେଳେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ବାପା ବିଷ୍ଣୁ ଜେନାଙ୍କୁ ମଧ୍ୟ ଗାଳିଗୁଲଜ କରି ଆକ୍ରମଣ କରିଥିଲେ । ଫଳରେ ଅଭିଯୋଗକାରୀ ଏବଂ ତାଙ୍କ ବାପା ଉଭୟ ଆହତ ହୋଇଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତମାନଙ୍କୁ ଅଟକ ରଖିଥିଲେ । ପରବର୍ତ୍ତୀ ସମୟରେ ଆହତମାନଙ୍କୁ ଚିକିତ୍ସା ପାଇଁ ମେଣ୍ଢାଶାଳ ସିଏଚସିକୁ ପଠାଯାଇଥିଲା ଏବଂ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣାଯାଇଥିଲା । ତଦନ୍ତ ସମୟରେ ଅଭିଯୁକ୍ତ ସତ୍ୟବାଦୀ ମହାରଣା ଏବଂ କାହ୍ନୁ ଦାସଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ଆଇନ ଅନୁଯାୟୀ ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଆସିକା(ନିପ୍ର): ଆସିକା କଳିଙ୍ଗ ରୋଡ଼ କଡ଼ରୁ ଅଜଣା ମୃତଦେହ ପୋଲିସ ଉଦ୍ଧାର କରଛି । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଘଟଣା ସ୍ଥଳରେ ଆସିକା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଆସିକା ସବଡ଼ିଭିଜନ ଡାକ୍ତରଖାନାକୁ ଆଣିଥିଲା । ଏଠାରେ କାର୍ଯ୍ୟରତ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏ ନେଇ ଆସିକା ଥାନା କେସ ନମ୍ବର ୧୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଶବ ବ୍ୟବଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଛି । ପ୍ରକାଶ ଥାଉକି ମୃତକ ଜଣକ ଜଣେ ମାନସିକ ବିକୃତ ବ୍ୟକ୍ତି ସେ କିଛି ଦିନ ହେବ ଆସିକା ଅଞ୍ଚଳରେ ଘୁରି ବୁଲୁଥିଲା । ସେ ଏକ ଫୁଲ ପ୍ୟାଣ୍ଟ ଓ ହାଫ ସାର୍ଟ ଓ ବେକରେ ଗୁଡିଏ ମାଳି ପିନ୍ଧିଥିଲେ ।

# ଯୁବକଙ୍କୁ ନିସ୍ତୁକ ପିଟିଲେ ୩ ଯୁବତୀ

- ପୋଲିସ ହସ୍ତକ୍ଷେପ ଫଳରେ ଶାନ୍ତ
- ଥାନାରେ ରିପୋର୍ଟ ନ ଦେବା ପାଇଁ ଧମକ ଚମକ

ନିମାପଡ଼ା(ନିପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ି ଥିବା ବେଳେ ପୋଲିସର ଜନ ସଂପର୍କ ବୃଦ୍ଧି ଉପରେ ଜନସାଧାରଣ ଗୁରୁତ୍ୱାରୋପ କରିଛନ୍ତି । ପୋଲିସ ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ଜନସାଧାରଣଙ୍କ ସହ ଉତ୍ତମ ସଂପର୍କ ରଖୁନଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥାଏ । ନିକଟରେ ନିମାପଡ଼ା ଥାନା ଅନ୍ତର୍ଗତ ଖେଳାର ବଜାର ନିକଟରେ ୩ ଜଣ ଯୁବତୀ ଏକ ସ୍କୁଟିରେ ଦ୍ରୁତ ଗତିରେ ରଏଡ୍ ବଜାର ଗ୍ରାମକୁ ଯାଉଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଜନୈକ ଯୁବକଙ୍କ ସହ ମୁହାଁମୁହିଁ ଧକ୍କା ହେବା ଦ୍ୱାରା ଯୁବକଙ୍କୁ ନିସ୍ତୁକ ମାଡ଼ ହେବା ନେଇ ସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି । କାହାର କୌଣସି କ୍ଷୟକ୍ଷତି ହୋଇନଥିଲେ ହେଁ ଯୁବତୀମାନଙ୍କ ମାଡ଼ରେ ଯୁବକ ଜଣଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ପ୍ରକାଶ । ଯୁବତୀମାନେ ଉକ୍ତ ଯୁବକଙ୍କୁ ନିର୍ଘୁମ୍ ମାଡ଼ ମାରିବା ଘଟଣା ସୋସିଆଲ୍ ମିଡ଼ିଆରେ ଭାଇରାଲ ହୋଇଥିଲା । ସ୍ଥାନୀୟ ବାସିନ୍ଦା ନିମାପଡ଼ା ଥାନାକୁ ଜଣାଇବା ପରେ ପୋଲିସ ଘଟଣା ଘଟିବାର ୪ ଘଣ୍ଟା ପରେ ପହଞ୍ଚି ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ । ପୋଲିସ ହସ୍ତକ୍ଷେପ ଫଳରେ ପରିସ୍ଥିତି ଶାନ୍ତ ପଡ଼ିଥିଲେ ହେଁ ଗ୍ରାମର କିଛି ଯୁବକ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଖବର ଦେଇଥିବା ଯୁବକଙ୍କୁ ଗାଳି ଗୁଲଜ କରିବା ସହିତ ହତ୍ୟା ଧମକ ଦେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ନିମାପଡ଼ା ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ପ୍ରତି କଡ଼ା ନଜର ରଖିଥିବା ସୂଚନା ମିଳିଛି । ହତ୍ୟା ଧମକ ଦେଇଥିବା ଯୁବକମାନେ ଖେଳାରରେ ବୁଲୁଥିବା ବେଳେ ଥାନାକୁ ଖବର ଦେଇଥିବା ଯୁବକ ଗ୍ରାମରୁ ଅନ୍ୟତ୍ର ପଳାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ । ନିମାପଡ଼ା ଥାନା ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ବେଳେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିପାରୁ ନାହିଁ । ଫଳରେ ରାସ୍ତା ଘାଟରେ ଅସାମାଜିକ ଯୁବକଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଳମ୍ବିତ ରାତିରେ କିଛି ଯୁବକ କୁଶଭଦ୍ରା ନଦୀପଠାରେ ବସି ଅସାମାଜିକ କାର୍ଯ୍ୟ ପାଇଁ ଯୋଜନା କରୁଥିବା ଖବର ପାଇ ନିମାପଡ଼ା ପୋଲିସ ପାଟ୍ରୋଲିଂକୁ ଜୋରଦାର କରିଥିବା ସୂଚନା ମିଳିଛି ।

## ଅଭିଯୋଗର ଏକ ମାସ ପରେ ମଧ୍ୟ ପୋଲିସ ହାତ ଖାଲି



ମାର୍ଶାଘାଇ(ନିପ୍ର): ଏହି ଥାନା ଅନ୍ତର୍ଗତ ବଡକୁଳ ପଞ୍ଚାୟତ ଘନଶ୍ୟାମପୁର ଗ୍ରାମର ମୃତ୍ୟୁଞ୍ଜୟ ସାମଲ, ପ୍ରୟାସ ପ୍ରଧାନଙ୍କୁ ସେହି ଗ୍ରାମର ରାଜେଶ ରାଉତ ଏବଂ ମନୋରଞ୍ଜନ ରାଉତ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ପ୍ରୟାସ ଓ ମୃତ୍ୟୁଞ୍ଜୟକୁ ପରିବାର ଲୋକେ ତୁରନ୍ତ ସ୍ଥାନୀୟ ମେଡିକାଲ ଏବଂ ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା କିନ୍ତୁ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ପ୍ରୟାସର ପରିବାର ଏବଂ ମୃତ୍ୟୁଞ୍ଜୟ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଘଟଣାକୁ ଏକ ମାସ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି । ଏନେଇ ପରିବାର ଲୋକେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଏକ ଅଭିଯୋଗ କରିଛନ୍ତି କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଦେଖିବାକୁ ବାକି ରହିଲା ମାର୍ଶାଘାଇ ପୋଲିସ କେବେ ପିଡୀତା ପରିବାରକୁ ନ୍ୟାୟ ପ୍ରଦାନ କରୁଛି ।

# ୧୫ ବର୍ଷର ଦାବି ଶୁଣିଲେ ରେଳ ବିଭାଗ

ବଲାଙ୍ଗିର, ୧୩/୫(ପିଆଇବି): ସ୍ୱାଧୀନତା ର ୭୯ ବର୍ଷ ପରେ ବଲାଙ୍ଗିରବାସୀ ବଲାଙ୍ଗିର ରେଳ ଷ୍ଟେସନରେ ଲିଫ୍ଟ ଟିଏ ପାଇ ବହୁତ ଖୁସି । ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଏହି ଖୁସିରେ କୃତଜ୍ଞତା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଙ୍କୁ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଜୀଙ୍କଙ୍କୁ ଏବଂ ସର୍ବୋପରି ସ୍ଥାନୀୟ ଲୋକସଭା ସାଂସଦ ସଂଗୀତା କୁମାରୀ ସିଂଦେଓ ଯେଉଁମାନଙ୍କର ଚେଷ୍ଟା ବଳରେ ଆଜି ବୟସ୍କ, ଶିଶୁ, ମହିଳା ଓ ରୋଗୀମାନେ କିଛିଟା ଆଶ୍ୱସ୍ତ ଲାଭ କରିଛନ୍ତି । ପୁଣି କୃତଜ୍ଞତା ଜଣାଇଛନ୍ତି ସ୍ଥାନୀୟ ରେଳ ଇଞ୍ଜିନିୟର ମନୋଜ ଓଝା ଏବଂ ତାଙ୍କ ଷ୍ଟାଫ୍‌ଙ୍କୁ, ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଗାରିମା ତିୱାରିଙ୍କୁ, ସମ୍ବଲପୁର ମଣ୍ଡଳର ପ୍ରବନ୍ଧକ ସୁଭାଷ ଚୌଧୁରିଙ୍କୁ ଏବଂ ଭୁବନେଶ୍ୱର ସ୍ଥିତ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲାଙ୍କୁ ଯେଉଁମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସଂପାଦନ ହେଉଛି । ବୁଧବାର ସକାଳୁ ରେଳ ଉପଭୋକ୍ତ ସଂଘ ତରଫରୁ ଶିବ ନାରାୟଣ ରଥ, ମୋତିଲାଲ ସାହୁ, କାର୍ଯ୍ୟକାରିଣୀ ସାହୁ ଦିବାକର ହୋତାଙ୍କ ସହ ସଂପାଦକ ବିମଲ ଚକ୍ରବର୍ତ୍ତି ଷ୍ଟେସନ ଲିଫ୍ଟରେ ୧ ନମ୍ବରୁ ରୁ ୩ ସମ୍ବରୁ ପ୍ଲାଟଫର୍ମକୁ ଯିବା ଆସିବା କରି ଖୁସି ଜାହିର କରିଛନ୍ତି ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା
# ୩୮ ନବ ଦମ୍ପତିଙ୍କୁ ଆଶୀର୍ବାଦ କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩ /୫(ନିପ୍ର):** ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ବୁଧବାର କେନ୍ଦୁଝର ଶଙ୍କରପୁର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ୩୮ଜଣ ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଡାକ୍ତର ପ୍ରିୟଙ୍କା ମାରାଣ୍ଡି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଗସ୍ତ ଅବସରରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲାରେ ଚାଲୁ ରହିଥିବା ବିକାଶମୂଳକ ପ୍ରକଳ୍ପ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ।

# ପୂର୍ବତନ ବିଧାୟକଙ୍କ ହୃଦ୍‌ଘାତରେ ପରଲୋକ



ବଲାଙ୍ଗିର, ୧୩ /୫(ନିପ୍ର): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ହାଜି ମହମ୍ମଦ ଆୟୁବ୍ ଖାଁଙ୍କର ବୁଧବାର ସକାଳ ପ୍ରାୟ ୮ ଟା ସମୟରେ ପରଲୋକ ଘଟିଛି। କଣ୍ଟାବାଞ୍ଜି ସ୍ଥିତ ବାସଭବନରେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୭୮ ବର୍ଷ ବୟସ ହୋଇଥିଲା। ତାଙ୍କର ବିୟୋଗ ଖବର ପ୍ରସାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହାଜି ମହମ୍ମଦ ଆୟୁବ୍ ଖାଁ କଣ୍ଟାବାଞ୍ଜି ରାଜନୀତିରେ ଜଣେ ଅପରାଜେୟ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ବିଜୁ ଜନତା ଦଳର ଜଣେ ଶକ୍ତିଶାଳୀ ସଂଗଠକ ଭାବେ ସେ ବଲାଙ୍ଗୀର ଜିଲ୍ଲା ରାଜନୀତିକୁ ପ୍ରଭାବିତ କରିଥିଲେ।୨୦୦୪ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମ କରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇ "ତ୍ରୟୋଦଶ ଓଡ଼ିଶା ବିଧାନ ସଭା"କୁ ନିର୍ବାଚିତ ହୋଇଥିଲେ । ସେହିପରି ୨୦୧୪ ମସିହାରେ ଦ୍ୱିତୀୟ ଥର କଣ୍ଟାବାଞ୍ଜିରୁ ବିଜେଡ଼ି ବିଧାୟକ ଭାବେ "ପଞ୍ଚଦଶ ବିଧାନସଭା"କୁ ନିର୍ବାଚିତ ହୋଇଥିଲେ ।

# ସଡ଼କ ଦୁର୍ଘଟଣା: ଜଣେ ମୃତ ୨ ଗୁରୁତର

ବେତନଟୀ, ୧୩/୫(ନିପ୍ର): ବେଆଇନ ପାର୍କିଂ ପାଇଁ ବଢ଼ୁଛି ଦୁର୍ଘଟଣା। ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ପାର୍କିଂ ପାଇଁ ଦୁର୍ଘଟଣା ବଢ଼ୁଥିବା ବେଳେ ଏ ଦିଗରେ ଆଖି ବୁଜି ଦେଇଛି ପ୍ରଶାସନ। ସେହିପରି ବୁଧବାର ରାତି ପ୍ରାୟ ୧୧ ଟା ସମୟରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି ମୟୁରଭଞ୍ଜ ଜିଲ୍ଲାର ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା କମଳା ତିରିଆ ଏବଂ ତାଙ୍କ ପୁଅ। ଚିକିତ୍ସାଧୀନ ଅବସ୍ଥାରେ ଗାଡ଼ିରେ ଥିବା ତାଙ୍କ ପୁତ୍ରବଧୂ ଦିପ୍ତୀରେଖାଙ୍କର ମୃତ୍ୟୁ ଘଟିଛି । ମଙ୍ଗଳବାର ସନ୍ଧ୍ୟାରେ ନିଜର କାରରେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ସମୟରେ ବାଲେଶ୍ୱରରୁ ବୈଶିଙ୍ଗା ୧୮ ନଂ ଜାତୀୟ ରାଜପଥ ଗଡ଼ଦେଉଳିଆ ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରଲର ପଛ ପଟୁ ତାଙ୍କ ଗାଡି ଧକ୍କା ଦେଇଥିଲା। ଫଳରେ ଗାଡିଟି ଭାରସାମ୍ୟ ହରାଇ ଡ଼ିଭାଇଡ଼ରରେ ପିଟି ହୋଇଥିଲା। ତେବେ ଗାଡ଼ିରେ ଥିବା କମଳା ଏବଂ ତାଙ୍କ ପୁଅ ଅଭିଷେକ ତିରିଆ ଓ ବୋହୁ ଗୁରୁତର ଆହତ ହୋଇଥିଲେ ।




ଭୁବନେଶ୍ୱର: ସିବିଏସଇ ବୋର୍ଡ଼ ପକ୍ଷରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ପରେ ଉତ୍‌ଫୁଲ୍ଲିତ ଛାତ୍ରଛାତ୍ରୀ (ଫଟୋ-ଦିନଲିପି)

# କୋଲାବିରାରେ ପଶ୍ଚିମ ଓଡ଼ିଶାର ପ୍ରଥମ 'ସ୍ୱୟଂ ସ୍ୱାସ୍ଥ୍ୟ ଏଟିଏମ୍' ଲୋକାର୍ପିତ

ଝାରସୁଗୁଡ଼ା, ୧୩/୫(ନିପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଶ୍ଚିମ ଓଡ଼ିଶାର ପ୍ରଥମ 'ସ୍ୱୟଂ ସ୍ୱାସ୍ଥ୍ୟ ଏଟିଏମ' ବୁଧବାର ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଏହି ଅତ୍ୟାଧୁନିକ ମେସିନର ଶୁଭାରମ୍ଭ କରିଥିଲେ।ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଅଞ୍ଚଳର ସାଧାରଣ ଲୋକମାନେ ଏବେ ମାଗଣାରେ ୧୦୮ ପ୍ରକାର ଡିଜିଟାଲ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ପାଇପାରିବେ। ଏହି ସେବା ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ଆବଶ୍ୟକ ଅର୍ଥ ବ୍ୟୟ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ସେ ଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇଥିଲେ। ବେଦମତର ସିଇଓ ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ ଯେ, ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏହି ସ୍ୱାସ୍ଥ୍ୟ ଏଟିଏମ ସ୍ଥାପିତ ହୋଇଛି। ଏହା ମାଧ୍ୟମରେ ବିପି, ସୁଗର, ଲିପିଡ୍ ପ୍ରୋଫାଇଲ୍, ଇସିଜି, ଚର୍ମ ରୋଗ ଓ କର୍କଟ ରୋଗ ସହିତ ୧୦୮ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସେହିପରି ଭିଡିଓ କଲ୍ ମାଧ୍ୟମରେ ଡାକ୍ତରଙ୍କ ସହ ପରାମର୍ଶ ସୁବିଧା ମଧ୍ୟ ରୋଗୀମାନେ ପାଇପାରିବେ।ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିଏମଓ ଡା. ସତ୍ୟଶେଖର ସେଠୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନିଲ ପଣ୍ଡା, କୋଲାବିରା ସିଏଚସି ଅଧୀକ୍ଷକ ଡା. ଘନଶ୍ୟାମ ସୋରେନ, ଡା. ସିଶୋଦ ବୁଢ଼ା, ବିଧାୟକ ପ୍ରତିନିଧି ରାଜେଶ ଦାଶ ଓ ସମାଜସେବୀ ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ମାଗଣାରେ ମିଳିବ ୧୦୮ ପ୍ରକାର ଡିଜିଟାଲ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା**

# ମାଙ୍ଗିପାଲି ଗ୍ରାମରେ ଧର୍ମାନ୍ତରଣକୁ ନେଇ ଅସନ୍ତୋଷ, ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି , ୧୩/୫(ନିପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଭେଙ୍କଟ ପାଲାମ ପଞ୍ଚାୟତର ମାଙ୍ଗିପାଲି ଗ୍ରାମରେ ଧର୍ମାନ୍ତରଣକୁ କେନ୍ଦ୍ର କରି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରାୟ ୨୫୦ ପରିବାର ଓ ପ୍ରାୟ ହଜାରେ ଲୋକସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ କିଛି ପରିବାର ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଏବଂ ଗ୍ରାମର ପାରମ୍ପରିକ ସଂସ୍କୃତି ଓ ପୂଜା ପରମ୍ପରାରେ ହସ୍ତକ୍ଷେପ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାହାର ଅଞ୍ଚଳ ଓ ଅନ୍ୟ ଭାଷାଭାଷୀ ଲୋକଙ୍କୁ ଗାଁକୁ ଡାକି ପ୍ରାର୍ଥନା ସଭା ଓ ଧାର୍ମିକ କାର୍ଯ୍ୟକ୍ରମ କରାଯାଉଛି । ଏହା ସହ ଗ୍ରାମର ପାରମ୍ପରିକ ଆଚାର, ବିଶ୍ୱାସ ଓ ସଂସ୍କୃତି ବିରୋଧରେ କଟୁକଥା କୁହା ଯାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି । ଏ ନେଇ ଆଜି ଗ୍ରାମର କିଛି ପ୍ରମୁଖ ବ୍ୟକ୍ତି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମରେ କେତେଜଣ ଖ୍ରୀଷ୍ଟଧର୍ମାବଲମ୍ବୀ ଅଛନ୍ତି ତାହା ସରକାରୀ ଭାବେ ସ୍ପଷ୍ଟ କରିବା ସହ ଗ୍ରାମର ପର୍ବପର୍ବାଣୀ, ଜନ୍ମ, ମୃତ୍ୟୁ, ବିବାହ, ଝିଅ ବଡ଼ ହେବା, ଚୈତି ପର୍ବ, ଆମ୍ବଖିଆ, ନୂଆଖାଇ ଓ ଅନ୍ୟାନ୍ୟ ପାରମ୍ପରିକ ସାମାଜିକ କାର୍ଯ୍ୟରେ ଅନାବଶ୍ୟକ ହସ୍ତକ୍ଷେପ ନ କରିବାକୁ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଲୋକଙ୍କୁ ପରାମର୍ଶ ଓ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

# ଭୁବନେଶ୍ୱରରେ ହେବ 'କଲରାପତ୍ରିଆ ବାଘ ସଂରକ୍ଷଣ' ଶୀର୍ଷକ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୩/୫(ପିଆଇବି):** କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବାଘ, ସିଂହ ଆଦି ପ୍ରଜାତିର ସଂରକ୍ଷଣ କ୍ଷେତ୍ରରେ ଭାରତର ନେତୃତ୍ୱକୁ ଦର୍ଶାଇବା ଏବଂ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସର ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସାରା ଦେଶରେ କେତେକ ବିଷୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ଭାରତର ପାଞ୍ଚଟି ଜଙ୍ଗଲୀ ବ୍ୟାଘ୍ର ପ୍ରଜାତି - ବାଘ, ଏସୀୟ ସିଂହ, କଲରାପତ୍ରିଆ, ବରଫାଞ୍ଚଳରେ ବାସ କରୁଥିବା ଚିତାବାଘ ଏବଂ ଚିତାମାନଙ୍କ ସଂରକ୍ଷଣ ସଂପର୍କରେ ଆୟୋଜନ ହେବ। ଏସବୁ କାର୍ଯ୍ୟକ୍ରମରେ ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ସଂରକ୍ଷଣରେ ଗ୍ରହଣ କରାଯାଇଥିବା ସଫଳତା, ଚ୍ୟାଲେଞ୍ଜ ଏବଂ ସହଯୋଗୀ ପ୍ରୟାସକୁ ପ୍ରଦର୍ଶନ କରିବ। ଏସବୁ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆୟୋଜନ କରାଯିବ। ଏହାର ଶୀର୍ଷକ ରହିବ କଲରାପତ୍ରିଆ ସଂରକ୍ଷଣ ଓ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମ । ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକ ହେଉଛି ଗୁଜରାଟର ଗିର୍‌ରେ ଏସୀୟ ସିଂହ ସଂରକ୍ଷଣ କାର୍ଯ୍ୟକ୍ରମ, ମଧ୍ୟପ୍ରଦେଶର ଭୋପାଳରେ ଚିତା ସଂରକ୍ଷଣ କାର୍ଯ୍ୟକ୍ରମ, ସିକିମର ଗ୍ୟାଙ୍ଗଟକ୍‌ରେ ତୁଷାର ଚିତାବାଘ ସଂରକ୍ଷଣ କାର୍ଯ୍ୟକ୍ରମ ଓ ମହାରାଷ୍ଟ୍ର ଚନ୍ଦ୍ରପୁରରେ ବାଘ ସଂରକ୍ଷଣ କାର୍ଯ୍ୟକ୍ରମ। ଏହି ପ୍ରାକ-ଶିଖର ସମ୍ମିଳନୀ କାର୍ଯ୍ୟକ୍ରମଗୁଡ଼ିକ ସଚେତନତାର ପ୍ରସାର, ଅଂଶୀଦାରଙ୍କ ସମ୍ପୃକ୍ତିକୁ ସୁଦୃଢ଼ କରିବା ଏବଂ ଭାରତ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ଅଧୀନରେ ଭାରତର ସଂରକ୍ଷଣ ସଫଳତା କାହାଣୀକୁ ଦର୍ଶାଇବା ପାଇଁ ଡିଜାଇନ୍ କରାଯାଇଛି। ଏସବୁ କାର୍ଯ୍ୟକ୍ରମଗୁଡ଼ିକ ଏହା ମଧ୍ୟ ଦର୍ଶାଇବେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଭାରତର ନେତୃତ୍ୱରେ କିପରି ଆଇବିସିଏ ପରି ଏକ ବୈଶ୍ୱିକ ମେଣ୍ଟ ସ୍ଥାପନ ହୋଇପାରିଛି। ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା କଲରାପତ୍ରିଆ ବାଘ ସଂରକ୍ଷଣ ଓ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମର ଶୀର୍ଷକ ରହିବ 'ମାନବ ଅଧ୍ୟୁଷିତ ବାତାବରଣରେ ସହାବସ୍ଥାନ'। ସାରା ଭାରତର ସର୍ବାଧିକ ବିସ୍ତୃତ ଅଂଚଳରେ ରହୁଥିବା ବ୍ୟାଘ୍ର ପ୍ରଜାତି ହେଉଛି କଲରାପତ୍ରିଆ ବାଘ। ସେମାନେ ପ୍ରାୟତଃ ମାନବ ବସତି ନିକଟବର୍ତ୍ତୀ ଅଞ୍ଚଳରେ ବାସ କରନ୍ତି। କଲରାପତ୍ରିଆଙ୍କ ସଂରକ୍ଷଣ ପାଇଁ କାର୍ଯ୍ୟକାରୀ ହୋଇଥିବା ପ୍ରମୁଖ ପଦକ୍ଷେପ ମଧ୍ୟରେ ରହିଛି ମାନବ-ବନ୍ୟପ୍ରାଣୀ ସଂଘର୍ଷ ପ୍ରଶମନ କାର୍ଯ୍ୟକ୍ରମ ଏବଂ ଦ୍ରୁତ ପ୍ରତିକ୍ରିୟା ଦଳ, ଉଦ୍ଧାର ଏବଂ ପୁନର୍ବାସ ଭିତ୍ତିଭୂମିକୁ ସୁଦୃଢ଼ କରିବା, ସହାବସ୍ଥାନକୁ ପ୍ରୋତ୍ସାହିତ କରୁଥିବା ଜନସଚେତନତା ଅଭିଯାନ, ବନ ବିଭାଗର ଆଗଧାଡ଼ିର କର୍ମଚାରୀଙ୍କ ପାଇଁ କ୍ଷମତା-ନିର୍ମାଣ କାର୍ଯ୍ୟ, ସଂଘର୍ଷପ୍ରବଣ ବ୍ୟକ୍ତିମାନଙ୍କୁ ଟ୍ରାକ୍ ଏବଂ ନିରୀକ୍ଷଣ କରିବା ପାଇଁ ପ୍ରଯୁକ୍ତିର ବ୍ୟବହାର। ଓଡ଼ିଶାର ଜୈବ ବିବିଧତା ସଂରକ୍ଷଣ ପଦକ୍ଷେପଗୁଡ଼ିକ ଇକୋସିଷ୍ଟମ ପୁନରୁଦ୍ଧାର ଏବଂ ସାମୁଦାୟିକ ଅଂଶଗ୍ରହଣ ସହିତ ଆନ୍ତରିକ ଭାବରେ ଜଡିତ ରହିଛି।

# ପେଟ୍ରୋଲ ଓ ଡିଜେଲ ଦାମ୍ ବଢ଼ିପାରେ: ମାଲହୋତ୍ରା

ମୁମ୍ବାଇ,୧୩।୫: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ କହିଛନ୍ତି ଯଦି ମଧ୍ୟପ୍ରାଚ୍ୟରେ ସଙ୍କଟ ଅଧିକ ଲମ୍ବା ହୁଏ, ତେବେ ଏଭଳି ସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଦାମ୍‌ରେ ବୃଦ୍ଧି ଦେଖିବାକୁ ମିଳିପାରେ। ସେ କହିଛନ୍ତି, ବିଶ୍ୱର ମୋଟ ଆବଶ୍ୟକତାର ପ୍ରାୟ ୨୦% ତୈଳ ଆମଦାନୀ ପାଇଁ ଦାୟୀ ହର୍ମୁଜ ଷ୍ଟ୍ରେଟ୍ ବନ୍ଦ ହେବା ଦ୍ୱାରା ସପ୍ଲାଇ ଚେନ୍ ପ୍ରଭାବିତ ହୋଇଛି।

# ତିରିଂରେ ଡବଲ ମର୍ଡର

ରାଇରଙ୍ଗପୁର,୧୩।୫: ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ କୁଲୁଘୁଟୁ ଗ୍ରାମରେ ଘଟିଛି ଡବଲ ମର୍ଡର । ମାନସିକ ବିକାର ଗ୍ରସ୍ତ ଥିବା ଜଣେ ଯୁବକ, ଶାବଳରେ ଅତି ନୃଶଂସ ଭାବରେ ଆକ୍ରମଣ କରି ଦୁଇ ଜଣଙ୍କୁ ହତ୍ୟା କରିଛି । ମୃତ ଦୁଇ ଜଣ ହେଲେ କୁଲୁଘୁଟୁ ଗ୍ରାମର ଗୋପୀନାଥ ସର୍ଦ୍ଦାର (୬୨) ଓ ବୁଦ୍ଧେଶ୍ୱର ରଣା (୪୮) । ଅଭିଯୁକ୍ତ ଜଣକ ହେଲା ସେହି ଗ୍ରାମର ମୋଚକା ଆଲଦା (୨୮) । ତେବେ କେଉଁ କାରଣରୁ ଅଭିଯୁକ୍ତ ସେମାନଙ୍କୁ ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନାହିଁ ।ସୂଚନା ଅନୁସାରେ, ବୁଧବାର ସକାଳ ପ୍ରାୟ ୮.୩୦ରୁ ୯.୦୦ଟା ସମୟରେ ମାନସିକ ବିକାର ଗ୍ରସ୍ତ ଥିବା ଅଭିଯୁକ୍ତ ମୋଚକା ଆଲଦା, ନିଜ ଘର ସମ୍ମୁଖରେ ଠିଆ ହୋଇଥିଲା । ସେହି ବାଟ ଦେଇ ଗୋପୀନାଥ ସର୍ଦ୍ଦାର ଓ ବୁଦ୍ଧେଶ୍ୱର ରଣା, ତିରିଂ ବଜାରରୁ ନିଜ ଘରକୁ ଫେରୁଥିଲେ । ସେମାନେ ଆସୁଥିବା ଦେଖି ମୋଚକା ସେମାନଙ୍କୁ ଲୁହା ଶାବଳରେ ଆକ୍ରମଣ କରିଥିଲା ।

# ରୋଗୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ

କୁଚିଣ୍ଡା, ୧୩/୫(ନିପ୍ର): କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡାକ୍ତର ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରିବା ସହିତ ଖରାପ ବ୍ୟବହାର କରୁଛନ୍ତି । ଏହାଛଡା ସେ ତାଙ୍କ କ୍ଲିନିକକୁ ଡାକି ଖର୍ଚ୍ଚାନ୍ତରେ ପକାଉଥିବା ଏସଡିଏମଓଙ୍କଠାରେ ରୋଗୀମାନେ ଅଭିଯୋଗ କରିଛନ୍ତି। କୁଚିଣ୍ଡା ଭେଷଜ ବିଭାଗରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା କିଛି ରୋଗୀ ଏବଂ ତାଙ୍କର ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି ଯେ, ଭେଷଜ ବିଶେଷଜ୍ଞ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ପାଇଁ ତାଙ୍କର କ୍ଲିନିକକୁ ଯିବା ଓ ସେଠାରୁ ଔଷଧ ନେବା ପାଇଁ ବାଧ୍ୟ କରୁଛନ୍ତି। ଯେଉଁ ରୋଗୀ ତାଙ୍କ କଥା ମାନିବେ ନାହିଁ ତାଙ୍କୁ ସେ ଠିକ ଭାବରେ ଚିକିତ୍ସା କରୁନାହାନ୍ତି। ଏପରିକି ସେମାନଙ୍କୁ ସେ ଖରାପ ବ୍ୟବହାର ମଧ୍ୟ ପ୍ରଦର୍ଶନ କରୁଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

**AFFIDAVIT**

By virtue of an affidavit No-24877 before the Executive Magistrate, Dharamgarh dt- 12/05/2026 have changed my son name from as per Aadhaar Suresh Majhi to Roshan Majhi he shall be known as "Roshan Majhi" for all purposes.

**ସତ୍ୟପାଠ**

ଏତଦ୍ୱାରା ନୋଟାରୀ ପବ୍ଲିକ ରଣପୁରଙ୍କ ସମ୍ମୁଖରେ ତା.୧୨.୦୫.୨୦୨୬ରେ ଏକ ସତ୍ୟପାଠ ଅନୁଯାୟୀ, ମୁଁ ସନ୍ତୋଷ କୁମାର ବଳିଆରସିଂ ପୁତ୍ର ସ୍ୱର୍ଗତ ବିରଚିଂ ନାରାୟଣ ବଳିଆରସିଂହ, ସ୍ଥାନ-ବାଗଲ, ପୋ-ଲୋଧାଚୁଆ, ପୋ-ରଣପୁର, ଜିଲ୍ଲା-ନୟାଗଡ ଏଠାରେ ଘୋଷଣା କରୁଛି ଯେ, ୦୨.୦୨.୨୦୨୬ ତାରିଖରେ ମୁଁ ଆମ ଗାଁରୁ ମୋ ବାଇକ୍ ଯୋଗେ ରଣପୁର ଆସୁଥିବା ସମୟରେ ଲୋଧଚୁଆ ଛକରୁ ଚମ୍ପାପତିପୁର ମଧ୍ୟରେ ମୋର ବ୍ୟାଗ ହଜି ଯାଇଥିଲା । ଯେଉଁଥିରେ ମୋର ବିକ୍ରୟ ଡିଡ୍ ସହିତ କିଛି ଡକ୍ୟୁମେଂଟ ନଂ.୧୧୪୧୧ ୪୦୦୩୮ ୨/୩୭୩ ରଖାଯାଇଥିଲା । ମୋର ସର୍ବୋତମ ଚେଷ୍ଟା ସତ୍ତ୍ୱେ ମୁଁ ଏହାକୁ ଆଜି ପର୍ଯ୍ୟନ୍ତ ଖୋଜି ପାରିଲି ନାହିଁ । ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ଡକ୍ୟୁମେଂଟ ପା'ନ୍ତି ତେବେ ମୋ ମୋବାଇଲ ନଂ୬୩୭୦୨୪୫୭୮୦ରେ ଯୋଗାଯୋଗ କରିବାକୁ ଅନୁରୋଧ ।

ସ୍ୱା/-ସନ୍ତୋଷ କୁମାର ବଳିଆରସିଂହ

# କେମିକାଲ ଓ ଉତ୍ପାଦ ପ୍ରସ୍ତୁତ ଫ୍ୟାକ୍ଟ୍ରିରେ ଭୟାନକ ଅଗ୍ନିକାଣ୍ଡ



**ହିଞ୍ଜିଳିକାଟୁ,୧୩।୫(ନିପ୍ର):** ବୁଧବାର ଭୋର୍ ସମୟରେ ହିଞ୍ଜିଳି ଥାନା ତଥା କାଟୁ ପୌରାଞ୍ଚଳ ୧୬ - ନଂ ୱାର୍ଡ ଜାନୀ ନଗରଠାରେ ଥିବା ଏକ କେମିକାଲ ଓ ବୈଦ୍ୟୁତିକ ଉତ୍ପାଦ ପ୍ରସ୍ତୁତି ଫ୍ୟାକ୍ଟ୍ରି ଦେଖିବାକୁ ମିଳିଛି ଭୟାନକ ଅଗ୍ନିକାଣ୍ଡ। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ ୪ଟି ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରାୟ ୪ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ କରିଥିଲେ। ପ୍ରଥମ ଥର ପାଇଁ ହିଞ୍ଜିଳିକାଟୁ ସହରରେ ଏଭଳି ଭୟାନକ ଅଗ୍ନିକାଣ୍ଡ ଘଟି କୋକୁଆ ଭୟ ସୃଷ୍ଟି କରିଛି। ନିଆଁକୁ ଦେଖି ସାହି ପଡ଼ୋଶୀ ଲୋକେ ସତର୍କ ହୋଇଯିବା ଫଳରେ ଭୟଙ୍କର ଅଗ୍ନିକାଣ୍ଡରେ କେହି ବି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଭୟାନକ ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜଳି ପାଉଁଶ ହେବା ସହ ୨ଟି ଚାରି ଚକିଆ ଗାଡି ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ନିଆଁର ଭୟାବହତା ଏତେ ତିବ୍ରତର ଥିଲା ଯେ ଫ୍ୟାକ୍ଟ୍ରିକୁ ଲାଗିଥିବା ପଡୋଶୀ ସୁକାନ୍ତୀ ସ୍ୱାଇଁଙ୍କ ୨ ଘର ଛାତ ଫାଟି ଯିବା ସହ ଘରର ମୂଲ୍ୟବାନ ଆସବାବପତ୍ର, ବୈଦ୍ୟୁତିକ ଉପକରଣ, ପାଣିଟାଙ୍କି, ପାଣି ପାଇପ୍ ପୋଡି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ।

# ନୂତନ ଡିଏଫ୍‌ଓ ଦାୟିତ୍ୱ ନେଲେ ରବି ମୀନା

ରାଉରକେଲା ୧୩/୫(ନିପ୍ର): ରାଉରକେଲାର ନୂତନ ଡିଏଫ୍‌ଓ ଭାବରେ ରବି ମୀନା ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଡିଏଫଓ ଯଶୋବନ୍ତ ସେଠୀଙ୍କ ସ୍ଥାନରେ ରବି ମୀନା ମଙ୍ଗଳବାର ରାଉରକେଲା ବନଖଣ୍ଡର ବନଖଣ୍ଡ ଅଧିକାରୀ(ଡିଏଫଓ) ଭାବରେ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଦାୟିତ୍ୱ ହସ୍ତାନ୍ତର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦାୟିତ୍ୱ ଗ୍ରହଣ କରିବା ପରେ, ନବନିଯୁକ୍ତ ଡିଏଫଓ ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସମଗ୍ର ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ, ବନ୍ୟପ୍ରାଣୀ ସଂରକ୍ଷଣ, ବନୀକରଣ କାର୍ଯ୍ୟକଳାପ ଏବଂ ସ୍ଥାୟୀ ପରିବେଶ ପରିଚାଳନାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ସମ୍ପ୍ରଦାୟ ଏବଂ ଅଂଶୀଦାରମାନଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ସହିତ ବିଭିନ୍ନ ଜଙ୍ଗଲ ଏବଂ ପରିବେଶଗତ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପ୍ରତି ସେ ତାଙ୍କର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ବିଦାୟୀ ଡିଏଫଓ ଯଶୋବନ୍ତ ସେଠୀ ମଧ୍ୟ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତାଙ୍କର ଅଭିଜ୍ଞତା ବାଣ୍ଟିଥିଲେ ଏବଂ ନୂତନ ଅଧିକାରୀଙ୍କୁ ଦାୟିତ୍ୱର ସଫଳ ନିର୍ବାହ ପାଇଁ ଶୁଭକାମନା ଜଣାଇଥିଲେ। ଶ୍ରୀ ସେଠି ଅଞ୍ଚଳରେ ଜଙ୍ଗଲ ସମ୍ପଦ ସଂରକ୍ଷଣ ଏବଂ ପରିବେଶଗତ ସନ୍ତୁଳନ ବଜାୟ ରଖିବା ପାଇଁ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ସାମୂହିକ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଶ୍ରୀ ସେଠି କହିଛନ୍ତି ଯେ, ତାଙ୍କ କାର୍ଯ୍ୟକାଳରେ ହାତୀଙ୍କ ଜୀବନ ରକ୍ଷା ପାଇଁ ଏଆଇ ପ୍ରଯୁକ୍ତିବିଦ୍ୟା ସ୍ଥାପନ ବିଭାଗର ଏକ ପ୍ରମୁଖ ସଫଳତା ଥିଲା।



# ଖୁବ୍‌ଶୀଘ୍ର ଗଡ଼ିବ ପୁରୀ-କୋରାପୁଟ ଏକ୍ସପ୍ରେସ୍; ୧୯ ଷ୍ଟେସନରେ ରହଣି

**ଭୁବନେଶ୍ୱର, ୧୩/୫(ପିଆଇବି):** ଓଡ଼ିଶାର ରେଳ ସଂଯୋଗୀକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ରେଳ ମନ୍ତ୍ରଣାଳୟ ପକ୍ଷରୁ ପୁରୀ ଏବଂ କୋରାପୁଟ ମଧ୍ୟରେ ଏକ ନୂତନ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ନୂତନ ଟ୍ରେନ୍ (ନମ୍ବର ୧୮୪୦୭/ ୧୮୪୦୮ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍) ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ। ଏହାଦ୍ୱାରା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ସଂଯୋଗୀକରଣ ବୃଦ୍ଧି ପାଇବା ସହ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଏବଂ ଆଞ୍ଚଳିକ ସୁଗମତା ମିଳିପାରିବ। ଏହି ଟ୍ରେନ୍ ପ୍ରଚଳନ ଦ୍ୱାରା ପୁରୀ, ଭୁବନେଶ୍ୱର ଏବଂ ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ମଧ୍ୟରେ ଏକ ସିଧାସଳଖ ଏବଂ ସୁବିଧାଜନକ ରେଳ ସଂଯୋଗ ପାଇଁ ଅନେକ ଅବହେଳିତ ଅଞ୍ଚଳର ଲୋକମାନଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି। ଏହି ଟ୍ରେନ୍ ସେବା ତୀର୍ଥସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି, ପର୍ଯ୍ୟଟନ ଏବଂ ବ୍ୟାବସାୟିକ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ ସଂଯୋଗ



ଯୋଗାଇଦେବ। ଏହି ନୂତନ ସେବା ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଏବଂ କୋରାପୁଟ ଭଳି ପ୍ରମୁଖ ଜିଲ୍ଲାଗୁଡ଼ିକ ଦେଇ ଗତି କରିବ ଏବଂ ଏହି ଅଞ୍ଚଳର ଯାତ୍ରୀମାନଙ୍କୁ ଉପକୃତ କରିବ। ଏହା ବିଶେଷ କରି କେବିକେ ଅଞ୍ଚଳର ଜିଲ୍ଲାଗୁଡ଼ିକ ସହିତ ସଂଯୋଗକୁ ସୁଦୃଢ଼ କରିବ ଏବଂ ରାଜ୍ୟର ପ୍ରମୁଖ ଶିକ୍ଷା, ଚିକିତ୍ସା ଓ ପ୍ରଶାସନିକ କେନ୍ଦ୍ରଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚିବା ସହଜ କରିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୋଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ରହଣି କରିବ। ଏହି ନୂତନ ଟ୍ରେନ୍ ଉପକୂଳ ଓଡ଼ିଶା ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ମଧ୍ୟରେ ଯାତାୟାତରେ ଉନ୍ନତି ଆଣି ଆଞ୍ଚଳିକ ସମନ୍ୱୟ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ସେବା ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଏବଂ କୋରାପୁଟ ଓ ରାୟଗଡ଼ାର ମନୋରମ ତଥା ଆଦିବାସୀ ଅଞ୍ଚଳ ଭ୍ରମଣରେ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ଏକ ନିରନ୍ତର ସଂଯୋଗ ପ୍ରଦାନ କରିବ।

# ବିନା ଟ୍ରାଞ୍ଜିଟ୍ ପାସରେ ବାଲି ଚୋରାଚାଲାଣ, ହାଇୱା ଜବତ

ହିଞ୍ଜିଳିକାଟୁ, ୧୩।୫ (ନି.ପ୍ର ): ହିଞ୍ଜିଳିକାଟୁ ଓ ଆସିକା ଅଞ୍ଚଳ ଦେଇ ପ୍ରବାହିତ ଘୋଡାହାଡ ଓ ଋଷିକୂଲ୍ୟା ନଦୀରୁ ପ୍ରତ୍ୟହ ବାଲି ଚୋରାଚାଲାଣ ହେଉଥିବା ନଜିର ରହିଛି । ମାଲି ମାଫିଆ ମାନେ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ପ୍ରତ୍ୟହ ରାତିରେ ଶହ ଶହ ହାଇୱା, ଟିପ୍ପର, ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ କରୁଥିବା ନିତିଦିନିଆ ଘଟଣା ପାଲଟିଛି । ପୁଲିସ ଓ ରାଜସ୍ୱ ପ୍ରଶାସନ ପକ୍ଷରୁ ରାତିଅଧିଆ ଚଢାଉ କରାଯାଉଥିଲେ ମଧ୍ୟ ବାଲି ମାଫିଆ ମାନେ ଚୋରା ବାଟ ଦେଇ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ବିଳମ୍ବିତ ରାତିରେ ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ର କୁକୁଡାଖଣ୍ଡି ଠାରୁ ହିଞ୍ଜିଳିକାଟୁ ଅଭିମୁଖେ ଫେରୁଥିଲେ। ସେହି ସମୟରେ ଖରିଡା ଋଷିକୂଲ୍ୟା ନଦୀରୁ ବାଲି ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଏକ ହାଇୱା (ଓଡି୦୭ଏକ୍ୟୁ ୭୭୭୧) ଯାଉଥିଲା । ହିଞ୍ଜିଳି ଥାନା ଚୈତନ୍ୟପଡା ପେଟ୍ରୋଲ ପମ୍ପ ନିକଟରେ ତହସିଲଦାର ସଂପୃକ୍ତ ବାଲିବୋଝେଇ ହାଇୱାକୁ ଅଟକାଇବା ସହ ବାଲି ପରିବହନ କରୁଥିବା ନେଇ ଟ୍ରାଞ୍ଜିଟ୍ ପାସ୍ ମାଗିଥିଲେ । ବିନା ଟ୍ରାଞ୍ଜିଟ୍ ପାସରେ ବାଲି ପରିବହନ ଜଣାପଡିବା ପରେ ସଂପୃକ୍ତ ବାଲି ବୋଝେଇ ହାଇୱାକୁ ଜବତ କରଯାଇଛି । ଆଗାମୀ ଦିନରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଗାଡି ଗୁଡିକ ଉପରେ ଚଢାଉ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ତପନ କୁମାର ମହାପାତ୍ର କହିଛନ୍ତି ।

**AFFIDAVIT**

By virtue of an affidavit before The Executive Magistrate, on 20/04/2026, I Smt.Palia Rout W/O-Rabindra Kumar Rout of village-Mardarajpur P.O-Khalisahi P.S.-Khandapada Dist-Nayagarh declare that ,in my LIC Policy vide no-849653470,my name has been wrongly mentioned as Anusaya Rout W/O-Rabindra Kumar Rout.,Smt Palia Rout @Anusaya Rout W/O-Rabindra Kumar Rout is one and same person.This fact is true and necessary to the authority concerned.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ